# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୨/୨୦୨୧ (୧୨ ପୃଷ୍ଠା) | Bhubaneswar, Tuesday, June 22/2021 | ★★★★

୪୭ଶ ଭାଗ ୨୦୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ₹୭/-




## ଦୀପ୍‌ଗ୍ରେସ୍ ଭାରତୀୟ ମହିଳା ହକି ଦଳର ଉପ ଅଧିନାୟିକା

ଟୋକିଓ ଅଲିମ୍ପିକ୍ସ ପାଇଁ ଷ୍ଟ୍ରାଇକର ରାଣୀ ରାମପାଲ ଭାରତୀୟ ମହିଳା ହକି ଦଳର ଅଧିନାୟିକା ଏବଂ ଓଡ଼ିଶାର ଦୀପ୍‌ଗ୍ରେସ୍ ଏକ୍କା ଓ ହରିୟାଣାର ସବିତା ପୁନିଆ ଉପ ଅଧିନାୟିକା ଭାବେ ମନୋନୀତ ହୋଇଛନ୍ତି।

୧୨

# ମୂଲ୍ୟାୟନ ସୂତ୍ରକୁ ବିରୋଧ

**ନୂଆଦିଲ୍ଲୀ, ୨୧।୬**

କରୋନା ଯୋଗୁ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ବାତିଲ ହୋଇଥିବାବେଳେ ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇର ଫଳାଫଳ ମୂଲ୍ୟାୟନ ସୂତ୍ରକୁ ନେଇ କେତେଜଣ ଛାତ୍ରୀଛାତ୍ର ଓ ଅଭିଭାବକ ଚିନ୍ତା ପ୍ରକଟ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦ୍ୱାଦଶ ଶ୍ରେଣୀ ଫଳାଫଳ ମୂଲ୍ୟାୟନ ପାଇଁ ସିବିଏସ୍‌ଇ ଏବଂ ଆଇସିଏସ୍‌ଇ ଯୋଜନାରେ ରହିଥିବା ଅଧିକାଂଶ ଅନୁଚ୍ଛେଦ ଏକପାଖିଆ ଏବଂ ଏହା ପିଲାମାନଙ୍କ ଭବିଷ୍ୟତ ସମ୍ଭାବନାକୁ କ୍ଷତି ପହଞ୍ଚାଇବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଆବେଦନ ଉପରେ ସୋମବାର ଶୁଣାଣି କରି ଉଭୟ ସିବିଏସ୍‌ଇ ଏବଂ ସିଆଇଏସ୍‌ସିଇ ବୋର୍ଡକୁ ମଙ୍ଗଳବାର ସୁଦ୍ଧା ଜବାବ ଦାଖଲ କରିବାକୁ ସୁପ୍ରିମକୋର୍ଟ ଜଷ୍ଟିସ୍ ଏ.ଏମ୍. ଖାନ୍‌ୱିଲକର ଏବଂ ଦୀନେଶ ମାହେଶ୍ୱରୀଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ କହିଛନ୍ତି। ଏହି ମାମଲାରେ ବିଚାରାଧୀନ ସମସ୍ତ ପିଟିଶନର ଶୁଣାଣି ମଙ୍ଗଳବାର ହେବ। କେତେକ ପିଟିଶନରେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ବାତିଲ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଥିବାବେଳେ ଅନ୍ୟ ପିଟିଶନରେ ଉଭୟ ବୋର୍ଡର ମୂଲ୍ୟାୟନ ସୂତ୍ରକୁ ବିରୋଧ କରାଯାଇଛି।

ଅନ୍ୟପକ୍ଷରେ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ଫଳାଫଳ ଲାଗି ମୂଲ୍ୟାୟନ ସୂତ୍ରରେ ସଂଶୋଧନ କରାଯାଇଥିବା ସିବିଏସ୍‌ଇ ଏବଂ ସିଆଇସିଏସ୍‌ଇ କର୍ତ୍ତୃପକ୍ଷ ସୋମବାର ସର୍ବୋଚ୍ଚ ଅଦାଲତଙ୍କୁ ସତ୍ୟପାଠ ମାଧ୍ୟମରେ ଜଣାଇଛନ୍ତି।



### ଦ୍ୱାଦଶ ଶ୍ରେଣୀ ଫଳାଫଳ

- ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହେଲେ ଛାତ୍ର, ଅଭିଭାବକ
- ସଂଶୋଧନ ନେଇ କୋର୍ଟଙ୍କୁ ଜଣାଇଲେ ସିବିଏସ୍‌ଇ, ସିଆଇଏସ୍‌ସିଇ
- ଫଳକୁ ନେଇ ଅସନ୍ତୁଷ୍ଟ ଛାତ୍ରୀଛାତ୍ର ପରୀକ୍ଷା ଦେଇପାରିବେ

ଛାତ୍ରୀଛାତ୍ରମାନଙ୍କ ଠାରୁ କୌଣସି ପ୍ରତିବାଦ ଆସିଲେ ତାହାର ସମାଧାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଉଭୟ ବୋର୍ଡ କହିଥିଲେ। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ବିବାଦ ସମାଧାନ ପାଇଁ ଏକ ଧାରା ସଂଯୋଗ କରିଛି। ଏହି ଧାରା ଅନୁଯାୟୀ ଫଳାଫଳ ହିସାବକୁ ନେଇ ବିବାଦ ଉପୁଜିଲେ, ଏହାର ସମାଧାନ ଲାଗି ବୋର୍ଡ ଦ୍ୱାରା ନିଯୁକ୍ତ କମିଟିକୁ ପଠାଯିବ। ଫଳାଫଳ ଘୋଷଣା ପରେ ଯଦି ଛାତ୍ରୀଛାତ୍ର ଏଥିରେ ସନ୍ତୁଷ୍ଟ ନ ହୁଅନ୍ତି, ତେବେ ସେମାନେ ପରେ ପରୀକ୍ଷା ଦେଇପାରିବେ। ପରୀକ୍ଷା ପାଇଁ ବୋର୍ଡ ପକ୍ଷରୁ ଅନ୍‌ଲାଇନ ନାମ ପଞ୍ଜୀକରଣ ସୁବିଧା ଯୋଗାଇ ଦିଆଯିବ। ସୁପ୍ରିମକୋର୍ଟଙ୍କ ଗତ ୧୭ ତାରିଖ ନିର୍ଦ୍ଦେଶ ଅନୁଯାୟୀ ବିବାଦ ସମାଧାନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସିବିଏସ୍‌ଇ ଘୋଷଣା କରିଥିବା ଚୂଡ଼ାନ୍ତ ଫଳାଫଳରେ ସଂଶୋଧନ ପାଇଁ ଛାତ୍ରୀଛାତ୍ର ଆବେଦନ କଲେ ତାହାର ସମାଧାନ କରାଯିବ। ମହାମାରୀ ସ୍ଥିତିରେ ସୁଧାର ଆସିଲେ ଇଚ୍ଛାଧୀନ ପରୀକ୍ଷା ହେବ। ପରୀକ୍ଷା ତାରିଖ ସମ୍ପର୍କରେ ପୂର୍ବରୁ ଜଣାଇଦେବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। କେବଳ ମୁଖ୍ୟ ବିଷୟର ପରୀକ୍ଷା ହେବ। ପରୀକ୍ଷାରେ ପିଲା ରଖିଥିବା ନମ୍ବରକୁ ଚୂଡ଼ାନ୍ତ ଧରାଯିବ ବୋଲି ସିବିଏସ୍‌ଇ ସର୍ବୋଚ୍ଚ ଅଦାଲତରେ ଦାଖଲ କରିଥିବା ସତ୍ୟପାଠରେ କହିଛି। ୨୦୨୧ ଜୁଲାଇ ୩୧ ସୁଦ୍ଧା ଚଳିତ ବର୍ଷର ଦ୍ୱାଦଶ ଫଳାଫଳ ଘୋଷଣା ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଫଳକୁ ନେଇ ଅସନ୍ତୁଷ୍ଟ ପିଲାଙ୍କ ପାଇଁ ପରୀକ୍ଷା ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୧୫ ମଧ୍ୟରେ ଯେକୌଣସି ସମୟରେ ହେବ ବୋଲି ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସନ୍ୟମ ଭରଦ୍ୱାଜ ଦାଖଲ କରିଥିବା ☞ପୃଷ୍ଠା–୪

## ରାଜ୍ୟରେ ୧ କୋଟି ଟପିଲା ଟିକାକରଣ

### କ୍ୟାମ୍ପେନ ମୋଡ୍‌ରେ ଟିକାକରଣ ଆରମ୍ଭ

- ଖୋର୍ଦ୍ଧାରେ ସର୍ବାଧିକ ୧୪ ଲକ୍ଷ
- ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ):** ଓଡ଼ିଶାରେ ସୋମବାରଠାରୁ କ୍ୟାମ୍ପେନ୍ ମୋଡ଼ରେ ଟିକାଦାନ ଆରମ୍ଭ ହୋଇଛି। ଦୈନିକ ୩ଲକ୍ଷ ଟିକାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ଲକ୍ଷ୍ୟ ରଖିଥିବାବେଳେ ପ୍ରଥମ ଦିନରେ ୧,୬୧୩ ଟିକାକେନ୍ଦ୍ରରେ ୩,୩୨,୬୧୭ ଡୋଜ୍ ଟିକା ଦିଆଯାଇଛି। ଏହାକୁ ମିଶାଇ ରାଜ୍ୟରେ ମୋଟ ଟିକାକରଣ ୧ କୋଟି ଟପିଛି। ସ୍ୱାସ୍ଥ୍ୟ ବିଭାଗର ତଥ୍ୟ ଅନୁସାରେ, ସୋମବାର ସୁଦ୍ଧା ସମସ୍ତ ବର୍ଗର ହିତାଧିକାରୀଙ୍କୁ ୧,୦୦,୨୫,୧୦୫ ଡୋଜ୍ ଟିକାକରଣ ହୋଇଛି। ୧୮,୯୫,୦୫୬ଜଣ ହିତାଧିକାରୀ ଦୁଇଟି ଡୋଜ୍ ଟିକା ନେଇସାରିଛନ୍ତି। ୪୫ରୁ ଉର୍ଦ୍ଧ୍ୱ ବୟସର ହିତାଧିକାରୀ ସର୍ବାଧିକ ୭୧,୬୩,୩୫୬ ଡୋଜ୍ ନେଇଥିବାବେଳେ ୧୮ରୁ ୪୪ବର୍ଷ ବୟସ ବର୍ଗରେ ୧୭,୫୮,୭୯୧ ଡୋଜ୍ ଟିକାକରଣ ହୋଇଛି। ସେହିପରି ସ୍ୱାସ୍ଥ୍ୟକର୍ମୀଙ୍କୁ ୬,୧୩,୮୯୩ ଡୋଜ୍ ☞ପୃଷ୍ଠା–୪

**ଆଜିର ସମ୍ପାଦକୀୟ**

ଆଲୋଚନାରେ କଶ୍ମୀର




## ଗୋଟିଏ ଜୁଇରେ ୧୦ କୋଭିଡ୍ ମୃତଦେହ ସତ୍କାର ଘଟଣା
# ହାଇକୋର୍ଟରେ ମାମଲା

**କଟକ ଅଫିସ, ୨୧।୬**

ବଲାଙ୍ଗୀରରେ ଗୋଟିଏ ଜୁଇରେ ୧୦ କୋଭିଡ୍ ସଂକ୍ରମିତଙ୍କ ମୃତଦେହ ସତ୍କାର ଏବଂ ବାରିପଦା କୋଭିଡ୍ ହସ୍ପିଟାଲରେ ଅବ୍ୟବସ୍ଥା ଘଟଣାକୁ ନେଇ ସୋମବାର ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏଥିରେ ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ, ବାରିପଦା ଓ ବଲାଙ୍ଗୀର ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ କାଳୀ ମିଶ୍ର ଏହି ମାମଲା ଦାଏର କରିଛନ୍ତି।

ସେ ତାଙ୍କ ଆବେଦନରେ ଉଲ୍ଲେଖ କରିଛନ୍ତି, କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର କୋଭିଡ୍ ହସ୍ପିଟାଲ ଖୋଲିଛନ୍ତି। କିନ୍ତୁ କେତେକ ହସ୍ପିଟାଲରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହେଉଛି। ବାରିପଦା କୋଭିଡ୍ ହସ୍ପିଟାଲରେ ରୋଗୀ ତଳେ ଗଡୁଛନ୍ତି। ଏପରି କି ପାଇଖାନା ନିକଟରେ ଶୋଉଛନ୍ତି। ☞ପୃଷ୍ଠା–୪

# ବିଆର୍‌ପିଏଲ୍: ଟୋପାଏ ପ୍ରଦୂଷଣ

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ,୨୧।୬**

ଯାଜପୁର ଜିଲା କଳିଙ୍ଗନଗରସ୍ଥିତ ବ୍ରାହ୍ମଣୀ ରିଭର୍ସ ପେଲେଟ ଲିମିଟେଡ୍ (ବିଆର୍‌ପିଏଲ୍) ନିଜ କାରଖାନାର ବିଷାକ୍ତ ବର୍ଜ୍ୟଜଳ ବାହାରକୁ ଛାଡ଼ିବା ନେଇ ଏକ ମାମଲା (୧୪୯/୨୦୧୭/ଇଜେଡ୍) ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ବିଚାରାଧୀନ ରହିଛି। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତିର ଅଭିଯୋଗ ନେଇ ହୋଇଥିବା ଏହି ମାମଲା ଏବେ ବିଆର୍‌ପିଏଲ୍‌କୁ ମହଙ୍ଗା ପଡ଼ିଛି। ଏନ୍‌ଜିଟିଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ୨୫।୧୦।୨୦୧୭ରେ ଯାଞ୍ଚ ରିପୋର୍ଟ ଦାଖଲ ହୋଇଥିଲା। କିନ୍ତୁ ୧୫।୬।୨୦୨୧ ଶୁଣାଣିରେ ଏନ୍‌ଜିଟି ଉକ୍ତ ଯାଞ୍ଚ ରିପୋର୍ଟ ଉପରେ ସନ୍ତୁଷ୍ଟ ହୋଇନାହାନ୍ତି। ଜଷ୍ଟିସ ବି. ଅମିତ୍ ସ୍ଥାଲେକର ଓ ଜୁଡିସିଆଲ ମେମ୍ବର ଶୈବାଳ ଦାସଗୁପ୍ତା ଉପଯୁକ୍ତ ଭାବେ ଯାଞ୍ଚ କରି ରିପୋର୍ଟ ଦାଖଲ କରିବାକୁ ଏସ୍‌ପିସିବିକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ



Item No. 06 Court No.1

**BEFORE THE NATIONAL GREEN TRIBUNAL**
**EASTERN ZONE BENCH, KOLKATA**
**(Through Video Conferencing)**

Original Application No. 149/2017/EZ

Kalinga Nagar Paribesh Suraksha Samiti Applicant(s)

Versus

Regional Officer,
Odisha State Pollution Control Board & Ors. Respondent(s)

Date of hearing: 15.06.2021

CORAM: HON'BLE MR. JUSTICE B. AMIT STHALEKAR, JUDICIAL MEMBER
HON'BLE MR. SAIBAL DASGUPTA, EXPERT MEMBER

For Applicant(s) : Mr. Sankar Prasad Pani, Advocate

For Respondent(s) : Ms. Papiya Banerjee Bihani, Adv.
For Respondent Nos. 1& 2,
Mr. Prasenjeet Mohapatra, ASC
For Respondent No.3,
Mr. Sambit Rath, Advocate for
Respondent No.4,

**ORDER**

1. Mr. Sankar Prasad Pani, learned Counsel is present for the Applicant.
2. Ms. Papiya Banerjee Bihani, learned Counsel has put in appearance on behalf of Respondent Nos. 1 & 2, Odisha State Pollution Control Board, Mr. Prasenjeet Mohapatra, Addl. Standing Counsel, Govt. of odisha, has put in appearance on behalf of Respondent No.3, State of Odisha, and Mr. Sambit Rath, learned Counsel has put in appearance on behalf of Respondent No.4, M/s Brahmani River Pallets Ltd.

୧୫।୦୬।୨୦୨୧ରେ ଏନ୍‌ଜିଟିରେ ହୋଇଥିବା ଶୁଣାଣିର ପ୍ରଥମ ପୃଷ୍ଠା ନକଲ।

ଏସ୍‌ପିସିବି କର୍ତ୍ତୃପକ୍ଷ ଯାଞ୍ଚ କରିବେ। ପରବର୍ତ୍ତୀ ଶୁଣାଣି ୫।୭।୨୦୨୧ ମଧ୍ୟରେ ଯାଞ୍ଚ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ପକ୍ଷରୁ ନିର୍ଦ୍ଦେଶ ହୋଇଛି। ଅନ୍ୟପକ୍ଷରେ ବିଆର୍‌ପିଏଲ୍ ଏନ୍‌ଜିଟି ମାମଲାରୁ ବର୍ତ୍ତିବାକୁ ତା'ର ଲୌହସ୍ଲରୀ ପାଇପ୍‌ର ଲୁହାପଥର ମିଶ୍ରିତ ପାଣିକୁ ଇଡ୍‌କୋର ମୁଖ୍ୟ ପାଇପ୍ ଲାଇନ୍‌ରେ ଛାଡୁଛି। ବ୍ରାହ୍ମଣୀ ନଦୀରୁ ପାଣି ନେଉଥିବା ଇଡ୍‌କୋକୁ ଆଉ ଅତିରିକ୍ତ ଜଳର ଆବଶ୍ୟକତା ପଡୁ ନ ଥିବାବେଳେ ବିଆର୍‌ପିଏଲ୍ ମୁଖ୍ୟଙ୍କ ରାଜନୈତିକ ପ୍ରଭାବ ଯୋଗୁ ଜିଲାସ୍ତରରେ ଅଫିସରମାନେ ମୁହଁ ଖୋଲିବାକୁ ସାହସ ଜୁଟାଇ ପାରୁନାହାନ୍ତି। ଫଳରେ ଗୋଟିଏ ପଟେ ସାଧାରଣ ଲୋକଙ୍କର ପ୍ରବଳ କ୍ଷତି ଘଟୁଥିବାବେଳେ ଅନ୍ୟପଟେ ଇଡ୍‌କୋ ପାଇପ୍‌ରୁ ପାଣି ନେଉଥିବା ୧୩ରୁ ଉର୍ଦ୍ଧ୍ୱ ବୃହତ୍ କମ୍ପାନୀରେ ଜଳର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠୁଛି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁଯାୟୀ, ବିଆର୍‌ପିଏଲ୍ ୧୫।୩।୨୦୦୭ରେ ଲୌହଧାତୁର ପେଲେଟାଇଜେଶନ କାରଖାନା ପ୍ରତିଷ୍ଠା ପାଇଁ ଓଡ଼ିଶା ସରକାରଙ୍କ ☞ପୃଷ୍ଠା–୪







**୫୩,୨୫୬ ସଂକ୍ରମିତ**

ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୫୩,୨୫୬ ନୂଆ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୧,୪୨୨ ଜଣଙ୍କ ଜୀବନ ଯାଇଛି। ଏହାକୁ ମିଶାଇ ଭାରତରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୯୯,୩୫,୨୨୧ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୩,୮୮,୧୩୫ ହୋଇଛି। ସକ୍ରିୟ ମାମଲା ସଂଖ୍ୟା ୭,୦୨,୮୮୭କୁ ହ୍ରାସ ପାଇଛି। ଗତ ୮୮ ଦିନ ମଧ୍ୟରେ ସୋମବାର ସର୍ବନିମ୍ନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସକ୍ରିୟ ମାମଲା ସଂଖ୍ୟା ମୋଟ ସଂକ୍ରମଣର ୨.୩୫ ପ୍ରତିଶତକୁ ହ୍ରାସ ପାଇଛି।

## ସଂକ୍ଷେପରେ

### ଆସ୍ଥାରେ ହାରିଲେ ସୁଇଡେନ ପ୍ରଧାନମନ୍ତ୍ରୀ


ଷ୍ଟିଫାନ ଲୋଫଭେନ

**ଷ୍ଟକ୍‌ହୋମ୍, ୨୧।୬:** ସୁଇଡେନ ପ୍ରଧାନମନ୍ତ୍ରୀ ଷ୍ଟିଫାନ ଲୋଫଭେନ ସୋମବାର ଆସ୍ଥା ଭୋଟ ହାରିଛନ୍ତି। ସୁଇଡେନର କୌଣସି ପ୍ରଧାନମନ୍ତ୍ରୀ ଆସ୍ଥା ହାରିବାରେ ଏହା ପ୍ରଥମ ଘଟଣା। ବାମ ଦଳ ସହଯୋଗରେ ସୋସିଆଲ ଡେମୋକ୍ରାଟିକ୍ ପାର୍ଟିର ଷ୍ଟିଫାନ ମେଣ୍ଟ ସରକାର ଗଢ଼ିଥିଲେ। ସହରଗୁଡ଼ିକରେ ନିର୍ମାଣ ହେଉଥିବା ବିଲ୍ଡିଂ, ଆପାର୍ଟମେଣ୍ଟ ଆଦିରୁ ନିୟନ୍ତ୍ରଣ ହଟାଇବା ପାଇଁ ସରକାର ଯୋଜନା କରିଥିବାବେଳେ ବାମ ଦଳ ଏହାର ବିରୋଧ କରି ଗତ ସପ୍ତାହରେ ମେଣ୍ଟରୁ ଓହରିଯାଇଥିଲା। ଷ୍ଟିଫାନଙ୍କୁ ସପ୍ତାହେ ମଧ୍ୟରେ ଇସ୍ତଫା ଦେଇ ନିର୍ବାଚନ କରାଇବା କିମ୍ବା ଆସନ୍ତା ବର୍ଷ ସେପ୍ଟେମ୍ବରରେ ହେବାକୁ ଥିବା ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ ପାଇଁ ସୁଇଡେନ ପାର୍ଲାମେଣ୍ଟ ସମୟ ଦେଇଥିଲା। ଭୋଟିଂ ବେଳେ ୩୪୯ ଏମ୍‌ପିଙ୍କ ମଧ୍ୟରୁ ୧୮୧ ଜଣ ଅନାସ୍ଥା ସପକ୍ଷରେ ମତ ରଖିଥିଲେ। ଫଳରେ ଗ୍ରୀନ ପାର୍ଟି ସହ ଷ୍ଟିଫାନଙ୍କ ସରକାର ସଂଖ୍ୟାଲଘୁ ହୋଇଯାଇଛି।

### ତାମିଲନାଡୁ ଅର୍ଥନୈତିକ ପରାମର୍ଶଦାତା କମିଟିରେ ଇଷ୍ଟର ଡୁଫ୍ଲୋ



**ଚେନ୍ନାଇ, ୨୧।୬:** ତାମିଲନାଡୁର ଏମ୍.କେ. ଷ୍ଟାଲିନ୍‌ଙ୍କ ସରକାର ସୋମବାର ୫ ସଦସ୍ୟ ବିଶିଷ୍ଟ ଅର୍ଥନୈତିକ ପରାମର୍ଶଦାତା କମିଟି ଗଠନ କରିଛନ୍ତି। ଏଥିରେ ଦେଶ ତଥା ବିଶ୍ୱର ପ୍ରମୁଖ ଅର୍ଥନୀତିଜ୍ଞଙ୍କୁ ସାମିଲ କରାଯାଇଛି। କମିଟିରେ ନୋବେଲ ପୁରସ୍କାର ବିଜୟିନୀ ଅର୍ଥନୀତିଜ୍ଞ ଇଷ୍ଟର ଡୁଫ୍ଲୋ, ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ରହିଛନ୍ତି। ଏହି ଟିମ୍ ମୁଖ୍ୟମନ୍ତ୍ରୀ ଷ୍ଟାଲିନଙ୍କୁ ରାଜ୍ୟର ଆର୍ଥିକ ତଥା ସାମାଜିକ ନୀତି ନିର୍ଣ୍ଣୟ କରିବାରେ ସହଯୋଗ କରିବେ। ଆମେରିକାସ୍ଥିତ ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଦାରିଦ୍ର୍ୟ ଦୂରୀକରଣ ଏବଂ ଅର୍ଥନୀତି ବିକାଶ ବିଭାଗରେ ପ୍ରଫେସର ଥିବା ୪୮ ବର୍ଷୀୟା ଡୁଫ୍ଲୋ ଜଣେ ଫରାସୀ-ଆମେରିକୀୟ ଅର୍ଥନୀତିଜ୍ଞ। ଡୁଫ୍ଲୋ ଅର୍ଥନୀତି ବିଜ୍ଞାନରେ ନୋବେଲ ପୁରସ୍କାର ହାସଲ କରିଥିଲେ। ସେ ନୋବେଲ ବିଜେତା ଅଭିଜିତ ବାନାର୍ଜୀଙ୍କ ସ୍ତ୍ରୀ। ଅନ୍ୟମାନଙ୍କ ମଧ୍ୟରେ କମିଟିରେ ଭାରତ ସରକାରଙ୍କ ପୂର୍ବତନ ଅର୍ଥନୈତିକ ପରାମର୍ଶଦାତା ଅରବିନ୍ଦ ସୁବ୍ରମଣ୍ୟମ, ଅର୍ଥନୀତିଜ୍ଞ ଜିନ୍ ଡ୍ରେଜେ ଏବଂ ପୂର୍ବତନ କେନ୍ଦ୍ର ଅର୍ଥ ସଚିବ ଏସ୍. ନାରାୟଣ ରହିଛନ୍ତି।

### ଲାଡେନ୍‌ଙ୍କୁ 'ଶହୀଦ' କହିଥିଲେ ଇମ୍ରାନ

**ଇସ୍‌ଲାମାବାଦ, ୨୧।୬:** ଆମେରିକାରେ ୯/୧୧ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଅଲ-କାଏଦା ମୁଖ୍ୟ ଓସାମା ବିନ୍ ଲାଡେନ୍‌ଙ୍କୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ 'ଶହୀଦ' ବୋଲି ସମ୍ବୋଧନ କରିଥିଲେ। ୨୦୨୦ରେ ଦେଶର ପାର୍ଲାମେଣ୍ଟରେ ଇମ୍ରାନ ଏହା କହିଥିଲେ ବୋଲି ତାଙ୍କ ବହିର୍ବ୍ୟାପାର ମନ୍ତ୍ରୀ ଶାହା ମହମ୍ମଦ କୁରେସୀ ଆଫଗାନିସ୍ତାନର ଏକ ଟିଭି ଚ୍ୟାନେଲରେ ସାକ୍ଷାତକାର ଦେଇ କହିଛନ୍ତି।

### ଭାରତରେ ୨୦ ଡେଲ୍ଟା ପ୍ଲସ୍ ମାମଲା

**ମୁମ୍ବାଇ, ୨୧।୬:** ଦେଶରେ କରୋନା ଭୂତାଣୁର ନୂଆ ରୂପ ଡେଲ୍ଟା ପ୍ଲସ୍ ୨୦ ଜଣଙ୍କଠାରେ ଠାବ ହୋଇଥିବା ବିଶେଷଜ୍ଞମାନେ ସ୍ପଷ୍ଟ କରିଛନ୍ତି। କେବଳ ମହାରାଷ୍ଟ୍ରରେ ୮ ଜଣ ଡେଲ୍ଟା ପ୍ଲସ୍ ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସମସ୍ତ ୮ ଜଣ ରୋଗୀ ରତ୍ନଗିରି ଅଞ୍ଚଳର। ଅଧିକ ସଂକ୍ରାମକ ଡେଲ୍ଟା (ବି.୧.୬୧୭.୨) ଏହାର ରୂପ ବଦଳାଇ ଡେଲ୍ଟା ପ୍ଲସ ବା ଏୱାଇ.୧ ଭାରିଆଣ୍ଟରେ ପରିଣତ ହୋଇଛି। ବର୍ତ୍ତମାନ ସୁଦ୍ଧା ତାମିଲନାଡୁ, ମହାରାଷ୍ଟ୍ର, ପଞ୍ଜାବ ଏବଂ ମଧ୍ୟପ୍ରଦେଶରେ ଏହି ନୂଆ ଭାରିଆଣ୍ଟ ସଂକ୍ରମଣ ହୋଇଥିବା ଜଣାପଡ଼ିଛି।

## ସ୍ପେସ୍ ଷ୍ଟେଶନରେ ସୋଲାର ପ୍ୟାନେଲ

ଇଣ୍ଟରନ୍ୟାଶନାଲ ସ୍ପେସ୍ ଷ୍ଟେଶନ(ଆଇଏସ୍‌ଏସ୍) ବାହାରେ ପ୍ରଥମ ସୋଲାର ପ୍ୟାନେଲ ଲଗାଇବାରେ ମହାକାଶଚାରୀ ସଫଳ ହୋଇଛନ୍ତି। ଏହା ସୌର ଶକ୍ତି ଅବଶୋଷଣ କରି ପ୍ରତିଦିନର ବୈଜ୍ଞାନିକ ଅନୁସନ୍ଧାନ ସମ୍ବନ୍ଧୀୟ କାର୍ଯ୍ୟ ନିମନ୍ତେ ବିଦ୍ୟୁତ୍ ଯୋଗାଇବା ସହିତ ସ୍ପେସ୍ ଷ୍ଟେଶନର ବିଭିନ୍ନ କାମରେ ସହାୟତା କରିବ। ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସାର ମହାକାଶଚାରୀ ଶେନ୍ କିମ୍‌ବ୍ରୋ ଏବଂ ୟୁରୋପୀୟ ସ୍ପେସ୍ ଏଜେନ୍ସି(ଇଏସ୍‌ଏ)ର ଥୋମାସ୍ ପେସ୍କ୍ୱେଟ ଚଳିତବର୍ଷ ସେମାନଙ୍କ ୮ମ ସ୍ପେସ୍‌ୱାକ୍‌ରେ ବାହାରି ସଫଳତାର ସହ ଷ୍ଟେଶନର ବ୍ୟାକ୍‌ବୋନ୍ ଟ୍ରସ୍ ଷ୍ଟ୍ରକଚର (ପି୬)ର ବାମ ପାର୍ଶ୍ୱରେ ସୋଲାର ଆରେ ଇନ୍‌ଷ୍ଟଲ କରିଛନ୍ତି। ଏହି ସୋଲାର ଆରେ ଚଳିତ ମାସରେ ସ୍ପେସ୍‌ଏକ୍ସର ଡ୍ରାଗନ୍ ସ୍ପେସ୍‌କ୍ରାଫ୍ଟ ଦ୍ୱାରା ଆଇଏସ୍‌ଏସ୍‌କୁ ପଠାଯାଇଥିଲା।



## ଦକ୍ଷିଣ କୋରିଆ ନ୍ୟୁକ୍ଲିୟର ସଂସ୍ଥା ହ୍ୟାକ୍

ଉତ୍ତର କୋରିଆର ସାଇବର ଅପରାଧୀମାନେ ଦକ୍ଷିଣ କୋରିଆର ନ୍ୟୁକ୍ଲିୟର ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟକୁ ହ୍ୟାକ୍ କରିଛନ୍ତି। ଗତମାସରେ ୧୩ ଅନଧିକୃତ ଆଇପି ଆଡ୍ରେସ୍‌ରୁ କୋରିଆ ଆଟମିକ୍ ଏନର୍ଜି ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ (କେଏଇଆର୍‌ଆଇ)ର ଆଭ୍ୟନ୍ତରୀଣ ନେଟ୍‌ୱର୍କ ଆକ୍‌ସେସ୍ କରାଯାଇଥିବା ଦକ୍ଷିଣ ଆଫ୍ରିକାର ପ୍ରମୁଖ ବିରୋଧୀ ଦଳ ପିପୁଲ୍ସ ପାୱାର ପାର୍ଟି ଅଭିଯୋଗ କରିଛି। ସେଥିମଧ୍ୟରୁ କେତେକ ଆଇପି ଆଡ୍ରେସ୍ ଉତ୍ତର କୋରିଆର ସାଇବର୍ ଅପରାଧୀ ଗ୍ରୁପ୍ କିମ୍‌ସୁକିର ବୋଲି ଚିହ୍ନଟ କରାଯାଇଛି। ତେବେ ହ୍ୟାକିଂ ଦ୍ୱାରା ହୋଇଥିବା କ୍ଷତି ଏବଂ ଏହାର ଉତ୍ସର ତଦନ୍ତ ଚାଲିଥିବା ଦକ୍ଷିଣ କୋରିଆ ବିଜ୍ଞାନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।




**କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ**

# କ୍ଷତିପୂରଣ ନ ଦେବା ନିଷ୍ପତ୍ତି କାହାର

ନୂଆଦିଲ୍ଲୀ, ୨୧।୬

କୋଭିଡ୍-୧୯ରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଯୋଗାଇଦେବା ଲାଗି ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ଦାଏର ଜନସ୍ୱାର୍ଥ ମାମଲାର ରାୟ ସଂରକ୍ଷିତ ରହିଛି। ପ୍ରତ୍ୟେକ ରାଜ୍ୟ କୋଭିଡ୍ ମୃତକଙ୍କ ପରିବାରକୁ ଦେଇଥିବା କ୍ଷତିପୂରଣର ସବିଶେଷ ବିବରଣୀ ଏବଂ ସେମାନେ କେଉଁ ପାଣ୍ଠିରୁ ଏହା ଦେଇଛନ୍ତି ତାହା ଜଣାଇବା ପାଇଁ ଜଷ୍ଟିସ୍ ଅଶୋକ ଭୂଷଣ ଏବଂ ଏମ୍.ଆର୍. ଶାହାଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଅବକାଶକାଳୀନ ଖଣ୍ଡପୀଠ ସୋମବାର ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଥିଲେ। ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ବିଭିନ୍ନ ରାଜ୍ୟ ଭିନ୍ନ ଭିନ୍ନ କ୍ଷତିପୂରଣ ରାଶି ପ୍ରଦାନ କରୁଥିବା ଆବେଦନକାରୀ କୋର୍ଟଙ୍କୁ ଜଣାଇଥିଲେ। ଏଥିସହିତ କେନ୍ଦ୍ର ସରକାର ସମାନ କ୍ଷତିପୂରଣ ନୀତି ନିର୍ଦ୍ଧାରଣ କରିବା ନିମନ୍ତେ ନିର୍ଦ୍ଦେଶ ଦେବାକୁ ପିଟିଶନର ଅଦାଲତଙ୍କୁ ଅନୁରୋଧ କରିଥିଲେ। ତୁଷାର ମେହେଟ୍ଟା, ବରିଷ୍ଠ ଆଇନଜୀବୀ ଏସ୍.ବି. ଉପାଧ୍ୟାୟ ଏବଂ ଅନ୍ୟ ଆଇନଜୀବୀମାନଙ୍କୁ ୩ ଦିନ ମଧ୍ୟରେ ଲିଖିତ ବିବରଣୀ ରଖିବା ଲାଗି



**ରାୟ ସଂରକ୍ଷିତ**

ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଆର୍ଥିକ ଅବସ୍ଥା ଭଲ ନ ଥିବା ଦର୍ଶାଇ କୋଭିଡ୍ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଯୋଗାଇବାକୁ କେନ୍ଦ୍ର ସରକାର ପୂର୍ବରୁ ଅକ୍ଷମତା ପ୍ରକାଶ କରିଥିଲେ।

କ୍ଷତିପୂରଣ ନ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏମ୍‌ଏ (ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ) ନିଷ୍ପତ୍ତି ନେଇଛି କି ବୋଲି ସୋମବାର ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଥିଲେ। ସମାନ କ୍ଷତିପୂରଣ ନୀତି ସମ୍ପର୍କରେ ବିଚାର କରାଯାଇପାରେ ବୋଲି ଖଣ୍ଡପୀଠ ମତ ଦେଇଥିଲେ। କ୍ଷତିପୂରଣ ଦେବା ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ କ୍ଷମତା ବାହାରେ ବୋଲି ରବିବାର କେନ୍ଦ୍ର ସରକାର ସତ୍ୟପାଠ ଜରିଆରେ ଅଦାଲତଙ୍କୁ ଜଣାଇଥିଲେ। ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଉଦ୍ଦିଷ୍ଟ ପାଣ୍ଠିକୁ ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ନିର୍ମାଣ, ସମସ୍ତଙ୍କୁ ଖାଦ୍ୟ ଯୋଗାଇବା, ସମସ୍ତଙ୍କ ପାଇଁ ଟିକାକରଣ ଏବଂ ଆର୍ଥିକ ଅଭିବୃଦ୍ଧି ପାଇଁ ଷ୍ଟିମୁଲସ୍ ପ୍ୟାକେଜ୍ ଦେବାରେ ବ୍ୟୟ ହେଉଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ସରକାର ଅର୍ଥ ନାହିଁ ବୋଲି ସଫେଇ ଦେବା ଅନିଚ୍ଛାକୃତ ପରିଣତି ବୋଲି ଖଣ୍ଡପୀଠ କହିଥିଲେ। ବିପର୍ଯ୍ୟୟ ପରିଚାଳନା ଆଇନର ଧାରା ୧୨ ଅନୁଯାୟୀ ବିପର୍ଯ୍ୟୟ ପରିଚାଳନା ନାମରେ କ୍ଷତିପୂରଣ ଭଳି ବୈଧାନିକ ଯୋଜନା ବ୍ୟୟକୁ ଚାପି ଦିଆଯାଇପାରିବ ନାହିଁ। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ କ୍ଷତିପୂରଣ ନ ଦେବା ଲାଗି ନିଷ୍ପତ୍ତି ନେଇଛନ୍ତି କି ପ୍ରଶ୍ନରେ ମେହେଟ୍ଟା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର କେତେକ ନିଷ୍ପତ୍ତି ସମ୍ପର୍କରେ କହିଥିଲେ। ତେବେ ଏନ୍‌ଡିଏମ୍‌ଏ ଏଭଳି ନିଷ୍ପତ୍ତି ନେଇଛି କି ନାହିଁ ସେ ଜାଣି ନ ଥିବା ଖଣ୍ଡପୀଠଙ୍କୁ ଜଣାଇଥିଲେ।

## ପଶ୍ଚିମବଙ୍ଗ ସରକାରଙ୍କ ଆବେଦନ ଖାରଜ

କୋଲକାତା, ୨୧।୬

ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ଘଟଣାର ତଦନ୍ତ ନିର୍ଦ୍ଦେଶର ପୁନର୍ବିଚାର କରିବା ଲାଗି ମମତା ବାନାର୍ଜୀ ସରକାରଙ୍କ ଆବେଦନକୁ କାଲକାଟା ହାଇକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)କୁ ନିର୍ବାଚନ ପରବର୍ତ୍ତୀ ହିଂସାରେ ମାନବାଧିକାର ଉଲ୍ଲଂଘନ ଅଭିଯୋଗର ତଦନ୍ତ କରିବାକୁ ଗତ ୧୮ ତାରିଖରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଦେଖାଦେଇଥିଲା। ଏଥିରେ ଅନେକ ବେଘର ହେବା ସହ ବହୁସଂଖ୍ୟାରେ ଲୋକ ଆକ୍ରମଣର ଶିକାର ହୋଇଥିଲେ। ଦୋକାନବଜାର ଭଙ୍ଗାରୁଜା କରାଯାଇଥିଲା। ଏହାର ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିବା ବେଳେ ପୁନର୍ବିଚାର ଲାଗି ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ଆବେଦନ କରାଯାଇଥିଲା। ୫ ଜଣିଆ ଖଣ୍ଡପୀଠ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି।

# ଦିନକରେ ୪୭ ଲକ୍ଷ ଟିକା ନେଲେ


ଆସାମର ଗୁଆହାଟୀ ଅନ୍ତର୍ଗତ ବେଲ୍‌ତୋଲାଠାରେ ଏକ ଟିକାକେନ୍ଦ୍ରରେ ହିତାଧିକାରୀଙ୍କ ଲମ୍ବା ଲାଇନ୍।

ନୂଆଦିଲ୍ଲୀ, ୨୧।୬

ସୋମବାରଠାରୁ କେନ୍ଦ୍ର ସରକାରଙ୍କ ନୂଆ ଟିକାକରଣ ନୀତି କାର୍ଯ୍ୟକାରୀ ହୋଇଥିବାବେଳେ ପ୍ରଥମ ଦିନରେ ୪୭ ଲକ୍ଷରୁ ଊର୍ଦ୍ଧ୍ୱ ହିତାଧିକାରୀ କୋଭିଡ୍-୧୯ ଟିକା ନେଇଛନ୍ତି। ଟିକାକରଣ ଆରମ୍ଭ ହେବା ଦିନରୁ ଇତିମଧ୍ୟରେ ଏହା ସର୍ବାଧିକ। ଅପରାହ୍ନ ୪ଟା ସୁଦ୍ଧା ମୋଟ ୪୭,୫୧,୦୮୦ ଜଣଙ୍କୁ ଟିକା ଦିଆଯାଇଛି। କେନ୍ଦ୍ରର ପୂର୍ବ ଟିକା ନୀତିକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ବ୍ୟକ୍ତ କରିବା ପରେ ସରକାର କମ୍ପାନୀଠାରୁ ୭୫ ପ୍ରତିଶତ ଟିକା କିଣି ରାଜ୍ୟଗୁଡ଼ିକୁ ମାଗଣାରେ ଯୋଗାଇ ଦେବା ଲାଗି ନିଷ୍ପତ୍ତି ନେଇଥିଲେ। ଫଳରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣା ଟିକାଦାନ ବ୍ୟବସ୍ଥା କରାଯାଇଛି। ଅବଶିଷ୍ଟ ୨୫ ପ୍ରତିଶତ ଟିକା ଘରୋଇ ହସ୍ପିଟାଲଗୁଡ଼ିକ ଉତ୍ପାଦନକାରୀ କମ୍ପାନୀଠାରୁ କିଣି ଲୋକଙ୍କୁ ଯୋଗାଇଦେବେ। ଏଥିପାଇଁ ସେମାନେ ଧାର୍ଯ୍ୟ ଦର ସହିତ ସର୍ବାଧିକ ୧୫୦ ଟଙ୍କା ସର୍ଭିସ୍ ଚାର୍ଜ ନେବେ। ପୂର୍ବରୁ ଏପ୍ରିଲ ୨ରେ ଗୋଟିଏ ଦିନରେ ସର୍ବାଧିକ ୪୨,୬୫,୧୫୭ ଡୋଜ୍ ଟିକା ଦିଆଯାଇଥିଲା। ଲକ୍‌ଡାଉନ କଟକଣା କୋହଳ ହୋଇଥିବାରୁ ବିଭିନ୍ନ ରାଜ୍ୟ ଟିକାକରଣ ବଢ଼ାଇବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି।

## ୩ ଲସ୍କର ଆତଙ୍କବାଦୀ ନିହତ

ଶ୍ରୀନଗର, ୨୧।୬

ଜମ୍ମୁ-କଶ୍ମୀରର ବାରମୁଲା ଜିଲା ଅନ୍ତର୍ଗତ ସୋପୋରେ ଅଞ୍ଚଳରେ ସୁରକ୍ଷା ବଳର ଏନ୍‌କାଉଣ୍ଟରରେ ମୋଷ୍ଟ ୱାଣ୍ଟେଡ୍ ମୁଦାସିର ପଣ୍ଡିତ୍‌ଙ୍କ ସମେତ ୩ ଆତଙ୍କବାଦୀ ନିହତ ହୋଇଛନ୍ତି। ସମସ୍ତ ୩ ଆତଙ୍କବାଦୀ ଲସ୍କର-ଇ-ତୋଇବା ସଂଗଠନର ବୋଲି ପୋଲିସ ମହାନିର୍ଦ୍ଦେଶକ ଦିଲ୍‌ବାଗ ସିଂ କହିଛନ୍ତି। ଉକ୍ତ ଆତଙ୍କବାଦୀମାନେ ବହୁ ହତ୍ୟା ଓ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ। ସେଥିମଧ୍ୟରୁ ମାର୍ଚ୍ଚ ୨୯ରେ ସୋପୋରେ ଆକ୍ରମଣରେ ୨ ମ୍ୟୁନିସିପାଲ କାଉନସିଲର ଏବଂ ଜଣେ ପୋଲିସ ଅଧିକାରୀ ନିହତ ହୋଇଥିଲେ। ଜୁନ୍ ୧୨ରେ ହୋଇଥିବା ଅନ୍ୟ ଏକ ଆକ୍ରମଣରେ ଦୁଇଜଣ ପୋଲିସ ଓ ୨ ସାଧାରଣ ନାଗରିକ ପ୍ରାଣ ହରାଇଥିଲେ। ପଣ୍ଡିତଙ୍କ ସମେତ ୩ ଆତଙ୍କବାଦୀ ଉକ୍ତ ଅଞ୍ଚଳରେ ଆତ୍ମଗୋପନ କରିଥିବା ସୂଚନା ଆଧାରରେ ରବିବାର ବିଳମ୍ବିତ ରାତିରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ଲସ୍କର କମାଣ୍ଡର ପଣ୍ଡିତ୍ ଓରଫ ଉମେରଙ୍କ ବିରୋଧରେ ୧୮ଟି ମାମଲା ରହିଛି। ୯ ସୁରକ୍ଷା କର୍ମୀ, ୪ ସାଧାରଣ ନାଗରିକ, ୨ ପୂର୍ବତନ ଆତଙ୍କବାଦୀ, ୩ ସରପଞ୍ଚ ଏବଂ ଦୁଇଜଣ ବିଚ୍ଛିନ୍ନତାବାଦୀ ନେତାଙ୍କ ହତ୍ୟା ସହ ପଣ୍ଡିତ୍ ସମ୍ପୃକ୍ତ। ଅନ୍ୟ ଦୁଇ ଆତଙ୍କବାଦୀ ହେଲେ ପାକିସ୍ତାନର ଅବଦୁଲ୍ଲା ଓରଫ ଅସ୍ରାର ଏବଂ ସୋପୋରେ ଅଞ୍ଚଳର ଖୁର୍‌ଶିଦ୍ ମୀର। ସେମାନଙ୍କ ବିରୋଧରେ ୬ ମାମଲା ରହିଛି।

## ପି.କେ.ଙ୍କୁ ଭେଟିଲେ ପାୱାର

ନୂଆଦିଲ୍ଲୀ, ୨୧।୬

**ଆଜି ବିରୋଧୀ ନେତାଙ୍କ ସହ ବୈଠକ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୨୪ ତାରିଖରେ ଜମ୍ମୁ-କଶ୍ମୀରର ରାଜନୈତିକ ନେତାମାନଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି। ଏହା ପୂର୍ବରୁ ମଙ୍ଗଳବାର ଅପରାହ୍ନ ୪ଟାରେ ଏନ୍‌ସିପି ନେତା ଶରଦ ପାୱାର ତାଙ୍କ ବାସଭବନରେ ବିରୋଧୀ ଦଳ ନେତାମାନଙ୍କର ଏକ ବୈଠକ ଡାକିଛନ୍ତି। ଏହି ବୈଠକ ପୂର୍ବରୁ ପାୱାର ରବିବାର ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର (ପି.କେ.)ଙ୍କୁ ଭେଟିଥିଲେ। ୧୦ ଦିନ ମଧ୍ୟରେ ଏହା ଉଭୟ ନେତାଙ୍କ ମଧ୍ୟରେ ଦ୍ୱିତୀୟ ବୈଠକ। ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କିଶୋର-ପାୱାର ଏକ ବଡ଼ ଯୋଜନା ପ୍ରସ୍ତୁତ କରୁଥିବା ଚର୍ଚ୍ଚା ହେଉଛି। ସମଭାବାପନ୍ନ ଦଳଗୁଡ଼ିକୁ ଏକାଠି କରିବା ସେମାନଙ୍କ ଲକ୍ଷ୍ୟ ବୋଲି କୁହାଯାଉଛି। ମଙ୍ଗଳବାର ବୈଠକର କାର୍ଯ୍ୟସୂଚୀ ସମ୍ପର୍କରେ ଜଣାପଡ଼ି ନାହିଁ। ବୈଠକ ପାଇଁ ୧୫ ବିରୋଧୀ ଦଳକୁ ନିମନ୍ତ୍ରଣ କରାଯାଇଛି। ତେବେ ଏଥିରେ କେତୋଟି ଦଳ ଯୋଗଦେବେ ତାହା ସ୍ପଷ୍ଟ ହୋଇନାହିଁ। ଏପରିକି କଂଗ୍ରେସ ମଧ୍ୟ ଏପର୍ଯ୍ୟନ୍ତ ଯୋଗଦେବା ସମ୍ପର୍କରେ କିଛି କହିନାହିଁ। ବିରୋଧୀ ଦଳ ନେତାମାନଙ୍କ ବୈଠକ ପୂର୍ବରୁ ମଙ୍ଗଳବାର ସକାଳେ ଏନ୍‌ସିପି ଏହାର ରାଷ୍ଟ୍ରୀୟ କାର୍ଯ୍ୟକର୍ତ୍ତାମାନଙ୍କ ବୈଠକ ଡାକିଛି।

## ଅମରନାଥ ଯାତ୍ରା ବାତିଲ

ନୂଆଦିଲ୍ଲୀ, ୨୧।୬

କରୋନା ମହାମାରୀ ଯୋଗୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ଅମରନାଥ ଯାତ୍ରା ବାତିଲ ହୋଇଯାଇଛି। କୋଭିଡ୍-୧୯ ସଂକ୍ରମଣ ବଢ଼ିବାରୁ ପୂର୍ବରୁ ଅମରନାଥ ଯାତ୍ରା ପାଇଁ ପଞ୍ଜୀକରଣକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଥିଲା। ପରିସ୍ଥିତିକୁ ନିୟମିତ ଅନୁଧ୍ୟାନ କରାଯାଉଥିବା ଶ୍ରୀ ଅମରନାଥ ସ୍ରାଇନ୍ ବୋର୍ଡ ପକ୍ଷରୁ କୁହାଯାଇଥିଲା। ଜୁନ୍ ୨୮ରୁ ଏହି ଯାତ୍ରା ଆରମ୍ଭ ହୋଇ ୫୬ ଦିନ ଚାଲିବା ପରେ ଅଗଷ୍ଟ ୨୨ ରକ୍ଷାବନ୍ଧନରେ ଉଦ୍‌ଯାପନ ହୋଇଥାନ୍ତା।

## ସିସିଆଇ ନୋଟିସ ଉପରେ ରୋକ ଲଗାଯାଉ

ନୂଆଦିଲ୍ଲୀ, ୨୧।୬

**ହାଇକୋର୍ଟରେ ଫେସ୍‌ବୁକ୍, ହ୍ୱାଟ୍ସଆପ୍‌ର ଆବେଦନ**

ନୂତନ ଗୋପନୀୟତା ନୀତିର ଅନୁସନ୍ଧାନ ବାବଦରେ ସୂଚନା ଦେବାକୁ କୁହାଯାଇ କମ୍ପିଟେଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ପକ୍ଷରୁ ଜାରି କରାଯାଇଥିବା ନୋଟିସ୍ ଉପରେ ରୋକ ଲଗାଇବାକୁ ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସ୍‌ବୁକ୍ ଏବଂ ହ୍ୱାଟ୍ସଆପ୍ ସୋମବାର ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଛନ୍ତି। ଜଷ୍ଟିସ୍ ଅନୁପ ଜଏରାମ ଭମ୍ବାନୀ ଏବଂ ଜସ୍‌ମିତ୍ ସିଂଙ୍କ ଖଣ୍ଡପୀଠ ଏହି ଆବେଦନ ଉପରେ ଏକ ନିର୍ଦ୍ଦେଶ ଜାରି କରିବେ ବୋଲି କହିଛନ୍ତି। ଏହା ଏକ ଅବକାଶକାଳୀନ ଖଣ୍ଡପୀଠ ହୋଇଥିବାରୁ ଏବଂ ମୁଖ୍ୟ ପିଟିଶନ୍ ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠଙ୍କ ଅଧୀନରେ ବିଚାରାଧୀନ ଥିବାରୁ ମାମଲାର ଗୁଣବତ୍ତା ଜାଣିବାକୁ ଚାହିଁ ନ ଥିଲେ ବୋଲି ଶୁଣାଣିବେଳେ ହାଇକୋର୍ଟ କହିଥିଲେ। ଏହି ମାମଲା ଜୁଲାଇ ୯(ମୁଖ୍ୟ ପିଟିଶନ ପାଇଁ ମଧ୍ୟ ସମାନ ତାରିଖ ରହିଛି) ପାଇଁ ସୂଚୀବଦ୍ଧ କରାଯାଇଛି।

ନୂଆ ପ୍ରିଭେସି ପଲିସିର ସିସିଆଇ ତଦନ୍ତ ବିରୋଧରେ ପୂର୍ବରୁ ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ପକ୍ଷରୁ ଆଗତ ଆବେଦନକୁ ଏକକ ବିଚାରପତି ଖାରଜ କରିଦେଇଥିଲେ। ତେବେ ଗତ ଜୁନ୍ ୪ରେ ଜାରି ହୋଇଥିବା ସିସିଆଇ ନୋଟିସ୍‌ର ଉତ୍ତର ରଖିବାକୁ ସୋମବାର ଶେଷ ଦିନ ଥିବାବେଳେ ଏହାକୁ ସ୍ଥଗିତ ରଖିବାକୁ ଉକ୍ତ ଦୁଇ ସୋସିଆଲ ପ୍ଲାଟଫର୍ମ ପକ୍ଷରୁ ସଦ୍ୟ ଆବେଦନ ହୋଇଛି। ମାମଲା ସୁପ୍ରିମକୋର୍ଟରେ ଥିବାରୁ ସିସିଆଇ ନୋଟିସ୍ ଜାରି କରାଯିବାର କିଛି କାରଣ ନାହିଁ ବୋଲି ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ପକ୍ଷ ଓକିଲ କହିଛନ୍ତି। ଗତ ଜାନୁୟାରୀରେ ହ୍ୱାଟ୍ସଆପ୍‌ର ନୂଆ ପ୍ରିଭେସି ପଲିସି ଉପରେ ବିଭିନ୍ନ ଖବରକୁ ନେଇ ସିସିଆଇ ନିଜଆଡ଼ୁ ଏହାର ତଦନ୍ତ କରିବାକୁ ସ୍ଥିର କରିଥିଲା।

# ମହାମାରୀରେ ଆଶାର କିରଣ ଯୋଗ

ନୂଆଦିଲ୍ଲୀ, ୨୧।୬

କୋଭିଡ୍ ସହ ମୁକାବିଲାରେ ଯୋଗ ଶକ୍ତିର ଉତ୍ସ ଏବଂ ଆଶାର କିରଣ ବୋଲି ୭ମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। କରୋନା ଯୋଗୁ ଦୁଇ ବର୍ଷ ହେଲା ବିଶ୍ୱ ତଥା ଭାରତରେ ଏହି ଦିବସ ପାଳନ ନିମନ୍ତେ ବଡ଼ଧରଣର କାର୍ଯ୍ୟକ୍ରମ ଆୟୋଜନ ହୋଇ ନ ଥିଲେ ମଧ୍ୟ ଏଥିପ୍ରତି ଉତ୍ସାହ କମିନାହିଁ। ଦୁନିଆର ଅଧିକାଂଶ ଦେଶ ପାଇଁ ଯୋଗ ଦିବସ ସେମାନଙ୍କର କୌଣସି ସାଂସ୍କୃତିକ ପର୍ବ ନ ହୋଇ ମଧ୍ୟ ଯୋଗ ପ୍ରତି ଆଗ୍ରହ ଏବଂ ଉତ୍ସାହ ବଢ଼ିଛି। କରୋନା ଭଳି ଅଦୃଶ୍ୟ ଶତ୍ରୁର ମୁକାବିଲା ପାଇଁ କେହି ମାନସିକ ସ୍ତରରେ ପ୍ରସ୍ତୁତ ନ ଥିଲେ। କିନ୍ତୁ ଏଭଳି କଠିନ ସମୟରେ ଯୋଗ ଆତ୍ମବିଶ୍ୱାସ ବୃଦ୍ଧିର ଏକ ବଡ଼ ମାଧ୍ୟମ ହୋଇଛି ବୋଲି ମୋଦି ଦେଶବାସୀଙ୍କୁ ସମ୍ବୋଧନ କରି କହିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଶ୍ୱ

**ଆସିବ 'ଏମ୍-ଯୋଗ' ଆପ୍**


ନରେନ୍ଦ୍ର ମୋଦି

ସ୍ୱାସ୍ଥ୍ୟ ସଙ୍ଗଠନ(ଡବ୍ଲ୍ୟୁଏଚ୍‌ଓ) ସହ ମିଳିତ ସହଯୋଗରେ 'ଏମ୍-ଯୋଗ' ଆପ୍ଲିକେଶନ ନିର୍ମାଣ ହେବା ନେଇ ଘୋଷଣା କରିଛନ୍ତି। ଏହି ଆପ୍‌ରେ ବିଭିନ୍ନ ଭାଷାରେ ଯୋଗର ବିଭିନ୍ନ ମୁଦ୍ରା, ପ୍ରାଣାୟାମ ଭିଡିଓ ଅପଲୋଡ୍ କରାଯିବ। ଏହା ଦ୍ୱାରା ସାରା ବିଶ୍ୱକୁ ଯୋଗ ବିସ୍ତାର ହୋଇ ପାରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। 'ଗୋଟିଏ ବିଶ୍ୱ, ଗୋଟିଏ ସ୍ୱାସ୍ଥ୍ୟ' ପ୍ରୟାସରେ ଏହି ଆପ୍ଲିକେଶନ ବେଶ୍ ସହାୟକ ହେବ ବୋଲି ସେ ଆଶା କରିଛନ୍ତି।

## ଟାଇମ୍ସ ସ୍କୋୟାରରେ ଯୋଗ କଲେ ୩ ହଜାର

**ନ୍ୟୁୟର୍କ, ୨୧।୬:** ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ଆମେରିକାର ଟାଇମ୍ସ ସ୍କୋୟାରରେ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ଯୋଗାସନ କରିଥିଲେ। କୋଭିଡ୍ କଟକଣା ହଟିବା ପରେ ରବିବାର ଲୋକେ ସାମାଜିକ ଦୂରତ୍ୱ ରଖି ସେଠାରେ ଯୋଗଦିବସ ପାଳନ କରିଥିଲେ। ଟାଇମ୍ସ ସ୍କୋୟାରରେ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ଭାରତର କନ୍‌ସୁଲ ଜେନେରାଲ ରଣଧୀର ଜୟସ୍ୱାଲ, ଡେପୁଟି କନ୍‌ସୁଲ ଜେନେରାଲ ଶତ୍ରୁଘ୍ନ ସିହ୍ନାଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଏଥିରେ ସାମିଲ ହୋଇଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୭,୯୪,୦୨,୫୨୮ | ୩୮,୮୫,୦୬୬ | ୧୬,୩୯,୯୭,୨୫୭ |
| ଭାରତ | ୨,୯୯,୭୨,୮୦୯ | ୩,୮୯,୨୫୮ | ୨,୮୯,୧୧,୪୫୪ |
| ଓଡ଼ିଶା | ୮,୮୦,୫୩୩ | ୩୬୩୩(+୫୩) | ୮,୪୪,୮୦୧ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଯଥାର୍ଥ ନୁହେଁ, ଭୁଲ୍

**ଭୁବନେଶ୍ୱର,୨୧।୬(ଓଁକାର ମିଶ୍ର):** ବରିଷ୍ଠ ଆଇପିଏସ୍ ଅଫିସର ତଥା ଭିଜିଲାନ୍ସ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀଙ୍କ ଶେଷକୃତ୍ୟ ଶନିବାର କଟକ ଖାନ୍‌ନଗରସ୍ଥିତ ଶ୍ମଶାନରେ ସମ୍ପନ୍ନ ହୋଇଥିଲା। ଶେଷକୃତ୍ୟ ସମୟରେ ତାଙ୍କୁ ଗାର୍ଡ଼ ଅଫ୍ ଅନର ପ୍ରଦାନ କରାଯାଇ ନ ଥିଲା। ଦେବାଶିଷଙ୍କ ଭଳି ଜଣେ ଦକ୍ଷ ବରିଷ୍ଠ ଅଧିକାରୀ ଓ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକଙ୍କୁ ସମ୍ମାନ ଦିଆ ନ ଯିବା ଘଟଣାକୁ ନେଇ ବୁଦ୍ଧିଜୀବୀ ଓ ପୋଲିସ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ଏ ନେଇ ଜୁନ୍ ୨୦ରେ 'ଧରିତ୍ରୀ'ର ପ୍ରଥମ ପୃଷ୍ଠାରେ 'ଦେବାଶିଷଙ୍କୁ ମିଳିଲାନି ଗାର୍ଡ ଅଫ୍ ଅନର' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ଏହି ପ୍ରସଙ୍ଗକୁ ନେଇ ଅନେକ ଆଲୋଚନା ଓ ପର୍ଯ୍ୟାଲୋଚନା ଆରମ୍ଭ ହୋଇଛି। ସତ୍ୟ ଜାଣିବା ପାଇଁ ଧରିତ୍ରୀ ପକ୍ଷରୁ ଓଡ଼ିଶା ପୋଲିସର କେତେଜଣ ଅବସରପ୍ରାପ୍ତ ଡିଜି ଓ ବରିଷ୍ଠ ଅଧିକାରୀଙ୍କ ମତ ଲୋଡ଼ାଯାଇଥିଲା।

### ସମ୍ମାନର ପାତ୍ର ଥିଲେ



ଓଡ଼ିଶା ପୋଲିସର ଜଣେ ଅତି ଜଣାଶୁଣା, ଦକ୍ଷ, ସଚ୍ଚୋଟ ଓ ସମସ୍ତଙ୍କୁ ଭଲପାଉଥିବା ଅଫିସର ଥିଲେ ଦେବାଶିଷ ପାଣିଗ୍ରାହୀ। କେବଳ ସେତିକି ନୁହେଁ, ସେ ଜଣେ ଉଚ୍ଚକୋଟୀର ବହୁଭାଷୀ ଲେଖକ ଥିଲେ। ସାମଗ୍ରିକ ଦୃଷ୍ଟିକୋଣରୁ ବିଚାର କଲେ ସେ ସମ୍ମାନର ପାତ୍ର ଓ ଯୋଗ୍ୟ ମଧ୍ୟ। ତାଙ୍କୁ କୌଣସି କାରଣରୁ ଯଦି ଗାର୍ଡ଼ ଅଫ୍ ଅନର ଦିଆଯାଇ ନ ପାରିଲା, ତେବେ ତାହା ଯଥାର୍ଥ ବୋଲି ନ କହି ବରଂ ଭୁଲ୍ ହୋଇଛି ବୋଲି କହିବା ଉଚିତ୍।

- ବିପିନ୍ ବିହାରୀ ମିଶ୍ର, ଅବସରପ୍ରାପ୍ତ ଡିଜିପି

### ଗାର୍ଡ ଅଫ୍ ଅନର ପାଇବାକୁ ଦେବାଶିଷ ଯୋଗ୍ୟ



ବିପିଆର୍ ଏଣ୍ଡ୍ ଡି ମାନୁଆଲ୍ ଅନୁସାରେ, କର୍ତ୍ତବ୍ୟରତ ଅବସ୍ଥାରେ କୌଣସି ପୋଲିସ ଅଧିକାରୀ କିମ୍ବା କର୍ମଚାରୀଙ୍କ ମୃତ୍ୟୁ ଘଟିଲେ, ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯିବା କଥା। ସେଠାରେ ଆଉ ଏକ କଥା ମଧ ଉଲ୍ଲେଖ ଅଛି ଯେ, ଅନ୍ୟ କୌଣସି କାରଣରୁ କେହି ଅଫିସରଙ୍କ ମୃତ୍ୟୁ ହେଲେ, ସେ ଯଦି ଯୋଗ୍ୟ ତାହା ହେଲେ ଡିଜିପିଙ୍କ ଇଚ୍ଛାଧୀନ କ୍ଷମତା ଅନୁସାରେ ତାଙ୍କୁ ସଲାମୀ ଦିଆଯାଇପାରିବ। ଦେବାଶିଷ ପାଣିଗ୍ରାହୀ ଜଣେ ଅସାଧାରଣ ଅଫିସର ଥିଲେ। ସେ ଭିଜିଲାନ୍ସର ନିର୍ଦ୍ଦେଶକ ମଧ ଥିଲେ। ମୋ ମତରେ ଗାର୍ଡ ଅଫ୍ ଅନର ପାଇବାକୁ ସେ ସବୁଠାରୁ ଅଧିକ ଯୋଗ୍ୟ ଥିଲେ। ଯଦି ଚଳଚ୍ଚିତ୍ର କଳାକାର ଓ ଅନ୍ୟମାନଙ୍କୁ ଗାର୍ଡ଼ ଅଫ ଅନର ଦିଆଯାଇ ପାରୁଛି, ତା' ହେଲେ ଦେବାଶିଷଙ୍କୁ ଦେବାରେ ଅସୁବିଧା କେଉଁଠି ରହିଲା। ଏଥିରେ କୌଣସି ପ୍ରଶ୍ନ ହିଁ ଉଠୁ ନାହିଁ। ଭିଜିଲାନ୍ସ ବିଭାଗ ପୋଲିସ ବିଭାଗରେ ଯାଉନାହିଁ, କିନ୍ତୁ ସେ ଜଣେ ଆଇପିଏସ୍ ଅଫିସର ଥିଲେ। ଭିଜିଲାନ୍ସ ମଧ ସିଆର୍‌ପିସି ଅଧୀନରେ ଆସୁଛି। ଜଣେ ଅଫିସର ୟୁନିଫର୍ମ ପିନ୍ଧି ପାରିବେ। ତେଣୁ ସବୁ କ୍ଷେତ୍ରରୁ ସମ୍ମାନ ପାଇବାକୁ ସେ ଯୋଗ୍ୟ ଥିଲେ।

- ନିମାଇଁ ଚରଣ ପାଢ଼ୀ, ଅବସରପ୍ରାପ୍ତ ପୋଲିସ ଡିଜି

### ସମ୍ମାନ ଦେବାରେ ଅସୁବିଧା କେଉଁଠି



ରାଷ୍ଟ୍ରୀୟ ସାଲ୍ୟୁଟ୍ ଦିଆଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଏ। କିନ୍ତୁ ପୋଲିସ ବିଭାଗ ପକ୍ଷରୁ ବରିଷ୍ଠ ପୋଲିସ ଅଧିକାରୀଙ୍କୁ ସଲାମୀ ଦେବାରେ କ'ଣ ଅସୁବିଧା ରହିଛି। ସେ କରୋନା ଯୋଦ୍ଧା ଥିଲେ କି ନାହିଁ ତାହା ଅଲଗା କଥା, କିନ୍ତୁ ନିଜ ପୋଲିସ ପରିବାର ଭିତରେ ତ ସମ୍ମାନ ଦିଆଯାଇପାରିଥାନ୍ତା। ପୂର୍ବରୁ ବହୁ ଡିଜିଙ୍କ ମୃତ୍ୟୁରେ ସମ୍ମାନ ଦିଆଯାଇନାହିଁ, କିନ୍ତୁ ନରସିଂହ ସ୍ୱାଇଁଙ୍କୁ ତ ମିଳିଥିଲା। କାହାକୁ ଗାର୍ଡ ଅଫ୍ ଅନର ଦିଆଯିବ ବା ନ ଯିବ, ପୋଲିସ ବିଭାଗର ଉଚ୍ଚ ଅଧିକାରୀମାନେ ନିଷ୍ପତ୍ତି ନେବା କଥା। ଅଫିସରଙ୍କ ପଦ ମର୍ଯ୍ୟାଦା ଓ ଅବଦାନ ଅନୁସାରେ ସେମାନଙ୍କ ମୃତ୍ୟୁରେ ସମ୍ମାନ ଦିଆଯିବା କଥା। ଏଥିପ୍ରତି ନିରପେକ୍ଷତା ରହିବା ଉଚିତ। ଏଥିପାଇଁ ଏକ ଗାଇଡ୍‌ଲାଇନ୍ ରହିବା ଆବଶ୍ୟକ।

- ଗୋପାଳ ଚନ୍ଦ୍ର ନନ୍ଦ, ଅବସରପ୍ରାପ୍ତ ପୋଲିସ ଡିଜି

### ପୋଲିସ ଡିଜି ଚାହିଁଥିଲେ ସଲାମୀ ଦିଆଯାଇ ପାରିଥା'ନ୍ତା



ଡ୍ରିଲ୍ ମାନୁଆଲ୍ ଅନୁସାରେ ସଲାମୀ ଦିଆଯାଇଥାଏ। ଏହାର ଉର୍ଦ୍ଧ୍ୱରେ ପୋଲିସ ଡିଜି, ଯାହାକୁ ଚାହିଁବେ ତାଙ୍କୁ ସଲାମୀ ଦିଆଯାଇପାରିବ। ଭିଜିଲାନ୍ସ ନିର୍ଦ୍ଦେଶକ ସ୍ୱର୍ଗତ ଦେବାଶିଷ ପାଣିଗ୍ରାହୀ ଡ୍ରିଲ୍ ମାନୁଆଲ୍ ଅନୁସାରେ ସଲାମୀ ପ୍ରାପ୍ୟ ହୋଇ ନ ଥିଲେ ମଧ ଡିଜିପି ଚାହିଁଥିଲେ ଦିଆଯାଇପାରିଥାନ୍ତା। ସେ ସମ୍ମାନ ପାଇଥିଲେ ଯେ ଭୁଲ୍ ହୋଇଯାଇଥାନ୍ତା ଏକଥା ନୁହେଁ। କାରଣ ସେ ଜଣେ ସଚ୍ଚୋଟ ଏବଂ ଯୋଗ୍ୟ ଅଫିସର ଥିଲେ। ଖାଲି କ'ଣ ଥାନାରେ କିମ୍ବା ଖାକିରେ ରହିଲେ ଜଣକୁ ଆଗଧାଡ଼ିର ବୋଲି କୁହାଯିବ? ଯେଉଁମାନେ ଗୋଇନ୍ଦା ତଥ୍ୟ ଯୋଗାଡ଼ କରୁଛନ୍ତି, ଭିଜିଲାନ୍ସ ଗୋଇନ୍ଦା ତଥ୍ୟ ସଂଗ୍ରହ ଓ ମାମଲାର ତଦନ୍ତ କରୁଛନ୍ତି, ସେମାନେ କ'ଣ ଆଗଧାଡ଼ିରେ ନାହାନ୍ତି ବୋଲି କୁହାଯିବ! ମୋ ମତରେ ତାଙ୍କୁ ସଲାମୀ ଦେଇଥିଲେ କିଛି ଭୁଲ୍ ହୋଇ ନ ଥାନ୍ତା।

- ସୂର୍ଯ୍ୟମଣି ତ୍ରିପାଠୀ, ସଭାପତି, ଅବସରପ୍ରାପ୍ତ ପୋଲିସ ଅଫିସର ଆସୋସିଏଶନ

### ଗାର୍ଡ ଅଫ୍ ଅନର ଦିଆଯାଇଥିଲେ ଭଲ ହୋଇଥା'ନ୍ତା



ଦେବାଶିଷ ଜଣେ ଅତ୍ୟନ୍ତ କର୍ମଠ, କର୍ତ୍ତବ୍ୟ ପରାୟଣ ଓ ଭଲ ଅଫିସର ଥିଲେ। ଏଥିସହିତ ସେ ଜଣେ ସୁସାହିତ୍ୟକ ଓ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ। ସେ ମୋ ପାଖରେ ବହୁତ ଦିନ କାର୍ଯ୍ୟ କରିଛନ୍ତି। ତାଙ୍କର ଯାହା ପ୍ରତିଷ୍ଠା ଥିଲା, ମୋ ମତରେ ତାଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲେ ଭଲ ହୋଇଥା'ନ୍ତା।

- ମନମୋହନ ପ୍ରହରାଜ, ଅବସରପ୍ରାପ୍ତ ଡିଜି

## ସ୍ନାନପୂର୍ଣ୍ଣିମା: ପୁରୀରେ ୧୪୪ ଧାରା

**ପୁରୀ ଅଫିସ, ୨୧।୬:** ସ୍ନାନଯାତ୍ରା ନିମନ୍ତେ ପୁରୀ ସହରରେ ୧୪୪ ଧାରା ଜାରି ହୋଇଛି। ଆସନ୍ତା ୨୩ ତାରିଖ ରାତି ୧୦ଟାରୁ ୨୫ ତାରିଖ ଭୋର ୨ଟା ପର୍ଯ୍ୟନ୍ତ ସହରରେ ୧୪୪ ଧାରା ବଳବତ୍ତର ରହିବ। ୨୪ ତାରିଖରେ ସ୍ନାନଯାତ୍ରା ତଥା ଦେବସ୍ନାନ ପୂର୍ଣ୍ଣିମା। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ନାନଯାତ୍ରାରେ ଜନସମାଗମ ରୋକିବା ପାଇଁ ଏଭଳି କଟକଣା ଜାରି କରାଯାଇଥିବା ସୋମବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ୨୪ ଯାଏ ବିଭିନ୍ନ ସ୍ଥାନରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** ବଙ୍ଗୋପସାଗର ଏବଂ ବାଂଲାଦେଶ ଉପକୂଳକୁ ଲାଗି ଏକ ଘୂର୍ଣ୍ଣି ବଳୟ ସୃଷ୍ଟି ହୋଇଛି। ଏଥିସହିତ ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୫ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। କେତେକ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, କନ୍ଧମାଳ, ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, କେନ୍ଦ୍ରାପଡ଼ା, ଯାଜପୁର, ଜଗତ୍‌ସିଂହପୁର, କଟକ ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୨୩ ତାରିଖରେ ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ବରଗଡ଼, ସୋନପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲାରେ ପ୍ରବଳ ବର୍ଷା ହେବ। ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।




# ୫% ତଳେ ସଂକ୍ରମଣ ହାର

### ଆଉ ୩,୦୩୧ ଆକ୍ରାନ୍ତ, ୫୩ ମୃତ

- ଖୋର୍ଦ୍ଧାରେ ମୃତ୍ୟୁ ସ୍ଥିତି ଉଦ୍‌ବେଗଜନକ
- ତୃତୀୟ ଲହର ପ୍ରଭାବ କମ୍ ରହିବ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

**ଭୁବନେଶ୍ୱର, ୨୧।୬(ବ୍ୟୁରୋ)**

ରାଜ୍ୟରେ ଦୈନିକ ସଂକ୍ରମଣ ହାର ଲଗାତର ହ୍ରାସ ପାଇବା ପରେ ଏବେ ୫% ତଳକୁ ଖସିଛି। ଗତ ୨୪ ଘଣ୍ଟାରେ ୬୧,୦୦୦ ନମୁନା ପରୀକ୍ଷା ହୋଇଥିଲା। ୩,୦୩୧ ପଜିଟିଭ୍ ବାହାରିଥିବାବେଳେ ସଂକ୍ରମଣ ହାର ରହିଛି ୪.୯୭%। ସେପଟେ ଖୋର୍ଦ୍ଧା ଜିଲାରେ ମଧ ଦୈନିକ ସଂକ୍ରମଣ ୫୦୦ ତଳକୁ ଖସିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଏହି ଜିଲାରୁ ସର୍ବାଧିକ ୩୮୧ଜଣ ରହିଛନ୍ତି। ସେହିପରି କଟକରୁ ୨୯୫, ବାଲେଶ୍ୱର ୨୯୦, ଯାଜପୁର ୨୨୬ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟସବୁ ଜିଲାରେ ଆକ୍ରାନ୍ତ ସଂଖ୍ୟା ୨ ଶହଠାରୁ କମ୍ ରହିଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ୧୧ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮,୮୦,୫୩୩ରେ ପହଞ୍ଚିଛି।

ଅନ୍ୟପଟେ ରାଜ୍ୟରେ ମୃତ୍ୟୁ ସଂଖ୍ୟା ଏବେ ବି ଉଦ୍‌ବେଗଜନକ ରହିଛି। ପ୍ରତିଦିନ ୪୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଆଖି ବୁଜୁଛନ୍ତି। ଦିନକରେ ପୁଣି ୫୩ଜଣଙ୍କ ଜୀବନ ନେଇଛି କରୋନା। ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୭ଜଣ ଥିବାବେଳେ ବରଗଡ଼ ଓ କଟକରୁ ୫ଜଣ ଲେଖାଏ, ଝାରସୁଗୁଡ଼ା ଓ ପୁରୀରୁ ୪ଜଣ ଲେଖାଏ ରହିଛନ୍ତି। ସେହିଭଳି ଗଞ୍ଜାମ, କୋରାପୁଟରୁ ୩ଜଣ ଲେଖାଏ, ବଲାଙ୍ଗୀର, ବୌଦ୍ଧ, ସମ୍ବଲପୁର ଓ ସୁନ୍ଦରଗଡ଼ରୁ ୨ଜଣ ଲେଖାଏ, ରାୟଗଡ଼ା, କେନ୍ଦ୍ରାପଡ଼ା, କନ୍ଧମାଳ ଓ କଳାହାଣ୍ଡିରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ଏମାନଙ୍କୁ ମିଶାଇ କରୋନାଜନିତ ମୃତ୍ୟୁ ସଂଖ୍ୟା ୩,୬୩୩କୁ ବୃଦ୍ଧି ପାଇଛି।

ସେପଟେ ସମ୍ଭାବ୍ୟ ତୃତୀୟ ଲହରକୁ ନେଇ ଏବେ ଆଶଙ୍କା ବଢ଼ି ଚାଲିଥିବାବେଳେ ରାଜ୍ୟବାସୀଙ୍କୁ ଆଶ୍ୱସ୍ତ କରାଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର। ସେ କହିଛନ୍ତି, ତୃତୀୟ ଲହରର ପ୍ରଭାବ କମ୍ ରହିବ। ତଥାପି ଆମକୁ ସଜାଗ ରହିବାକୁ ପଡ଼ିବ। ତୃତୀୟ ଲହର ଆସିବା ପୂର୍ବରୁ ଟିକାକରଣକୁ ଜୋର୍‌ଦାର କରିବାକୁ ପଡ଼ିବ। କେନ୍ଦ୍ର ସରକାର ଯେତେ ଟିକା ଦେବେ ସେହି ଅନୁସାରେ ଟିକାକରଣ କରାଯିବ। ସେହିପରି ଷ୍ଟିରଏଡ୍ ବ୍ୟବହାର ନେଇ କେନ୍ଦ୍ର ସରକାରଙ୍କ ନୂଆ ଗାଇଡ୍‌ଲାଇନ ଉପରେ ମଧ ସେ ପ୍ରତିକ୍ରିୟା ରଖିଛନ୍ତି। ବର୍ତ୍ତମାନ ଯେଉଁମାନେ ମଧ୍ୟମରୁ ଗୁରୁତର ରୋଗୀ ଅଛନ୍ତି ସେମାନଙ୍କ କ୍ଷେତ୍ରରେ ଷ୍ଟିର୍‌ଏଡ୍ ବ୍ୟବହାରର ଆବଶ୍ୟକତା ରହିଛି। ସେହିମାନଙ୍କ କ୍ଷେତ୍ରରେ ମଧ ଏହା ବ୍ୟବହାର କରାଯାଉଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି।

## ୟୁଟ୍ୟୁବ୍‌ରେ ପ୍ରଥମରୁ ଦଶମ ପାଠପଢ଼ା ଆରମ୍ଭ

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** ରାଜ୍ୟରେ ସୋମବାରଠାରୁ ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହୋଇଛି। ୟୁଟ୍ୟୁବ୍ ମାଧମରେ ଶିକ୍ଷାଦାନ କରାଯାଉଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ସକାଳ ୯ଟାରୁ ସାଢ଼େ ୧୦ଟା ଯାଏ ଏବଂ ନବମ ଓ ଦଶମ ପିଲାଙ୍କ ପାଠପଢ଼ା ସକାଳ ୧୦ଟା ୪୫ରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲୁଛି। ଏଥିସହିତ ଶିକ୍ଷା ଦର୍ପଣ କାର୍ଯ୍ୟକ୍ରମ ମାଧମରେ ବି ଅନ୍‌ଲାଇନ ପାଠପଢ଼ା ହେଉଛି। ତେବେ ପ୍ରଥମ ଦିନରେ ଅନ୍‌ଲାଇନରେ ପାଠପଢ଼ା କେମିତି ଚାଲିଛି ତାହାର ତଦାରଖ କରିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ। ପରେ ସେ କହିଛନ୍ତି, ୟୁଟ୍ୟୁବ୍ କ୍ଲାସ ପରେ ଛତ୍ରୀଛାତ୍ରଙ୍କ ପ୍ରତି ମାସେ କିମ୍ବା ଦୁଇମାସରେ ଇଣ୍ଟରନାଲ ଆସେସ୍‌ମେଣ୍ଟ ହୋଇ ଇ-ମୂଲ୍ୟାୟନ କରାଯିବ। ତେବେ ବିଭିନ୍ନ ସ୍ଥାନରେ ଛାତ୍ରୀଛାତ୍ର ଅନ୍‌ଲାଇନ୍ ପାଠପଢ଼ାରୁ ବଞ୍ଚିତ ହୋଇଥିବାରୁ ସେମାନଙ୍କ ପାଖରେ ଏହି ସୁବିଧା କିପରି ପହଞ୍ଚିପାରିବ ସେଥିପାଇଁ ବିଭାଗ ପଦକ୍ଷେପ ନେବ ବୋଲି ମନ୍ତ୍ରୀ କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ କରୋନା ଯୋଗୁ ପାଠପଢ଼ା ବ୍ୟାହତ ହେଉଛି। ଦ୍ୱିତୀୟ ଲହରକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକ ବନ୍ଦ ରଖିଛନ୍ତି। ଫଳରେ ୨୦୨୧-୨୨ ଶିକ୍ଷାବର୍ଷର ପାଠପଢ଼ା ବ୍ୟାହତ ହୋଇଛି। ଶିକ୍ଷାବର୍ଷର ତିନିମାସ ବିତି ଯାଇଥିଲେ ମଧ ଏ ପର୍ଯ୍ୟନ୍ତ ଗୋଟିଏ ବି ଶ୍ରେଣୀରେ କ୍ଲାସରୁମ୍ ଶିକ୍ଷାଦାନ ହୋଇପାରି ନାହିଁ। ଏପରିସ୍ଥିତିରେ ବିକଳ୍ପ ପଦକ୍ଷେପ ସ୍ୱରୂପ ସୋମବାରଠାରୁ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ୟୁଟ୍ୟୁବ୍‌ରେ ପାଠପଢ଼ା ଆରମ୍ଭ ହୋଇଛି।



**ଆଜିର ମନ୍ତବ୍ୟ**
ଜନସାଧାରଣଙ୍କ ପ୍ରିୟଭାଜନ ହେବା ପାଇଁ କଂଗ୍ରେସକୁ ଏହାର ନାମ ପରିବର୍ତ୍ତନ କରିବାକୁ ପଡ଼ିବା।
– ଜ୍ୟୋତିରାଦିତ୍ୟ ସିନ୍ଧିଆ, ଭାଜପା ଏମ୍‌ପି




## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୧୨ ଜେଲରୁ ମୁକ୍ତ ହେବେ ୧୬ କଏଦୀ

**ଭୁବନେଶ୍ୱର,୨୧।୬(ବ୍ୟୁରୋ):** ସଜା ଅବଧି ପୂର୍ବରୁ ରାଜ୍ୟର ୧୧ ଜେଲ ସମେତ ବିଶାଖାପାଟଣା ଜେଲରୁ ମୁକ୍ତ ହେବେ ୧୬ କଏଦୀ। ଜେଲରେ ଆଜୀବନ ସଜା କାଟୁଥିବାବେଳେ ବ୍ୟବହାରରେ ପରିବର୍ତ୍ତନ, ଉତ୍ତମ କାର୍ଯ୍ୟ ଓ ନୀତିନିୟମକୁ ସମ୍ମାନ ଦେଉଥିବାରୁ ଏମାନଙ୍କୁ ମୁକ୍ତ କରିବାକୁ ଚୟନ କରାଯାଇଛି। ଏହି ତାଲିକାରେ ଚୌଦ୍ୱାର, ବାଣପୁର, ସମ୍ବଲପୁର, ପୁରୀ, କୋରାପୁଟ, ବଲାଙ୍ଗୀର, କୋଟପାଡ, ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ ଭୁବନେଶ୍ୱର, ଢେଙ୍କାନାଳ ଜେଲରୁ ଜଣେ ଲେଖାଏ କଏଦୀ ରହିଥିବାବେଳେ ବାରିପଦା ଓ ବାଲେଶ୍ୱର ଜେଲରୁ ୨ ଜଣ ଲେଖାଏ ଏବଂ ବିଶାଖାପାଟଣାର ଭାଇଜାଗ ଜେଲରୁ ୩ଜଣ ଅଛନ୍ତି। ଏହି ୩ଜଣ ପ୍ରଥମେ ପାରଳାଖେମୁଣ୍ଡି ଜେଲରେ ସଜା କାଟୁଥିଲେ। ଅଭିଯୁକ୍ତଙ୍କ ଘର ବିଶାଖାପାଟଣା ହୋଇଥିବାରୁ ସେମାନଙ୍କୁ ପରବର୍ତ୍ତୀ ସମୟରେ ଭାଇଜାଗ ଜେଲକୁ ସ୍ଥାନାନ୍ତର ହୋଇଥିଲେ।

# ଏସ୍‌ଡିଜି ଇଣ୍ଡେକ୍ସରେ ଓଡ଼ିଶା ୧ନଂ

**ଭୁବନେଶ୍ୱର,୨୧।୬(ବ୍ୟୁରୋ)**

ଓଡ଼ିଶା ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡିଜି)-୨୦୨୦-୨୧ରେ ପ୍ରଥମ ସ୍ଥାନ ଅଧିକାର କରିଛି। ଗତ ବର୍ଷ ତୁଳନାରେ ଓଡ଼ିଶା ଏସ୍‌ଡିଜିରେ ଅଧିକ ୧୦ ପଏଣ୍ଟ ପାଇ ଏହି ସ୍ଥାନ ହାସଲ କରିଛି। ୨୦୧୮-୧୯ ନୀତି ଆୟୋଗର ଏହି ସୂଚୀରେ ଓଡ଼ିଶା ୫୧ ପଏଣ୍ଟ ହାସଲ କରିଥିବା ବେଳେ ୨୦୨୦-୨୧ରେ ଓଡ଼ିଶାକୁ ୬୧ ପଏଣ୍ଟ ମିଳିଛି।

ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ଓଡ଼ିଶା ଆସିଥିବା ନୀତି ଆୟୋଗର ପ୍ରତିନିଧି ଦଳ ସହିତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ 'ସଷ୍ଟେନେବଲ୍ ଡେଭେଲପମେଣ୍ଟ ଗୋଲ୍' ସୂଚୀ ସମ୍ପର୍କରେ ବିଶଦ ଭାବେ ଆଲୋଚନା କରିଛନ୍ତି। ବୈଠକ ଶେଷରେ ନୀତି ଆୟୋଗ ଉପଦେଷ୍ଟା ସଂଯୁକ୍ତା ସମାଦ୍ଦାର ଏସ୍‌ଡିଜି ଇଣ୍ଡିଆ ଡ୍ୟାସ୍‌ବୋର୍ଡ ଉପସ୍ଥାପନ କରିଥିଲେ। ଏସ୍‌ଡିଜି-୧୩ ଓ ଏସ୍‌ଡିଜି-୧୪ରେ ଓଡ଼ିଶା ୧ ନମ୍ବର ସ୍ଥାନ ହାସଲ କରିଛି। ଏସ୍‌ଡିଜି-୧୩ରେ ରାଜ୍ୟ ସରକାର ଜଳବାୟୁ ପରିବର୍ତ୍ତନ ଓ ପ୍ରଭାବ ଉପରେ ନେଇଥିବା ପଦକ୍ଷେପ ଏବଂ ଏସ୍‌ଡିଜି-୧୪ରେ ସାମୁଦ୍ରିକ ସମ୍ବଳର ନିରନ୍ତର ବ୍ୟବହାର ଯୋଗୁ ପ୍ରଥମ ସ୍ଥାନ ମିଳିଛି। ଏଥିସହିତ ଓଡ଼ିଶା ଏସ୍‌ଡିଜିର ୯ଟି ଲକ୍ଷ୍ୟ ହାସଲ କରିବାରେ ଆଗୁଆ ରାଜ୍ୟ ହୋଇ ପାରିଛି। ସ୍ୱଚ୍ଛ ପାନୀୟଜଳ, ପରିମଳ, ପୁଞ୍ଜିନିବେଶକୁ ପ୍ରୋତ୍ସାହନ, ଶିଳ୍ପ ଭିତ୍ତିଭୂମି, ଦୀର୍ଘ ସ୍ଥାୟୀ ଇକୋ ବ୍ୟବସ୍ଥାର ସୁରକ୍ଷା ଓ ବିକାଶ ଇତ୍ୟାଦି କ୍ଷେତ୍ର ଆଧାରରେ ଓଡ଼ିଶାକୁ ୧ ନମ୍ବର ମାନ୍ୟତା ମିଳିଛି।

ତେବେ ୨୦୨୦ ଏସ୍‌ଡିଜି ରିପୋର୍ଟରେ ଓଡ଼ିଶାର ଅନ୍ୟାନ୍ୟ କ୍ଷେତ୍ରକୁ ଉପଯୁକ୍ତ ଭାବେ ଦର୍ଶାଯାଇ ନାହିଁ। ସଷ୍ଟେନେବଲ୍ ଡେଭେଲପମେଣ୍ଟ ଗୋଲ୍-୨୦୩୦ ଲକ୍ଷ୍ୟ ହାସଲ ନିମନ୍ତେ ରାଜ୍ୟର ବରିଷ୍ଠ ଅଧିକାରୀମାନଙ୍କୁ ନେଇ ଭିନ୍ନ ଭିନ୍ନ ଲକ୍ଷ୍ୟ ପୂରଣ ପାଇଁ ୭ଟି ୱାର୍କିଂ ଗ୍ରୁପ୍ ଗଠନ କରାଯିବ। ଏଥିସହିତ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ପ୍ରକଳ୍ପ ପରିଚାଳନା ୟୁନିଟ୍ ଗଠନ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି।

ଓଡ଼ିଶା ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହୋଇଥିବା ମମତା ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଭଳି ଯୋଜନାଗୁଡ଼ିକୁ ଏହି ସୂଚୀରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି ଯେ ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଇଣ୍ଡେକ୍ସରେ ରାଜ୍ୟର ଯୋଜନାକୁ ସାମିଲ କରାଯାଇ ନାହିଁ। ଏସ୍‌ଡିଜି ଲକ୍ଷ୍ୟ ହାସଲ ପାଇଁ ଯୋଜନା ଓ ସଂଯୋଜନ ବିଭାଗ ଅଧୀନରେ ଏକ ବିଏମ୍‌ୟୁ ଗଠନ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଏହାଦ୍ୱାରା ସମସ୍ତ ବିଭାଗ ସହ ସମନ୍ୱୟ ରକ୍ଷା କରାଯିବା ସହ ନିର୍ଦ୍ଧାରିତ ସମୟରେ ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ଉନ୍ନୟନ କମିଶନର କହିଛନ୍ତି। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ରାଜ କୁମାର ଶର୍ମା, ଗୃହ ବିଭାଗ ସଚିବ ସଞ୍ଜୀବ ଚୋପ୍ରା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଏବଂ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଯୋଗ ଦେଇଥିଲେ।

# ଟିକାକରଣ କେନ୍ଦ୍ରରେ ପୋଷ୍ଟର ଲଗାକୁ ନେଇ ଜୋର ଧରିଲା ରାଜନୀତି

**ଭୁବନେଶ୍ୱର, ୨୧।୬(ବ୍ୟୁରୋ)**

- ରାୟଗଡ଼ା, ଅନୁଗୋଳ, ବାଲେଶ୍ୱର, ଜୟପୁରରେ ଭାଜପାର ପ୍ରତିବାଦ
- କେନ୍ଦ୍ର ଯୋଜନା ହଡ଼ପ କରୁଛନ୍ତି ରାଜ୍ୟ ସରକାର: ପ୍ରତାପ
- ସଂଘୀୟ ବ୍ୟବସ୍ଥା ବୁଝୁଥିବା କେନ୍ଦ୍ରମନ୍ତ୍ରୀ ଅସହିଷ୍ଣୁ ହେବା ଠିକ୍ ନୁହେଁ: ଦେବୀ
- ଶତ ପ୍ରତିଶତ ଟିକାକରଣ ନେଇ ପ୍ରତିଯୋଗିତା କରନ୍ତୁ: ନିରଞ୍ଜନ

ରାଜ୍ୟର ବିଭିନ୍ନ ଟିକାକରଣ କେନ୍ଦ୍ରରେ ପୋଷ୍ଟର ଲଗାଯିବାକୁ ନେଇ ଜୋର ଧରିଲା ରାଜନୀତି। ଟିକାକରଣ କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋଚିତ୍ରକୁ ବାଦ୍‌ଦେଇ କେବଳ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଥିବାରୁ ବିଭିନ୍ନ ସ୍ଥାନରେ ଭାଜପା ପ୍ରତିବାଦ କରିଛି। ଅନ୍ୟପଟେ ଏହି ଘଟଣାକୁ ନେଇ ବିଜେଡି, ଭାଜପା ମଧ୍ୟରେ କାଦୁଅ ଫିଙ୍ଗା ଆରମ୍ଭ ହୋଇଯାଇଛି। କଂଗ୍ରେସ କିନ୍ତୁ ଉଭୟ ବିଜେଡି ଓ କଂଗ୍ରେସକୁ ସମାଲୋଚନା କରିଛି।

ବାଲେଶ୍ୱର, ଜୟପୁର ଓ ରାୟଗଡ଼ାରେ ଭାଜପା ନେତା ଓ କର୍ମୀମାନେ ପ୍ରତିବାଦ କରିଛନ୍ତି। ବାଲେଶ୍ୱରରେ ଟିକାକରଣ କେନ୍ଦ୍ରରେ ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟର ବିନା ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ଥିବାରୁ ଭାଜପା କର୍ମୀମାନେ ହୋହଲ୍ଲା କରିବା ସହିତ ବିରୋଧ କରିଛନ୍ତି। ବାଲେଶ୍ୱର ଗାନ୍ଧୀ ସ୍ମୃତି ଭବନ ଟିକାକରଣ କେନ୍ଦ୍ରରେ କେବଳ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲାଗିଥିବାରୁ ଭାଜପା କର୍ମୀମାନେ ସେଠାରେ ପ୍ରତିବାଦ କରିଥିଲେ। ଏହାସହ ଟିକାକରଣ ପୂର୍ବରୁ ସେମାନେ ରିବନ ଛିଣ୍ଡାଇ ମୋଦିଙ୍କ ଫଟୋ ଜବରଦସ୍ତ ଲଗାଇଛନ୍ତି। ଅନ୍ୟପଟେ ଜୟପୁରର ଟିକାକରଣ କେନ୍ଦ୍ରରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଟିକାକରଣ ନେଇ ରାଜ୍ୟ ସରକାର ବାହାବା ନେବାକୁ ଚେଷ୍ଟା କରୁଥିବା ଭାଜପା କର୍ମୀମାନେ ଅଭିଯୋଗ କରି ସିଡିଏମ୍‌ଓଙ୍କୁ ଘେରିଥିଲେ। ଏହାସହ ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟରକୁ ଅନେକ ସ୍ଥାନରୁ ଚିରିଦେଇଛନ୍ତି। ଅନ୍ୟପଟେ ରାୟଗଡ଼ା ୟୁଜିଏମ୍‌ଆଇଟିରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ନ ରହିବାରୁ ଭାଜପା ପ୍ରତିବାଦ କରିଛି। ଟିକାକରଣ ଅଭିଯାନରେ କେନ୍ଦ୍ର ସରକାର ମାଗଣାରେ ଟିକା ଦେଉଥିବା ବେଳେ କେବଳ ମୁଖ୍ୟମନ୍ତ୍ରୀଙ୍କ ଫଟୋ କାହିଁକି ରହିବ ବୋଲି ଭାଜପା ପ୍ରଶ୍ନ କରିଛି। ସେହିପରି ଅନୁଗୋଳ ଜିଲାରେ ମଧ୍ୟ ସମାନ ଘଟଣା ଦୃଷ୍ଟିକୁ ଆସିଛି। ଭାଜପା କର୍ମୀମାନେ ଜୋରଦାର ପ୍ରତିବାଦ କରିଛନ୍ତି।

ଏହି ଘଟଣାକୁ ନେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି, ରାଜ୍ୟ ସରକାର ଅନେକ କେନ୍ଦ୍ରୀୟ ଯୋଜନା ହଡ଼ପ କରି ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି। ଟିକାକରଣ କେନ୍ଦ୍ରରେ ମୁଖ୍ୟମନ୍ତ୍ରୀଙ୍କ ସମେତ ପ୍ରଧାନମନ୍ତ୍ରୀଙ୍କ ଫଟୋ ପୋଷ୍ଟର ଲଗାଯିବା କଥା। ଏନେଇ ଉଭୟ କେନ୍ଦ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଜଣାଇବେ ବୋଲି ପ୍ରତାପ କହିଛନ୍ତି।

ବିଜେଡି ଉପସଭାପତି ଦେବୀପ୍ରସାଦ ମିଶ୍ର କହିଛନ୍ତି, ସଂଘୀୟ ବ୍ୟବସ୍ଥାକୁ ଭଲ ଭାବେ ବୁଝୁଥିବା କେନ୍ଦ୍ରମନ୍ତ୍ରୀ ଅସହିଷ୍ଣୁ ଭାବ ପ୍ରକାଶ କରିବା ଠିକ୍ ନୁହେଁ। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା କୋଭିଡ୍ ପରିଚାଳନାରେ ମାଗଣା ଚିକିତ୍ସା, ଭିତ୍ତିଭୂମିଠାରୁ ଆରମ୍ଭକରି ବିଭିନ୍ନ ବ୍ୟବସ୍ଥା କରି ଅନ୍ୟ ରାଜ୍ୟ ତୁଳନାରେ ପ୍ରଶଂସିତ ହୋଇଛି। ଟିକାକରଣ ଭଳି ସାମୂହିକ ସ୍ୱାସ୍ଥ୍ୟ ଅଭିଯାନ ସମୟରେ ଏଠାରେ ସଂକୀର୍ଣ୍ଣ ରାଜନୈତିକ ତୁ ତୁ ମେ ମେ ଠିକ୍ ନୁହେଁ। କିଭଳି ଅନୁକୂଳ ବାତାବରଣ ଭିତରେ ଗାଁ ଗହଳି ଲୋକମାନଙ୍କର ଠିକ୍ ଭାବେ ଟିକାକରଣ ହୋଇପାରିବ ସେଥିପ୍ରତି ଧ୍ୟାନଦେବା ଆବଶ୍ୟକ ବୋଲି ଦେବୀ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା। ଯଦି କେନ୍ଦ୍ର ମାଗଣା ଟିକା ଦେଉଛି ବୋଲି ମୋଦିଙ୍କ ଫଟୋ ଲାଗିବା କଥା ଭାଜପା କହୁଛି ତେବେ ଲୋକମାନେ ଟଙ୍କା ଦେଇ ପେଟ୍ରୋଲ ପକାଉଛନ୍ତି, ପେଟ୍ରୋଲ ପମ୍ପଗୁଡ଼ିକରେ କାହିଁକି ପ୍ରଧାନମନ୍ତ୍ରୀଙ୍କ ପୋଷ୍ଟର ଲାଗୁଛି। ପୋଷ୍ଟର ଲଗାକୁ ନେଇ ଯେଉଁ ପ୍ରତିଯୋଗିତା ଚାଲିଛି ତାହା ନିନ୍ଦନୀୟ। କିପରି ରାଜ୍ୟର ସବୁ ଲୋକ ଟିକା ନେଇପାରିବେ ସେଥିନେଇ ଉଭୟ ସରକାର ମିଳିତ ଭାବେ ପ୍ରତିଯୋଗିତା କରିବା ଆବଶ୍ୟକ। ମାଗଣା ଟିକା ଦେଉଛନ୍ତି ବୋଲି ପ୍ରଚାର କରିବାକୁ ଭାଜପା ମୋଦିଙ୍କ ଫଟୋ ଛାପିବାକୁ ଚାହୁଁଛି, ସେମିତି ୨ୟ ଲହରରେ ଭାରତ କରୋନା ସଂକ୍ରମଣରେ ଏକ ନମ୍ବର ହୋଇଛି ସେକଥା ଲେଖି ଫଟୋ ମାରୁନାହାନ୍ତି। ମହାମାରୀ ସମୟରେ ଲୋକେ ଖାଇବାକୁ ପାଉନାହାନ୍ତି, ଏଠି ଟିକାକରଣ ନ କରି ରାଜନୀତି କରିବା ଦୁର୍ଭାଗ୍ୟଜନକ। ମୁଖ୍ୟମନ୍ତ୍ରୀଙ୍କ ପୋଷ୍ଟର ଲାଗିବାରେ ଅସୁବିଧା କେଉଁଠି ରହିଛି। ସବୁ ତ ମିଶିକରି କରୁଛନ୍ତି, ଏ କ୍ଷେତ୍ରରେ ଅସୁବିଧା କ'ଣ ରହିଗଲା ବୋଲି ନିରଞ୍ଜନ ପ୍ରଶ୍ନ ଉଠାଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ବିଆର୍‌ପିଏଲ୍: ଟୋପାଏ...

ସହ ଚୁକ୍ତିପତ୍ର ସ୍ୱାକ୍ଷର କରିଥିଲା। ବାହାରକୁ ବୁନ୍ଦାଏ ବି ବର୍ଜ୍ୟଜଳ ନ ଛାଡ଼ିବାକୁ ଚୁକ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଥିଲା। ଏହି ସର୍ତ୍ତରେ ଏସ୍‌ପିସିବି ବିଆର୍‌ପିଏଲ୍‌କୁ ପରିଚାଳନା ଅନୁମତି ଦେଇଥିଲା। କେନ୍ଦୁଝର ଜିଲାର ବଡ଼ବିଲଠାରୁ କଳିଙ୍ଗନଗର ବିଆର୍‌ପିଏଲ୍ ପ୍ଲାଣ୍ଟକୁ ୨୨୦ କିଲୋମିଟର ଦୀର୍ଘ ଅଣ୍ଡରଗ୍ରାଉଣ୍ଡ ଲୌହସ୍ଲରୀ ପାଇପ୍ ଲାଇନରେ ଲୁହାପଥର ପରିବହନ ସମୟରେ ଘଣ୍ଟାକୁ ୨୮୦ ଘନମିଟର ପାଣି ଆସୁଛି। ଲୁହାପଥରକୁ ସଂଗ୍ରହ କରାଯିବା ପରେ ଉକ୍ତ ପାଣିକୁ ବିଶୋଧନ କରି ଅନ୍ୟ କାର୍ଯ୍ୟରେ ବିନିଯୋଗ ହେବା କଥା। ପୂର୍ବରୁ ଏହି ପାଣିକୁ ମେସ୍କୋ କାରଖାନାକୁ ଯୋଗାଣ ହେଉଥିଲା। କିନ୍ତୁ ମେସ୍କୋ କାରଖାନା ବନ୍ଦ ହୋଇଯିବା ପରେ ୬ଟି ଅଣ୍ଡରଗ୍ରାଉଣ୍ଡ ପାଇପ୍‌ଲାଇନ୍‌ରେ ବାହାରକୁ ଛଡ଼ାଯାଉଛି, ଯାହାକି ବିଶୋଧନ କରାଯାଉନାହିଁ ବୋଲି କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ଅଭିଯୋଗ କରିଛି। ସେହି ଜଳରେ କାରଖାନାର କୋଇଲାଗୁଣ୍ଡ ଓ ବିଭିନ୍ନ ତୈଳଜାତ ପଦାର୍ଥ ମିଶ୍ରିତ ହେଉଥିବାରୁ ତାହା ବିଷାକ୍ତ ହେଉଛି। ଏପରି କି ଉକ୍ତ ପାଣିରେ ବିଷାକ୍ତ ଫେନଲ୍ ଏବଂ ସାଇନାଇଡ୍ ରହିଥିବା ପୂର୍ବରୁ ହୋଇଥିବା ପରୀକ୍ଷା ରିପୋର୍ଟରେ ସ୍ପଷ୍ଟ ହୋଇଛି। ଏହି ଜଳ ଦ୍ୱାରା ନିକଟସ୍ଥ ଗଣ୍ଡାନାଳ ସମେତ ଆଖପାଖ ଅଞ୍ଚଳ ଜଳ ପ୍ରଦୂଷଣରେ ଉତ୍କଟ ହେଉଛି। ଏହି ଅଭିଯୋଗ ନେଇ ବିଆର୍‌ପିଏଲ୍ କାରଖାନା କର୍ତ୍ତୃପକ୍ଷ ଓ ଏସ୍‌ପିସିବି ଅଧିକାରୀ ଯେନତେନ ପ୍ରକାରେ ରିପୋର୍ଟ ପ୍ରଦାନ କରି ମାମଲାକୁ ଗଡ଼ାଇବାରେ ସକ୍ଷମ ହୋଇଛନ୍ତି। ଏଭଳିସ୍ଥଳେ ଇଡ୍‌କୋ ପାଇପ୍‌ଲାଇନରେ ବିଆର୍‌ପିଏଲ୍ ତା'ର ପାଣି ଛାଡୁଥିବା ପରିବେଶ ଅନୁମତି ପାଇଁ ପ୍ରସ୍ତୁତ ରିପୋର୍ଟରେ ଜଣାପଡ଼ିଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇଡ୍‌କୋର ୮୦୦ ମିଲିମିଟର ଗୋଲେଇ ପାଇପ୍‌ଲାଇନ୍ ପ୍ରାୟ ୨୨ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି। ଏହି ପାଇପ୍‌ଲାଇନ୍‌ରେ ଟାଟା ଷ୍ଟିଲ, ଭିସା ଷ୍ଟିଲ, ମେସ୍କୋ, ମୈଥାନ ଇସ୍ପାତ, ରୋହିତ ଫେରୋଟେକ, ଦୀନବନ୍ଧୁ ଷ୍ଟିଲ ଆଣ୍ଡ ପାୱାର, ଇମାମି ସିମେଣ୍ଟ, ନ୍ୟୁଜୋନ ଟ୍ୟୁବ୍, ଅଶୋକ ଫେରୋଟେକ ଇତ୍ୟାଦି କାରଖାନା ସମେତ କେତେକ ଅନୁଷ୍ଠାନକୁ ଜଳ ଯୋଗାଣ ହେଉଛି। ୨୦୨୦-୨୧ରେ ଇଡ୍‌କୋ ଏହି ଶିଳ୍ପ କାରଖାନାଗୁଡ଼ିକରୁ ଜଳକର ବାବଦକୁ ୨୨ କୋଟି ୨୪ ଲକ୍ଷ ଟଙ୍କା ଆଦାୟ କରିଛି। ତେବେ ଇଡ୍‌କୋର ଏହି ପାଇପଲାଇନରେ ବିଆରପିଏଲ୍ ଉପଯୁକ୍ତ ଭାବେ ବିଶୋଧନ ନ କରି ଲୌହ ମିଶ୍ରିତ ପାଣି ଛାଡୁଥିବା କୁଆଡେ କେତେଜଣ ଇଡ୍‌କୋ ଅଧିକାରୀ ପ୍ରଶ୍ନ ଉଠାଇଥିଲେ। ଏପରି କି ସେମାନେ ବିଆର୍‌ପିଏଲ୍ ପାଣି ନମୁନା ସଂଗ୍ରହ କରି ପରୀକ୍ଷା କରାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ବିଆର୍‌ପିଏଲ୍‌ର ପ୍ରଭାବଶାଳୀ ପରିଚାଳକଙ୍କ ଯୋଗୁ ଏହି ସବୁ ଅନୁସନ୍ଧାନ ରିପୋର୍ଟକୁ ଚପାଇ ଦିଆଯାଉଛି। ବିଆର୍‌ପିଏଲ୍ ଛାଡୁଥିବା ପାଣିର ନମୁନା ଉପଯୁକ୍ତ ଭାବେ ଯାଞ୍ଚ କରାଗଲେ ସତ୍ୟତା ଲୋକଲୋଚନକୁ ଆସିବ ବୋଲି ଜଣେ ଇଡ୍‌କୋ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି।


ଭୁବନେଶ୍ୱର ରସୁଲଗଡ଼ର ଏକ କେନ୍ଦ୍ରରେ ଜଣେ ଯୁବତୀ ଟିକା ନେଉଛନ୍ତି।

### ରାଜ୍ୟରେ ୧ କୋଟି...

ଓ ସମ୍ମୁଖ ଯୋଦ୍ଧାଙ୍କୁ ୪,୮୯,୫୮୯ ଡୋଜ୍ ଦିଆଯାଇଛି। ତେବେ ଟିକା ନେବା ପରେ ମାତ୍ର ୦.୦୦୪%ଙ୍କ ଶରୀରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥିବା ସୂଚନା ରହିଛି। ରାଜ୍ୟରେ ମୋଟ ଟିକାକରଣରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧୪,୦୦,୬୫୮ ଡୋଜ୍ ଟିକାକରଣ ହୋଇଛି। ଏହା ପରେ ଗଞ୍ଜାମରେ ୯,୨୮,୪୮୪, କଟକ ୭,୪୮,୮୫୯, ବାଲେଶ୍ୱର ୫,୪୭,୬୫୩, ସୁନ୍ଦରଗଡ଼ ୫,୩୦,୦୬୬, ପୁରୀ ୪,୫୮,୨୨୩, ମୟୂରଭଞ୍ଜ ୩,୯୧,୧୩୧, ସମ୍ବଲପୁର ୩,୭୯,୪୭୧, କୋରାପୁଟ ୩,୪୨,୦୭୩, କେନ୍ଦୁଝରରେ ୩,୨୬,୨୨୬, ଯାଜପୁର ୩,୧୩,୬୯୭, ଭଦ୍ରକ ୩,୦୩,୩୫୪, କେନ୍ଦ୍ରାପଡ଼ା ୩,୦୨,୪୪୦ ଓ କଳାହାଣ୍ଡିରେ ୩,୧୦,୦୨୬ ଡୋଜ୍ ଟିକାକରଣ ହୋଇଛି। ତେବେ ଦେବଗଡ଼ ଜିଲାରେ ସର୍ବନିମ୍ନ ୬୦,୪୯୨ ଡୋଜ୍ ଟିକାକରଣ ହୋଇଥିବା ଜଣାପଡ଼ିଛି।

ରାଜ୍ୟ ଟିକାକରଣରେ ଏହି ସଫଳତା ମିଳିବା ପରେ ସ୍ୱାସ୍ଥ୍ୟ ବିଭାଗ ଟୁଇଟ୍ କରି ସ୍ୱାସ୍ଥ୍ୟକର୍ମୀଙ୍କୁ ପ୍ରଶଂସା କରିଛି। ଟିକାକରଣ ସୁପରିଚାଳନା ଯୋଗୁ ରାଜ୍ୟରେ ମାତ୍ର ୩% ଟିକା ନଷ୍ଟ ହୋଇଛି, ଯାହା ଦେଶରେ ସବୁଠାରୁ କମ୍। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଆଗଧାଡ଼ିର ଯୋଦ୍ଧାଙ୍କ ପାଇଁ ଓଡ଼ିଶା ୧ କୋଟି ଟିକାକରଣ କରି କୋଭିଡ୍-୧୯ ଲଢ଼େଇରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଅନେକ ଜୀବନ ବଞ୍ଚାଇବା ଉଦ୍ଦେଶ୍ୟରେ ତ୍ୱରିତ ଟିକାକରଣକୁ ସୁନିଶ୍ଚିତ କରିଥିବା ଆମର ସ୍ୱାସ୍ଥ୍ୟକର୍ମୀଙ୍କ ନିଷ୍ଠାକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି। ସେପଟେ ମଙ୍ଗଳବାର ରାଜ୍ୟର ୧,୨୨୨ ଟିକାକେନ୍ଦ୍ରରେ ଟିକାକରଣ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି।

### ହାଇକୋର୍ଟରେ ମାମଲା...

ରୋଗୀମାନେ ବଞ୍ଚିଥିବାବେଳେ ଅବ୍ୟବସ୍ଥାର ଶିକାର ହେଉଛନ୍ତି। ସେହିପରି ଚିକିତ୍ସାଧୀନ ଅବସ୍ଥାରେ ଯେଉଁମାନଙ୍କ ମୃତ୍ୟୁ ଘଟୁଛି, ସେମାନଙ୍କ ମୃତଦେହକୁ ଅସମ୍ମାନ କରାଯାଉଛି। ବଲାଙ୍ଗୀରରେ ଗୋଟିଏ ଜୁଇରେ ୧୦ ମୃତଦେହ ସତ୍କାର କରାଯାଇଛି। ତେଣୁ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ଏହି ଘଟଣାର ତଦନ୍ତ କରାଯାଇ ହସ୍ପିଟାଲ ଓ ଦୋଷୀ ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କୋଭିଡ୍ ହସ୍ପିଟାଲରେ ସିସିଟିଭି ଲଗାଇବା ପାଇଁ ନିବେଦନ କରାଯାଇଛି। ସେହିପରି କରୋନା ଆକ୍ରାନ୍ତଙ୍କ ଚିକିତ୍ସା ପାଇଁ ସରକାରଙ୍କ ପକ୍ଷରୁ ଜାରି ନିର୍ଦ୍ଦେଶାବଳୀକୁ ଠିକ୍‌ଭାବେ କାର୍ଯ୍ୟକାରୀ ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେବାକୁ ମିଶ୍ର ନିବେଦନ କରିଛନ୍ତି। ଆଇନଜୀବୀ ବିଭୁତି ଭୂଷଣ ଚୌଧୁରୀ ମାମଲା ପରିଚାଳନା କରୁଛନ୍ତି।

### ମୂଲ୍ୟାୟନ ସୂତ୍ରକୁ...

ସତ୍ୟପାଠରେ ଉଲ୍ଲେଖ ରହିଛି। ଘରୋଇ କିମ୍ବା ଦ୍ୱିତୀୟ ଥର ପରୀକ୍ଷା ଦେଉଥିବା କମ୍ପାର୍ଟମେଣ୍ଟ ପ୍ରାର୍ଥୀଙ୍କ କ୍ଷେତ୍ରରେ ଗତବର୍ଷ ସୁପ୍ରିମକୋର୍ଟ ଅନୁମୋଦନ କରିଥିବା ୨୦୧୯-୨୦ ଶିକ୍ଷାବର୍ଷ ମୂଲ୍ୟାୟନ ନୀତିରେ ଫଳାଫଳ ନିର୍ଦ୍ଧାରଣ କରାଯିବ। ସେହିପରି ସିଆଇଏସ୍‌ସିଇ ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ ଏହା ମୂଲ୍ୟାୟନ ସୂତ୍ରରେ ସଂଶୋଧନ କରିଛି। ଜୁଲାଇ ୩୧ କିମ୍ବା ଏହା ପୂର୍ବରୁ ଫଳାଫଳ ପ୍ରକାଶ ପାଇବ। ମାର୍କ ହିସାବରେ ତ୍ରୁଟି ଥିଲେ ପିଲା ସମ୍ପୃକ୍ତ ସ୍କୁଲ୍‌କୁ ଲିଖିତ ଆବେଦନ କରିବେ। ସ୍କୁଲ କର୍ତ୍ତୃପକ୍ଷ ସେମାନଙ୍କ ଆବେଦନର ସମୀକ୍ଷା କରିବା ପରେ ଏହାକୁ ବୋର୍ଡକୁ ପଠାଇବେ। ଫଳ ପ୍ରକାଶନର ୭ ଦିନ ମଧ୍ୟରେ ଆବେଦନ ପତ୍ର ବୋର୍ଡରେ ପହଞ୍ଚିବା ଆବଶ୍ୟକ, ନଚେତ ଏହା ଗ୍ରହଣୀୟ ହେବନାହିଁ। ବୋର୍ଡ କର୍ତ୍ତୃପକ୍ଷ ଆବେଦନପତ୍ରର ସମୀକ୍ଷା କରିବା ପରେ ମାର୍କରେ ସଂଶୋଧନ ଆବଶ୍ୟକ ଅନୁଭବ କଲେ ଏ ନେଇ ସମ୍ପୃକ୍ତ ସ୍କୁଲ୍ ମୁଖ୍ୟଙ୍କୁ ଜଣାଇବେ। ବିବାଦ ସମାଧାନ ପାଇଁ ସିଆଇଏସ୍‌ସିଇ ଏକ ଇନ୍‌ହାଉସ୍ କମିଟି ଗଠନ କରିବ ବୋଲି ସତ୍ୟପାଠରେ କହିଛି। ସେହିପରି ଫଳାଫଳକୁ ନେଇ ଅସନ୍ତୁଷ୍ଟ ଥିବା ପିଲା ଗୋଟିଏ କିମ୍ବା ଏକାଧିକ ବିଷୟରେ ଲିଖିତ ପରୀକ୍ଷା ଦେବା ପାଇଁ ଆବେଦନ କରିପାରିବେ। ସ୍ଥିତି ସୁଧୁରିଲେ ସେପ୍ଟେମ୍ବର ୧ ପୂର୍ବରୁ ଏହି ପରୀକ୍ଷା ଅନୁଷ୍ଠିତ ହେବ ବୋଲି ସିଆଇଏସ୍‌ସିଇ କହିଛି। ଉକ୍ତ ଲିଖିତ ପରୀକ୍ଷାରେ ଛାତ୍ରୀଛାତ୍ର ରଖିଥିବା ନମ୍ବରକୁ ସେମାନଙ୍କର ଚୂଡ଼ାନ୍ତ ମାର୍କ ବିବେଚନା କରାଯିବ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖଜୁରି କୋଳି**
**କାହିଁ ଯିବ ତୁମ ବଉଁଶ ଓଳି ?**

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବଂ ତଥା ପରଂ। ମଣିଷ ତା'ର ଜନ୍ମଗତ ପ୍ରକୃତିକୁ କେବେ ଛାଡ଼ିପାରି ନ ଥାଏ। ସେହିପରି ଯାହାର ଯାହା ସ୍ୱଭାବ ରହିଥାଏ ତାକୁ ବଦଳେଇବା ଅତ୍ୟନ୍ତ କଷ୍ଟକର ହୋଇଯାଇଥାଏ। ଉପରକୁ ବେଶ୍ ଭଦ୍ର ଜଣା ପଡୁଥିବା ବ୍ୟକ୍ତିଙ୍କ ଭିତିରିଆ ମନ୍ଦ ସ୍ୱଭାବ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଖାଇ ସାରି ଧୀର ଚାଲିକି**
**ସରି ନୁହେଁ ଘୋଡ଼ା, ହାତୀ ପାଲିଙ୍କି।**

ଖାଇ ସାରିବା ପରେ ଧୀରେ ଧୀରେ ଚାଲିବାରେ ବି ଏକ ପ୍ରକାରର ଠାଣି ଅଛି। ଆଗ କାଳରେ ଧନୀ ଘରର ଲୋକେ ହାତୀ, ଘୋଡ଼ା ପାଲିଙ୍କିରେ ଯିବା ଆସିବା କରୁଥିଲେ। ତେବେ ପାଲିଙ୍କିରେ ଝୁଲି ଝୁଲି ଯିବାଠାରୁ ଧୀର ଚାଲି କୌଣସି ଗୁଣରେ କମ୍ ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:


## classifieds Everyday
0674-2580101, 2549302

real estate

business

**SALE**

3BHK duplex 58 lakhs near Hanspal Jagannathpur, Bhubaneswar (Bank loan available). 9040033905, 9937807101. D-70852

Bhubaneswar Sum Hospitalରୁ 4 k.m. ଦୂରତାରେ boundary plot ମିଳୁଛି। Owner-9090963952. D-70849

Mo Hindustan Jewellers Bhubaneswar started online gold ornaments sale and door step delivery. Please call for more detail 9437160289 or 9437033691. D-20906

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ପାରିବାରିକ ସଦ୍‌ଭାବ ଓ ସମ୍ପର୍କୀୟଙ୍କ ସ୍ନେହ, ଶ୍ରଦ୍ଧା ଓ ଆଦର ପାଇ ଖୁସି ହେବେ। ଆଜକୁ କେତେଦିନ ହେଲା ଯାହା ଭାବୁଥିଲେ ତାହା ଆଜି ସହଜ ଓ ସୁବିଧାରେ ପାଇଯିବେ। ଶିଳ୍ପ, ନିର୍ମାଣ, ବ୍ୟବସାୟ ଓ ବାଣିଜ୍ୟ ଏବଂ ପରିବହନରେ ମଧ୍ୟ ଉନ୍ନତି କରିବେ। କଠିନ ପରିଶ୍ରମ ଓ ଅନିଦ୍ରାଜନିତ ଶାରୀରିକ କ୍ଳାନ୍ତି ଅନୁଭବ କରିପାରନ୍ତି।

**ବୃଷ** – ସ୍ୱାସ୍ଥ୍ୟ ବିଶେଷ କିଛି ଖରାପ ନ ଥିଲେ ମଧ୍ୟ ବିଭିନ୍ନ ଘରୋଇ ଝମେଲା କାରଣରୁ ମନ ଭଲ ରହିବ ନାହିଁ। ବାଣିଜ୍ୟ ଓ ବ୍ୟବସାୟ, ପରିବହନ ତଥା ଲେଖାପଢ଼ା ଓ ପ୍ରଶାସନ କ୍ଷେତ୍ରରେ ଶୁଭଫଳ ପାଇବେ। ବନ୍ଧୁଙ୍କ ପ୍ରତି ସ୍ନେହ ଶ୍ରଦ୍ଧାନୁରାଗୀ ହୋଇପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ନ ରହିଲେ ଅଦଳବଦଳ ହୋଇଯାଇପାରେ।

**ମିଥୁନ** – ଆଜି ସାମୟିକ ଅସୁବିଧା ମଧ୍ୟରେ ଅଟକି ରହିଥିବା କାମଗୁଡ଼ିକ ସୁବିଧାରେ ହୋଇଯିବ। ବହୁତ ଦିନରୁ ଲାଗି ରହିଥିବା ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ। ଦ୍ୱନ୍ଦ୍ୱରେ ପଡି ବନ୍ଧୁମାନଙ୍କର କଥାକୁ ଠିକ୍ ଭାବେ ବୁଝିପାରିବେ ନାହିଁ। ଆର୍ଥିକ ପରିସ୍ଥିତି ବଦଳାଇବା ପାଇଁ କିମ୍ବା କିଛି କରିବା ସକାଶେ କର୍ମମୁଖର ହେବେ।

**କର୍କଟ** – ନିଜ ସଂସ୍ପର୍ଶରେ ଆସୁଥିବା ବ୍ୟକ୍ତିଙ୍କୁ ଆପଣେଇ ନେଇ କାମ ହାସଲ କରିବେ। କର୍ମକ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେମିତି କିଛି ହେବନି। ବ୍ୟବସାୟ ଓ ବାଣିଜ୍ୟ ଏବଂ ପରିବହନ ତଥା ନିର୍ମାଣରେ ପ୍ରତିବନ୍ଧକ ସୃଷ୍ଟି ହେଲେ ମଧ୍ୟ କାମ ସ୍ଥଗିତ ରହିବ ନାହିଁ। ପରିବାର ବିଷୟରେ ଚିନ୍ତା ମନକୁ ବ୍ୟାକୁଳିତ କରିପାରେ।

**ସିଂହ** – ନିଜର ବିଚାରଧାରା ଅନୁଯାୟୀ କାର୍ଯ୍ୟ ସମ୍ପନ୍ନ ସଙ୍ଗକୁ ଅର୍ଥ ଓ ଦ୍ରବ୍ୟ ଲାଭ ହେବ। ପାରିବାରିକ ପରିସ୍ଥିତି ବିଶେଷ ଭଲ ନହେଲେ ମଧ୍ୟ ମନ୍ଦ ହେବନି। ଦେହ ଭଲ ରହିଲେ ମଧ୍ୟ କଠିନ ପରିଶ୍ରମ କିମ୍ବା ଭ୍ରମଣଜନିତ କ୍ଳାନ୍ତିବୋଧ କରିବେ। କ୍ରୀଡ଼ା , ଚଳଚ୍ଚିତ୍ର, ସଙ୍ଗୀତ, ପ୍ରତିଦ୍ୱନ୍ଦ୍ୱିତା, ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**କନ୍ୟା** – ବନ୍ଧୁଗହଣରେ ସତ୍‌ସଙ୍ଗ, ଧାର୍ମିକ ବାତାବରଣ, ସାଂଗଠନିକ କାର୍ଯ୍ୟ କିମ୍ବା ସାମୂହିକ କାମରେ ତତ୍ପରତା ପ୍ରକାଶ କରିବେ। ଖଳ ଲୋକଙ୍କ କଥାରେ ପଡି ହଇରାଣ ହେବେ। ଜଣେ ସହକର୍ମୀଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବେ। ମାଲି ମକଦ୍ଦମା, ତର୍କ ବିତର୍କ, ସଭା ସମିତି, ସଂଗଠନ, ନିର୍ମାଣ ଓ ପରିବହନ, କ୍ଷେତ୍ରରୁ ଶୁଭଫଳ ପାଇବେ।

**ତୁଳା** – ସହକର୍ମୀ ଅନାବଶ୍ୟକ ବିଭିନ୍ନ କଥା କହିବା କାରଣରୁ ବିବାଦ ବଢ଼ିପାରେ। ଶିଳ୍ପ, ବାଣିଜ୍ୟ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନିକ ସ୍ତରରେ ଆଶାନୁରୂପ ସଫଳତା ପାଇବେ। ଆଜିର ଯାତ୍ରା ସମୟରେ ସତର୍କତା ଅଭାବରୁ ଧନହାନିର ଆଶଙ୍କା ରହିଛି। ସ୍ୱାତୀ ନକ୍ଷତ୍ର ସକାଶେ ଅର୍ଥଲାଭ ଓ ବନ୍ଧୁମିଳନ ଅବଶ୍ୟ ଘଟିବ।

**ବିଛା** – ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ଅଶାନ୍ତିର କାରଣ ପାଲଟିଯିବ। କ୍ରୋଧର ବଶବର୍ତ୍ତୀ ହୋଇ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିପାରେ। ଦ୍ରବ୍ୟ ନଷ୍ଟ କାରଣରୁ ଅନ୍ୟ ଉପରେ ରାଗି ପାରନ୍ତି। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଂଗଠନ ଓ କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** – ବନ୍ଧୁଙ୍କ ସମ୍ମୁଖରେ ପ୍ରିୟ କଥା କହି ଭୁଲ୍ ବୁଝାମଣା ହେତୁକ ସମସ୍ୟାକୁ ସୁଧାରି ନେବେ। ପାଖ ପଡ଼ୋଶୀଙ୍କ ସହାୟତାରେ ସାୟାହ୍ନେ ଅର୍ଥ ଓ ସମ୍ମାନ ଲାଭ ହୋଇପାରେ। ଘଟିଯାଇଥିବା ସମସ୍ୟାକୁ ଈର୍ଷାପରାୟଣ ବ୍ୟକ୍ତିମାନେ ବଢାଇ ଦେଇପାରନ୍ତି। ବାକି ରହିଥିବା ଟଙ୍କା ପାଇବାରେ ଅସୁବିଧା ହେବ ନାହିଁ।

**ମକର** – ପାରିବାରିକ କ୍ଷେତ୍ରରେ ମାନସିକ ଅଶାନ୍ତି କ୍ରମଶଃ ବୃଦ୍ଧି ପାଇବା କାରଣରୁ ମନରେ ସରସତା ରହିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ କାମ କରିବା ଭଲ ହେବ। ପ୍ରକୃତ ଘଟଣା ନ ବୁଝି ଉପରିସ୍ଥ କର୍ମଚାରୀ କ୍ରୋଧ ପ୍ରକାଶ କରିପାରନ୍ତି। ରପ୍ତାନି କାରବାର, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କୁମ୍ଭ** – ଦୀର୍ଘ ଦିନ ହେଲା ଯେଉଁ ଜିନିଷଟି ନ ପାଇ ବ୍ୟସ୍ତ ହେଉଥିଲେ ଆଜି ତାହା ଅତି ସୁବିଧାରେ ପାଇଯିବେ। ହଠାତ୍ ଜଣେ ବନ୍ଧୁ ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟା କରିବେ। ଜମିଜମା କିମ୍ବା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ନିର୍ମାଣ କାର୍ଯ୍ୟ କିମ୍ବା ନୂତନ ଚୁକ୍ତିପତ୍ର ବନ୍ଧୁଙ୍କ ଜରିଆରେ ସ୍ୱାକ୍ଷରିତ ହୋଇପାରେ।

**ମୀନ** – ଜମିଜମା କିମ୍ବା ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି କରିବ। ଅଟକି ରହିଥିବା କାମ ସୁବିଧାରେ ସମ୍ପନ୍ନ ହେବା କଷ୍ଟକର ହେବ। ଆକସ୍ମିକ ଅନାବଶ୍ୟକ ଖର୍ଚ୍ଚ ବୃଦ୍ଧି ହେତୁ ମନରେ ସରସତା ରହିବ ନାହିଁ। ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର, ନିର୍ମାଣ, ପରିବହନ, ସଭାସମିତି କ୍ଷେତ୍ରରେ ଆଶାତୀତ ସଫଳତା ହାସଲ କରିବେ।

ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷର ଚମ୍ପକ ଦ୍ୱାଦଶୀ ମଙ୍ଗଳବାର, ଦିବା ଘ.୧୦.୦୦ମି. ପରେ ତ୍ରୟୋଦଶୀ, ଶ୍ରୀମନ୍ଦିରରେ ଗୁଆଲି ନୀତି, ଇଦ୍-ଉଲ୍-ଜୁହା, ବକ୍ରିଦ୍, ହଜ୍‌ଶେଷ, ଜୁନ୍ ୨୨ ତାରିଖ, ରାଶିନକ୍ଷତ୍ର-ବିଶାଖା, ଦିବା ଘ.୦୨.୨୨ମି. ପର୍ଯ୍ୟନ୍ତ ତୁଳା ଚନ୍ଦ୍ର-ସକାଳ, ଘ.୦୮.୫୯ମି. ପର୍ଯ୍ୟନ୍ତ, ମକର ରାଶିର ଘାତବାର, ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫.୧୨ମି. ଗତେ ଘ.୦୭.୫୧ମି. ମଧ୍ୟେ, ଘ.୦୯.୩୬ମି. ଗତେ ଘ.୧୨.୧୫ମି. ମଧ୍ୟେ, ଘ.୦୩.୪୬ମି. ଗତେ ଘ.୦୪.୩୯ମି. ମଧ୍ୟେ ଅମୃତ ବେଳା। ଅପରାହ୍ନ ଘ.୦୨.୫୩ମି. ଗତେ ଘ.୦୩.୪୨ମି. ମଧ୍ୟେ, ଘ.୦୪.୩୯ମି. ଗତେ ଘ.୦୫.୩୧ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୦୩.୦୬ମି. ଗତେ ଘ.୦୪.୪୫ମି. ମଧ୍ୟେ ରାହୁକାଳ।

**ଅପହୃତା ନାବାଳିକା ଉଦ୍ଧାର**

କଳିଙ୍ଗନଗର,(ଡି.ଏନ.ଏ.): ଅପହରଣର ୨୪ ଘଣ୍ଟା ନ ପୂରୁଣୁ ଜଣେ ନାବାଳିକାଙ୍କୁ ଟମକା ପୋଲିସ ତାଙ୍କୁ ଉଦ୍ଧାର କରିଛି । ଏନେଇ ଟମ୍‌କା ଥାନାରେ ଏକ ମାମଲା (ନଂ.୬୬/୨୧) ରୁଜୁ ହୋଇଛି । ଉପର ଟମ୍‌କାରେ ଜଣେ ନାବାଳିକାଙ୍କୁ ଅନ୍ୟ ଜଣେ ନାବାଳକ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ତନାଘନା ପରେ ବୈରୀରେ ଥିବା ଜଣେ ସମ୍ପର୍କୀୟଙ୍କ ଘରୁ ଉଭୟଙ୍କୁ ଉଦ୍ଧାର କରାଯାଇଥିଲା। ମଙ୍ଗଳବାର ଉଭୟଙ୍କ ଡାକ୍ତରୀ ମାଇନା ପରେ ଜୁଭେନାଇଲ କୋର୍ଟରେ ହଜାର କରାଯିବ ବୋଲି ପୋଲିସ କହିଛି ।

# ପୁଣି ଚାଲିଲା ମେସ୍କୋ ଷ୍ଟିଲ ରେଲୱେ ସାଇଡିଂ

ଯାଜପୁର ଅଫିସ/
କଳିଙ୍ଗ ନଗର,୨୧।୬ (ଡି.ଏନ.ଏ.)



ମେସ୍କୋ ଷ୍ଟିଲ ପରିସରରେ ଅନ୍‌ଲୋଡିଂ କାର୍ଯ୍ୟ ଚାଲିଛି।

- ଏସ୍‌ପିସିବି ତଦନ୍ତର ୪ ଦିନ ପରେ ସବୁ ସ୍ୱାଭାବିକ
- ପ୍ରଦୂଷଣ ଉତ୍କଟ, ଅଞ୍ଚଳବାସୀ ନୟାନ୍ତ
- ନାହିଁ ପରିବେଶ ଅନୁମତି

କଳିଙ୍ଗନଗରର ଶିଳ୍ପାଞ୍ଚଳର ମେସ୍କୋ ଷ୍ଟିଲ ପରିସରରେ ବେଆଇନ ରେଲୱେ ସାଇଡିଂ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) ପକ୍ଷରୁ ତଦନ୍ତ କରାଯାଇଥିଲା । ହେଲେ ତଦନ୍ତର ୪ ଦିନ ପରେ ପୁଣି ଅନ୍‌ଲୋଡିଂ କାର୍ଯ୍ୟ ଚାଲିଛି। ବିନା ପରିବେଶ ଅନୁମତିରେ ସାଇଡିଂ ଚାଲିବା କଳିଙ୍ଗନଗରରେ ପ୍ରଥମ ଘଟଣା ବୋଲି ମତପ୍ରକାଶ ପାଇଛି। ଏହାଦ୍ୱାରା ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଇବା ସହ କଳିଙ୍ଗନଗରବାସୀ ବ୍ୟାପକ ବାୟୁ ପ୍ରଦୂଷଣର ଶିକାର ହେଉଛନ୍ତି । ବିଭିନ୍ନ ସଙ୍ଗଠନ ପକ୍ଷରୁ ଏସ୍‌ପିସିବିର ସଦସ୍ୟ ସଚିବଙ୍କୁ ପୂର୍ବରୁ ଏ ସଂକ୍ରାନ୍ତରେ ଅଭିଯୋଗ ହୋଇଛି । ଅଥଚ ତଦନ୍ତରେ କାର୍ଯ୍ୟାନୁଷ୍ଠାନ ସୀମିତ ରଖି ଓଲଟା ସାଇଡିଂ କାର୍ଯ୍ୟକାରୀ କରିବାକୁ ପ୍ରୋତ୍ସାହନ ଯୋଗାଇବା ଏସ୍‌ପିସିବିର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଗତ ୨ ବର୍ଷ ହେଲା କଳିଙ୍ଗନଗର ମେସ୍କୋ ସାଇଡିଂ ନିକଟରେ ଥିବା ସୁକିନ୍ଦା ମାନପୁର ରେଲୱେ ସାଇଡିଂର କଳାତାଣ୍ଡବ ସାଧାରଣ ଲୋକଙ୍କ ପାଇଁ ବିପଦ ସାଜିଥିଲା । ମାନପୁର ସାଇଡିଂକୁ ଲାଗି ଗଉଡସାହି, ସୁଆଁଳ ଓ ମାନପୁର ଗ୍ରାମର ଶତାଧିକ ଲୋକଙ୍କ ପ୍ରଦୂଷଣ ଜନିତ ରୋଗରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା । ଏହାପରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ତାଙ୍କ ପତ୍ରସଂଖ୍ୟା ୧୭୯୮/୧୩।୮।୨୦୧୮ ରେଳ ସାଇଡିଂ ବିଭାଗକୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ତାଗିଦା କରିଥିଲେ । ହେଲେ କୌଣସି ଉପଯୁକ୍ତ ପଦକ୍ଷେପ ନିଆଗଲା ନାହିଁ। ଫଳରେ ଅଞ୍ଚଳବାସୀଙ୍କ ପକ୍ଷରୁ ସୁକିନ୍ଦା ରେଲୱେ ସାଇଡିଂରେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନକୁ ଉଲ୍ଲଂଘନ କରାଯାଉଥିବା ଅଭିଯୋଗରେ ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି)ରେ ମାମଲା (ଆବେଦନ ନମ୍ବର ୩୪/୨୦୨୦) ରୁଜୁ ହୋଇଥିଲା । ଏହି ମାମଲା ଉପରେ ଯାଜପୁର ଜିଲାପାଳ, ଏସ୍‌ପିସିବି ଓ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) କର୍ତ୍ତୃପକ୍ଷଙ୍କୁ ନେଇ ଏକ ତିନି ଜଣିଆ ତଦନ୍ତ ଟିମ ଗଠନ କରିବାକୁ ଏନ୍‌ଜିଟି ପକ୍ଷରୁ ପରାମର୍ଶ ଦିଆଯାଇଥିଲା । ଏହି କମିଟି ତଦନ୍ତ କରିବା ପୂର୍ବରୁ ସାଇଡିଂ ପକ୍ଷରୁ ପରିବେଶ ପ୍ରଦୂଷଣ ଉପରେ କିଛିଟା ପଦକ୍ଷେପ ନିଆଯାଇଥିଲା। ଏହାପରେ କମିଟି ତଦନ୍ତ ରିପୋର୍ଟ ଦେଇ ମାମଲାକୁ ରଫାଦଫା କରିଥିବା ସେତେବେଳେ ଅଭିଯୋଗ ହୋଇଥିଲା। ଏହି ସାଇଡିଂର ପରିବେଶଗତ ଅନୁମତି ରହିଛି। କିନ୍ତୁ ମେସ୍କୋ ରେଲୱେ ସାଇଡିଂର ବିନା ଅନୁମତିରେ ପ୍ରଦୂଷଣ ସମ୍ପର୍କିତ କୌଣସି ନୀତିନିୟମକୁ ନ ମାନି ଉତ୍କଟ ପ୍ରଦୂଷଣ ସୃଷ୍ଟି କରୁଥିବା ଜିପସନ, ଜିସ୍ଲାଗ୍ ଆଦି ପରିବହନ କରୁଥିବା ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ସୋମବାର ସକାଳୁ ମେସ୍କୋ ସାଇଡିଂରେ ୫୮ ବଗି ବିଶିଷ୍ଟ ପ୍ରାୟ ୩୫୦୦ ଟନ୍ ଜିସ୍ଲାଗ୍ ଅନଲୋଡିଂ ହୋଇଥିଲା। ୩୦୦ରୁ ଊର୍ଦ୍ଧ୍ୱ ଟ୍ରିପ ଜିସ୍ଲାଗ୍ କାରଖାନାଗୁଡ଼ିକୁପରିବହନକରାଯାଇଥିଲା। ଏଥିଯୋଗୁ ସାଇଡିଂର ପ୍ରାୟ ୫ କିମି ବ୍ୟାସାର୍ଦ୍ଧ ପର୍ଯ୍ୟନ୍ତ ଅଞ୍ଚଳ ବିଷାକ୍ତ ଜିସ୍ଲାଗ୍ ଗୁଣ୍ଡରେ ଆଚ୍ଛାଦିତ ହୋଇଥିଲା। ଏନେଇ ପରିବେଶବିତ୍ ଅଶ୍ୱିନୀ ଧଳ କୁହନ୍ତି, ବିନା ପରିବେଶ ଅନୁମତିରେ ଏହି ମେସ୍କୋ ଷ୍ଟିଲ ସାଇଡିଂ ଚାଲିବା ଦୁର୍ଭାଗ୍ୟପୂର୍ଣ୍ଣ। ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀଙ୍କ କ୍ଷମତା ଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଫଳରେ ଅଞ୍ଚଳବାସୀ ବ୍ୟାପକ ପ୍ରଦୂଷଣର ଶିକାର ହେଉଛନ୍ତି। ସେଥିପାଇଁ କଳିଙ୍ଗନଗର ଓଡିଶାର ଦ୍ୱିତୀୟ ପ୍ରଦୂଷିତ ସହର ଭାବେ ତାଲିକାଭୁକ୍ତ ହୋଇଛି । ଜିଲାପାଳ ଏଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର ବୋଲି ସେ କହିଛନ୍ତି ।

ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ସଂପୃକ୍ତ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ମୋ କ୍ଷମତା ବାହାରେ। ମୁଁ କେବଳ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରି ପାରିବି। ତଦନ୍ତ ରିପୋର୍ଟ ଏସ୍‌ପିସିବିର ସଦସ୍ୟ ସଚିବଙ୍କୁ ଦିଆଯିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ଘଟଣାସ୍ଥଳ ପରିଦର୍ଶନ କଲେ ଏସ୍‌ଡିପିଓ

ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

**ସିଂହପୁର,୨୧।୬(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅଙ୍ଗାଲୋ ପଞ୍ଚାୟତ ବୋଇତାଳୁ ପାଟଣା ଗ୍ରାମର କାହ୍ନୁ ଯେନାଙ୍କ ପୁଅ ଆଶିଷ (୨୫)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ଆଶିଷଙ୍କ ସାଙ୍ଗମାନେ ଏକ ହତ୍ୟା ଅଭିଯୋଗ ଆଣିଛନ୍ତି। ଏହିକ୍ରମରେ ଏସ୍‌ଡିପିଓ ସରୋଜ କୁମାର ଉପାଧ୍ୟାୟ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ସେ ପ୍ରଥମେ ଆଶିଷଙ୍କ ମୃତଦେହ ଝୁଲିଥିବା ଗଛ ନିକଟକୁ ଯାଇଥିଲେ। ଏହାପରେ ଆଶିଷଙ୍କ ଘରକୁ ଯାଇ ତାଙ୍କ ପରିବାର ଓ ପାଖ ପଡ଼ୋଶୀଙ୍କ ସହ ଆଶିଷଙ୍କ ବିଷୟରେ ଆଲୋଚନା କରିଥିଲେ। ଏହି ଘଟଣାରେ ପୋଲିସ ମାମଲା ରୁଜୁ କରି ନାହିଁ। ଏହା ଅପମୃତ୍ୟୁ କି ହତ୍ୟା ପ୍ରାଥମିକ ତଦନ୍ତ ପରେ ପୋଲିସ ମାମଲା ରୁଜୁ କରିବ ବୋଲି ଜଣାପଡ଼ିଛି। ତେବେ ଘଟଣାକୁ ପୋଲିସ ଗୁରୁତର ସହିତ ଅନୁଧ୍ୟାନ କରୁଛି ବୋଲି ଏସ୍‌ଡିପିଓ ଉପାଧ୍ୟାୟ କହିଛନ୍ତି।

### ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ରସୁଲପୁର,୨୧।୬(ଡି.ଏନ.ଏ.):** ରସୁଲପୁର ବ୍ଲକ ଅଧୀନ ନେତାଜୀ ଶ୍ରମିକ ସଂଗଠନର ପ୍ରତିଷ୍ଠାତା ତଥା ବିଜୁ ଶ୍ରମିକ ସାମ୍ମୁଖ୍ୟର ସାଧାରଣ ସମ୍ପାଦକ ପ୍ରଦୀପ କୁମାର ନାୟକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। କରୋନା ମହାମାରୀରେ କବଳିତ ଶ୍ରମିକଙ୍କୁ ମୁଖ୍ୟମନ୍ତ୍ରୀ ୧୫୦୦ଟଙ୍କା ସହାୟତା ପ୍ରଦାନ କରିବା ଘୋଷଣାକୁ ସେ ସ୍ୱାଗତ କରିଛନ୍ତି। ଏଥିସହ ଯାଜପୁର ଜିଲାର ବିଭିନ୍ନ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ସ୍ୱାଗତ କରାଯାଇଛି। ତେବେ ଏବେ କରୋନା କାଳରେ ବହୁ ଶ୍ରମିକଙ୍କ ମୌଳିକ ବୃତ୍ତି ପ୍ରଭାବିତ ହୋଇଛି। ଉକ୍ତ ପରିବାରକୁ ଚିହ୍ନଟ କରିବା ସହ ସେମାନଙ୍କ ସକାଶେ ସ୍ୱତନ୍ତ୍ର ପାକେଜ୍ ଘୋଷଣା କରିବାକୁ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି।

### ନାବାଳିକା ଉଦ୍ଧାର, ୩ ଗିରଫ

**କଳିଙ୍ଗନଗର,୨୧।୬ (ଡି.ଏନ.ଏ.):** ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ମଙ୍ଗଳବାର କଳିଙ୍ଗନଗର ଥାନା ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଢେଙ୍କାନାଳ ବଣିଆର ଦିବାକର କାଲୁଣ୍ଡିଆ ବିରସିଂ, ଗାଗରିଆ ଓ ଘନ କାଲୁଣ୍ଡିଆ। ୧୭ ତାରିଖରେ ନାବାଳିକା ଅପହରଣ ଅଭିଯୋଗରେ କଳିଙ୍ଗନଗର ଥାନାରେ ମାମଲା (ନଂ. ୧୪୮/୨୧) ରୁଜୁ ହୋଇଥିଲା।

### ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ

**ଧର୍ମଶାଳା,୨୧।୬(ଡି.ଏନ.ଏ.):** ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକଙ୍କଠାରୁ ସୋମବାର ଧର୍ମଶାଳା ପୋଲିସ ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ୧୬ନଂ ଜାତୀୟ ରାଜପଥର ଜାରକାଠାରେ ପୋଲିସ ଯାଞ୍ଚ କରି ସିଟ୍ ବେଲଟ୍ ବ୍ୟବହାର କରି ନ ଥିବା, ମାସ୍କ ବ୍ୟବହାର କରୁ ନ ଥିବା ଓ ରଙ୍ଗରୁଟରେ ଚଳାଚଳ କରୁଥିବା ଗାଡି ଗୁଡିକରୁ ମୋଟ ୨ଲକ୍ଷ ୫ହଜାର ଟଙ୍କା ଜରିମାନା ଆଦାୟ କରିଛି।

# ନାବାଳିକା ବିବାହ ରୋକିଲା ପ୍ରଶାସନ

ବରୀ,୨୧।୬(ଡି.ଏନ.ଏ.)

ବରୀ ବ୍ଲକ ଅଧୀନ ସାହୁପଡ଼ା ପଞ୍ଚାୟତ ହଳଦୀବସନ୍ତ ଗ୍ରାମରେ ଜଣେ ନାବାଳିକାଙ୍କ ବିବାହ ରୋକାଯାଇଛି। ବିବାହ ହେଉଥିବା ଖବରପାଇ ବରୀ ବ୍ଲକ୍ ମହିଳା ଶିଶୁ ବିକାଶ ଅଧିକାରୀ ପ୍ରାଣେଶ୍ୱରୀ ପାଣିଗ୍ରାହୀ ପହଞ୍ଚି ଏହି ବିବାହକୁ ବନ୍ଦ କରିବାକୁ ନାବାଳିକାଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ। ମାତ୍ର ସ୍ଥାନୀୟ ଲୋକେ ଓ ନାବାଳିକାଙ୍କ ପରିବାର ଏହାକୁ ଅଗ୍ରାହ୍ୟ କରି ଦେଇଥିଲେ। ପରେ ପାଣିଗ୍ରାହୀ ଏହି ନାବାଳିକାଙ୍କ ପରିବାରଙ୍କ ନାମରେ ବରୀ ରାମଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ନାବାଳିକାଙ୍କ ବୟସକୁ ନେଇ ଦ୍ୱନ୍ଦ ଉପୁଜିବାରୁ ସମ୍ପୃକ୍ତ ନାବାଳିକା ଶିକ୍ଷା ଗ୍ରହଣ କରିଥିବା ସ୍କୁଲର ପ୍ରଧାନଶିକ୍ଷକଙ୍କ ନିକଟରୁ ବୟସଗତ ପ୍ରମାଣପତ୍ର ଖୋଜା ଯାଇଥିଲା। ପ୍ରମାଣପତ୍ର ଯାଞ୍ଚ ପରେ ସେ ନାବାଳିକା ହୋଇଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ବିବାହ ବନ୍ଦ କରାଯାଇଥିଲା।

# ୧୮ ଫୁଟ୍‌ର ଅଜଗର ଉଦ୍ଧାର

ଚଣ୍ଡିଖୋଲ/ଛଡିଆ,୨୧।୬ (ଡି.ଏନ.ଏ.)

ବୈରୀ ଡାଳିଯୋଡ଼ା ରେଞ୍ଜ ଅଧୀନ ସମିଆ ପଞ୍ଚାୟତ ପୁରୁଲି ଗ୍ରାମ ନିକଟରେ ରବିବାର ସ୍ଥାନୀୟ ଗ୍ରାମବାସୀ ଏକ ୧୮ ଫୁଟ୍ ଲମ୍ବର ଅଜଗର ସାପ ଉଦ୍ଧାର କରିଛନ୍ତି। ସାପଟି ଏକ ଛେଳିକୁ ଖାଉଥିବା ସମୟରେ ଗ୍ରାମବାସୀ ଦେଖିଥିଲେ। ଏହାପରେ ସାପକୁ ଉଦ୍ଧାର କରି ଡାଳିଯୋଡ଼ା ରେଞ୍ଜକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳକୁ ଆସି ସାପକୁ ଉଦ୍ଧାର କରି ନେଇ ନିକଟସ୍ଥ ଜଙ୍ଗଲରେ ଛାଡ଼ିଥିଲେ।

# ଚଣ୍ଡିଖୋଲରେ ଖୋଲିଲା ୨ୟ ଜେଏମ୍‌ଏଫ୍‌ସି କୋର୍ଟ



ଜେଏମ୍‌ଏଫ୍‌ସି କୋର୍ଟ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଚଣ୍ଡିଖୋଲ,୨୧।୬(ଡି.ଏନ.ଏ.)

ଚଣ୍ଡିଖୋଲ କୋର୍ଟରେ ଅଧିକ ମାମଲା ପଡ଼ିରହିଥିବାରୁ ଆଇନ ବିଭାଗ ତରଫରୁ ଏଠାରେ ଦ୍ୱିତୀୟ ଜେଏମ୍‌ଏଫସି କୋର୍ଟ ସୋମବାର ଉଦ୍‌ଘାଟିତ ହୋଇଛି। ଯାଜପୁର ଜିଲା ଓ ଦୌରାଜଜ୍ ଶ୍ରୀକାନ୍ତ ମିଶ୍ର ଏହାକୁ ଉଦ୍‌ଘାଟନ କରିଛନ୍ତି। ଚଣ୍ଡିଖୋଲ କୋର୍ଟବାର ଆସୋସିଏଶନ ହଲରେ କୋଭିଡ ନିୟମାନୁଯାୟୀ ଅନୁଷ୍ଠିତ ଉଦ୍‌ଘାଟନୀ ଓ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଦୌରାଜଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଦ୍ୱିତୀୟ ଜେଏମଏଫସି କୋର୍ଟ କାର୍ଯ୍ୟ ଆରମ୍ଭ ହେବା ପରେ ଏଠାରେ ବହୁଦିନ ଧରି ପଡ଼ିରହିଥିବା ମାମଲା ଗୁଡିକର ବିଚାର ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏହି ନିରାଡ଼ମ୍ବର ସଭାରେ ଅନ୍ୟମାନଙ୍କ ମଧ୍ୟରେ ସବଜଜ୍ ବିଷ୍ଣୁପ୍ରସାଦ ମିଶ୍ର, ଜେଏମ୍‌ଏଫସି ସୋମ୍ୟରଞ୍ଜନ ପୃଷ୍ଟି ଏବଂ ଏଠାରେ ନୂତନ ଭାବେ ଯୋଗଦେଇ କାର୍ଯ୍ୟ ଭାର ଗ୍ରହଣ କରିଥିବା ଜେଏମ୍‌ଏଫସି ସୁଶ୍ରୀ ତସଲିମା ଦାସ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କୋର୍ଟ ପରିସରରେ ଥିବା ବାରିଷ୍ଟର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। କୋଭିଡ୍ କଟକଣା ଅନୁଯାୟୀ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ଏଥିରେ ଚଣ୍ଡିଖୋଲ କୋର୍ଟ ବାର ଅସୋସିଏଶନ୍ ସଭାପତି, ସମ୍ପାଦକଙ୍କ ସମେତ ଅସୋସିଏଶନ୍‌ର କର୍ମକର୍ତ୍ତା ଯୋଗ ଦେଇଥିଲେ। ସମସ୍ତ ଆଇନଜୀବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଠିକାଦାରଙ୍କୁ କାରଣ ଦର୍ଶାଅ ନୋଟିସ

କଳିଙ୍ଗନଗର,୨୧।୬(ଡି.ଏନ.ଏ.)

- ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ
- ଅଧାପନ୍ତରିଆ କାମ କରି ନୀରବ

ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧୀନ ମନ୍ଦାରଖଣ୍ଡ ଛକଠାରୁ ବାହାବଲପୁର-ଭଅଁରା ଶାସନ ରାସ୍ତାର ଉନ୍ନତିକରଣ କାମକୁ ଅଧାପନ୍ତରିଆ ଛାଡି ସଂପୃକ୍ତ ଠିକାଦାର ହରବଘଣାରେ ପଡିଛନ୍ତି। ଯାଜପୁରରୋଡ ନିଉ ମାର୍କେଟର ଠିକାଦାର ସୁରେଶ କୁମାର ରଥଙ୍କ ଏହି କାର୍ଯ୍ୟଚୁକ୍ତିକୁ କାହିଁକି ରଦ୍ଦ କରାଯିବ ନାହିଁ ବୋଲି ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ବୃତାନ୍ତ କାରଣ ଦର୍ଶାଅ ନୋଟିସ ଜାରିକରିଛନ୍ତି। ଏପରିକି ବାକି ରହିଥିବା କାମର ୨୦ ପ୍ରତିଶତ ଜୋରିମାନା ଦେବାକୁ ସେ ଚେତାବନୀ ଦେଇଛନ୍ତି। ଏହିମର୍ମରେ ନିର୍ବାହୀ ଯନ୍ତ୍ରୀ ତାଙ୍କ ପତ୍ରସଂଖ୍ୟା ୨୫୭୪/୧୭।୬।୨୦୨୧ରେ ଠିକାଦାର ରଥଙ୍କୁ ନୋଟିସ ଦେଇଛନ୍ତି।

ଉକ୍ତ ନୋଟିସରେ ଆହୁରି ଦର୍ଶାଯାଇଛି ଯେ, ଠିକାଦାର ରଥଙ୍କୁ ଆରଆଇଡିଏଫ୍(ରୁରାଲ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫଣ୍ଡ)ରୁ ୨୦୧୮-୧୯ ବର୍ଷରେ ମନ୍ଦାରଖଣ୍ଡ ଛକ ଠାରୁ ବାହାବୁଲପୁର ରାସ୍ତା ଉନ୍ନତିକରଣ ଦାୟିତ୍ୱ ଦିଆଯାଇଥିଲା। ଏହା ୧।୧।୨୦୧୯ରେ ଆରମ୍ଭ କରି ୩୦।୯।୨୦୧୯ରେ ଶେଷ କରିବାକୁ ଚୁକ୍ତିରେ ଧାର୍ଯ୍ୟ ହୋଇଥିଲା। ତେବେ ଧାର୍ଯ୍ୟ ସମୟ ସୀମାର ଦେଢ ବର୍ଷରୁ ଊର୍ଦ୍ଧ୍ୱ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କାମର ମାତ୍ର ୭୧ ପ୍ରତିଶତ ସମ୍ପନ୍ନ ହୋଇଛି। ଏହି ସମୟରେ ଠିକାଦାର ରଥଙ୍କୁ ୨୩।୧୨।୨୦୧୯, ୨୪।୨।୨୦୨୦, ୨୨।୧୦।୨୦୨୦ ଓ ୧୦।୧।୨୦୨୧ରେ ରାସ୍ତା ନିର୍ମାଣରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ହୋଇଛି। ଏହାବାଦ୍ ଏକାଧିକ କାରଣ ଦର୍ଶାଅ ନୋଟିସ ମଧ୍ୟ ହୋଇଛି। କିନ୍ତୁ କୌଣସି ପତ୍ର କିମ୍ବା କାରଣ ଦର୍ଶାଅ ନୋଟିସ ଉପରେ ଠିକାଦାର ରଥ ଆଦୌ ଉତ୍ତର ଦେଇ ନାହାନ୍ତି। କେବଳ କାଯର୍ଯ୍ୟ ସମୟ ସୀମା ବୃଦ୍ଧି କରିବାକୁ ଆବେଦନ କରି ନୀରବି ଯାଇଛନ୍ତି। ତେଣୁ ଆସନ୍ତା ୩୦।୬।୨୦୨୧ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ ନକଲେ ଆଇନ ଅନୁସାରେ ପରବର୍ତ୍ତି ପଦକ୍ଷେପ ନିଆଯିବ ବୋଲି ନିର୍ବାହୀ ଯନ୍ତ୍ରୀ କାରଣ ଦର୍ଶାଅ ନୋଟିସରେ ଚେତାବନୀ ଦେଇଛନ୍ତି।

# ଅନ୍ୟତ୍ର ବିବାହ ଯୋଜନା: ସ୍ୱାମୀ ଗିରଫ

ରସୁଲପୁର,୨୧।୬(ଡି.ଏନ.ଏ.)

କୁଆଖିଆ ଥାନା ଭୋଟକା ପଞ୍ଚାୟତ ବିଲିପଡ଼ା ଗ୍ରାମର ପ୍ରମିଳା ସେଠୀଙ୍କୁ ତାଙ୍କ ସ୍ୱାମୀ ସାଗର ମଲ୍ଲିକ(୨୬)ନିର୍ଯାତନା ଦେବା ସହ ଅନ୍ୟତ୍ର ବିବାହ କରିବାକୁ ମସୁଧା କରୁଥିବା ଅଭିଯୋଗ ହୋଇଛି। ଏହି ଅଭିଯୋଗ ଆଧାରରେ ପୋଲିସ ସାଗରଙ୍କୁ ଗିରଫ ପରି ସୋମବାର କୋର୍ଟଚାଲାଣ କରିଛି।

ପ୍ରକାଶଯେ, କୋରେଇ ବ୍ଲକ ତାଳଗଡ଼ିଆ ଗ୍ରାମର ସାଗର ୨୦୧୮ରେ ପ୍ରମିଳାଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ଭଲରେ କଟିଥିଲା। ତେବେ କିଛିଦିନ ତଳେ କୌଣସି କାରଣରୁ ଦମ୍ପତିଙ୍କ ମଧ୍ୟରେ କଳହ ଉପୁଯିଥିଲା। ଏପରି କି ପ୍ରମିଳାଙ୍କୁ ସାଗର ଘରୁ ବାହାର କରିଦେଇଥିଲେ। ଫଳରେ ପ୍ରମିଳା ଆସି ବାପଘରେ ରହୁଛନ୍ତି। ମାତ୍ର ଉକ୍ତ ସୁଯୋଗରେ ସାଗର ଅନ୍ୟତ୍ର ବିବାହ କରିବାକୁ ମସୁଧା କରୁଥିଲେ। ଏକଥା ଜଣାପଡ଼ିବା ପରେ ପ୍ରମିଳାଙ୍କ ମା' ଶନିବାର ରାତିରେ କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ରବିବାର ରାତିରେ ସାଗରଙ୍କୁ ଗିରଫ କରିଥିଲା। ଏନେଇ ଥାନାରେ ଏକ ମାମଲା (ନଂ.୨୧୮/୨୧) ରୁଜୁ ହୋଇଛି।

# ବଦଳିଲା ବିଭାଗ, ବଦଳୁନି ରାସ୍ତା ଅବସ୍ଥା

ଚଣ୍ଡିଖୋଲ,୨୧।୬(ଡି.ଏନ.ଏ.)

- ବାଲିଚନ୍ଦ୍ରପୁର-ଦେକୁରୀ ପୂର୍ତ୍ତ ବିଭାଗ ରାସ୍ତା
- ୫୦ ହଜାର ଲୋକଙ୍କ ଯାତାୟାତରେ ସମସ୍ୟା



କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ରାସ୍ତା ନବୀକରଣ କରାଯାଉଛି। ଏହାପରେ ରାସ୍ତାକୁ ଗୋଟିଏ ବିଭାଗରୁ ଅନ୍ୟ ବିଭାଗ ହସ୍ତାନ୍ତର କରାଯାଉଛି। ହେଲେ ରାସ୍ତାର ରୂପରେଖ ବଦଳୁନାହିଁ। ପୂର୍ବରୁ ଯାହା ପରେ ମଧ୍ୟ ସେହି ଅବସ୍ଥା ରହୁଛି। ଏଭଳି ଅବସ୍ଥା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁର-ଦେକୁରୀ ରାସ୍ତାରେ। ପୂର୍ବରୁ ଏହି ରାସ୍ତାଟି ଜଳସମ୍ପଦ ବିଭାଗ ଅଧୀନରେ ଥିଲା। ୨୦୧୯ରେ ଏହା ପୂର୍ତ୍ତ ବିଭାଗକୁ ହସ୍ତାନ୍ତର ହୋଇଛି। ପୂର୍ତ୍ତ ବିଭାଗ ଟେଣ୍ଡର ଜରିଆରେ ଏହାର ପ୍ରଶସ୍ତୀକରଣ ନିମନ୍ତେ ଦୀର୍ଘ ଦୁଇ ବର୍ଷ ହେଲା କହୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ତାହା ହୋଇ ପାରିନାହିଁ।

ସୂଚନାଯୋଗ୍ୟ, କେନ୍ଦ୍ରପଡ଼ା ଜଳସମ୍ପଦ ଡିଭିଜନ ଅଧୀନରେ ବାଲିଚନ୍ଦ୍ରପୁରଠାରୁ ଦେକୁରୀ ପର୍ଯ୍ୟନ୍ତ ୧୦ କି.ମି.୨୦୦ ମିଟର ରାସ୍ତା ରହିଥିଲା। ୨୦୧୪ରେ ଏହି ରାସ୍ତା ନବୀକରଣ ନାମରେ ୧୪ କୋଟି ୮୫ ଲକ୍ଷ ଟଙ୍କା ବ୍ୟୟବରାଦରେ କାର୍ଯ୍ୟ ହୋଇଥିଲା। ୨୦୧୬ ଜୁନ୍‌ରେ ରାସ୍ତା କାର୍ଯ୍ୟ ଶେଷ ହେଲା। ତେବେ ଏହାର ୪ ମାସ ପରେ ରାସ୍ତାରୁ ପିଚୁ ଉଠିଗଲା। ଏହି ଘଟଣା ନେଇ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ସହ ତତ୍କାଳୀନ ଜଳସମ୍ପଦ ସଚିବ ପ୍ରଦୀପ ଜେନାଙ୍କ ନିକଟରେ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ୨୦୧୭ରେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଥିଲା। ଜଳସମ୍ପଦ ବିଭାଗ ପକ୍ଷରୁ ପୁନର୍ବାର ୨୦୧୮ରେ ସମ୍ପୃକ୍ତ ରାସ୍ତା ମରାମତି ନାମରେ ୧୭ ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା। ତେବେ ମରାମତିର ୪ ମାସ ପରେ ପୁଣି ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଯାଇଥିଲା। ସେଥିପାଇଁ ସମ୍ପୃକ୍ତ ରାସ୍ତାକୁ ୨୦୧୯ ନଭେମ୍ବରରେ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯାଇଥିଲା।

ପୂର୍ତ୍ତବିଭାଗ ତରଫରୁ ରାସ୍ତାର ପ୍ରଶସ୍ତୀକରଣ ପାଇଁ ଟେଣ୍ଡର କରାଯାଇ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଆକଳନ ଚିଠା ପ୍ରଦାନ କରା ଯାଇଥିଲା। ତେବେ ଏହା ଟେଣ୍ଡର ପ୍ରକ୍ରିୟାକୁ ନ ଯିବାରୁ ୨୦୨୦ରେ ଗୁପ୍ତ ଟେଣ୍ଡର ମାଧ୍ୟମରେ ୫ କି.ମି. ରାସ୍ତାର ମରାମତି ପାଇଁ ଏଫ ୨ ଜରିଆରେ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାପରେ ମଧ୍ୟ ରାସ୍ତାର ଅବସ୍ଥା ବଦଳିନାହିଁ। ରାସ୍ତା ଉପରେ ତିନୋଟି ନିର୍ବାଚନମଣ୍ଡଳୀର ପ୍ରାୟ ପଚାଶ ହଜାର ଲୋକ ପାଇଁ ନିର୍ଭର କରିଥାନ୍ତି। ଏପରିକି ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି, ଉଦୟଗିରି ଓ ରତ୍ନଗିରିକୁ ଏହି ରାସ୍ତାଟି ସଂଯୋଗ କରୁଛି। ପର୍ଯ୍ୟଟକ ମଧ୍ୟ ସମ୍ପୃକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି। ତେବେ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଥିଲେ ମଧ୍ୟ ୬ ବର୍ଷ ହେଲା ସମ୍ପୃକ୍ତ ରାସ୍ତାର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡୁଛି। ଏହାର ପୁନଃରୁଦ୍ଧାର ପାଇଁ ସ୍ଥାନୀୟ ଅଞ୍ଚଳବାସୀ ବାରମ୍ବାର ଦାବି କରିଆସୁଛନ୍ତି। ହେଲେ ତାହା ହେଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରୋହିତ ବିଶ୍ୱାଳ କହିଛନ୍ତି, ବର୍ତ୍ତମାନ ବଜେଟ୍ କମ ଥିବାରୁ ମାତ୍ର ୫ କି.ମି. ରାସ୍ତା ମରାମତି ପାଇଁ ଟେଣ୍ଡର ପ୍ରକ୍ରିୟାକୁ ଯାଇଛି। ଖୁବ୍‌ଶୀଘ୍ର ଟେଣ୍ଡର କରାଯାଇ କାମ ଆରମ୍ଭ ହେବ। ଏବେ ଦେଖିବାକୁ ଅପେକ୍ଷା, କେବେ ଏହି କାର୍ଯ୍ୟ ଆରମ୍ଭ ହେଉଛି।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଡିଏଲ୍‌ଏସ୍‌ବିଏନ୍‌ଡିଏମ୍-କ୍ଲିନିଂ-୦୨-୨୦୨୧, ତାରିଖ: ୧୭।୦୬।୨୦୨୧ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର (ଡିଜେଲ), ଦକ୍ଷିଣ ପୂର୍ବ ରେଳପଥ, ବଣ୍ଡମୁଣ୍ଡା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । କାର୍ଯ୍ୟର ନାମ: ୨ ବର୍ଷ ପାଇଁ ଡିଏଲ୍‌ଏସ୍/ବିଏନ୍‌ଡିଏମ୍‌ର ଲୋକୋ ସଫେଇ, ଶେଡ୍ ସଫେଇ, ଆବର୍ଜନା ଓ କଠିନ ବର୍ଜ୍ୟବସ୍ତୁ ହଟାଇବା । ଟେଣ୍ଡର ମୂଲ୍ୟ: ₹୧,୨୨,୨୫,୪୧୬.୩୭ । ଇଏମ୍‌ଡି: ଶୂନ୍ୟ । ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ: ତା୦୮।୦୭।୨୦୨୧ରିଖ ୧୨.୦୦ ଘଟିକା । (PR-127)

**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadev Vatika Square, Khandagiri, Bhubaneswar-751030, Ph. : 0674-2975390

**EXPRESSION OF INTEREST FOR SELECTION OF DIGITAL MARKETING & SALES AGENCY FOR UTKALIKA**

Expression of Interest (EOI) in sealed cover along with requisite documents are invited from interested agencies to be engaged as a Digital Marketing & Sales agency for Utkalika for a period of 24 months.The Bid Document can be downloaded from the website: www.utkalikaodisha.in.The bidder has to submit the cost of document i.e. Rs. 1,000/- in shape of DD favoring Odisha State Co-op. Handicrafts Corporation Ltd. (Utkalika) with the technical bid. The last date of receipt of the sealed offers in the office of OSCHC Ltd. (Utkalika) is up to 5 pm **on dt.06.07.2021** by **Speed Post/ Registered Post / Courier** only. The "Technical Bids" will be opened at 11am **on dt.07.07.2021** in presence of the bidders or their authorized representatives. The "Financial Bids" of qualifying bidders will be opened on suitable date and time under intimation to the qualified bidders.The bidders have to submit documents as specified along with technical bid in conformity with the detail terms & conditions in bid documents.

**The authority reserves the right to accept or reject any or all the offers without assigning any reason thereof.**

Sd/- Managing Director

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**Corrigendum to Notice Inviting Tender (NIT)**

TPWODL/PN/O/SU/013- EGIS System implementation and maintenance at TPWODL

The time period is hereby extended for Submission of Tender Participation Fee and Authorization Letter through e-mail till 25th June 2021, 1500Hrs, after which link from e-Tender system shall be shared. A Corrigendum to the said notice has been uploaded in our website www.tpwesternodisha.com. Prospective bidders are requested to visit the website for detailed amendment and updated tender document.

Sd/- Chief Contracts and Stores

**ZILLA SWASTHYA SAMITI, BOUDH**
No. 2911 Date: 18.06.2021

**TENDER CALL NOTICE FOR SUPPLY OF IEC & PRINTING MATERIALS**

No. E-172:- Sealed tenders are invited from the interested parties/Firms/Companies for supply of IEC and Printing Materials under NHM. The interested bidders may download tender papers along with terms & conditions from the district web portal (https://boudh.nic.in)

Sd./- CDM & PHO-cum-DMD, Boudh
OIPR-10107/11/0002/2122

**BHAWANIPATNA CENTRAL COOPERATIVE BANK LTD.**
BHAWANIPATNA - 766001
Tel. No.: +91-6670-230786/230426/230380, Fax No. +91-6670-230642
e-mail: dccbkalahandi49@gmail.com
Website: http://oscb.coop/network/Bhabanipatana.asp

**QUOTATION CALL NOTICE**

Sealed quotations are invited by the undersigned from IRDAI approved Insurance Companies for Personal Accident Policy for 50,000 no of KCC Holders of the Bank. The sum insured per KCC Holder will be Rs.50,000.00.
The bidders are required to submit quotation on the rate of premium with other terms and conditions on or before **02.07.2021 by 5 P.M.** and the sealed quotation will be opened on **03.07.2021** in the office of the undersigned.
The undersigned reserve the right to cancel any or all the quotations at any stage without assigning any reason thereof.

Chief Executive Officer
Bhawanipatna Central Co-operative Bank Ltd.

**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited invites tender (2part bidding) from eligible vendors for the following packages:
1) **TPWODL/NP/O/SU/015– Rate Contract for Supply of 11KV 200Amp. 3-Pole HG Fuse-1902 sets.**

Interested bidders to submit Tender Participation Fee and Authorization Letter through email before 02nd July 2021, 1500 Hrs, after which link from e-Tender system shall be shared.

For detailed tender documents of the above mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.

All future correspondence regarding the tender, bid submission, bid submission date extension etc. will happen with participating bidders only through E-Tender system.

Sd/- Chief-Contracts and Stores

**ତହସିଲ କାର୍ଯ୍ୟାଳୟ, କାମାକ୍ଷାନଗର**
**ଜିଲ୍ଲା-ଢେଙ୍କାନାଳ**
ସଂଖ୍ୟା 2161/ତାରିଖ: 21.06.2021

**ଲଘୁ ଖଣିଜ ସକାଶେ ଦୀର୍ଘମିଆଦୀ ଲିଜ୍ ଇସ୍ତାହାର**

No. F-49:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ କାମାକ୍ଷାନଗର ତହସିଲ ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖାଦାନଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ପାଇଁ ତହସିଲଦାର, କାମାକ୍ଷାନଗରଙ୍କ ଦ୍ୱାରା ତା୦୬.୦୭.୨୦୨୧, ୧୪.୦୭.୨୦୨୧, ୨୩.୦୭.୨୦୨୧ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ ।

ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ www.dhenkanal.nic.inରେ ଉପଲବ୍ଧ ହେବ ।

ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକରେ ତହସିଲ କାର୍ଯ୍ୟାଳୟରେ ଥିବା ନିଲାମ ବାକ୍ସ, ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ତା ୦୫.୦୭.୨୦୨୧, ୧୩.୦୭.୨୦୨୧, ୨୨.୦୭.୨୦୨୧ରିଖ ପୂର୍ବାହ୍ନ ୧୦.୦୦ ଘଟିକାଠାରୁ ଅପରାହ୍ନ ୫ ଘଣ୍ଟା ୩୦ ମିନିଟ ପର୍ଯ୍ୟନ୍ତ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବନାହିଁ ।

ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷଙ୍କ ପାଖରେ ରହିଛି ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

ସ୍ୱା./- ତହସିଲଦାର, କାମାକ୍ଷାନଗର
OIPR-24065/11/0002/2122

ତୁମ ହୃଦୟରେ ସର୍ବଦା ସମସ୍ତଙ୍କ ପାଇଁ ଶୁଭେଚ୍ଛା ଜାଗ୍ରତ ହୋଇ ଥାଉ। ପ୍ରେମ ମଧ୍ୟ ଜାଗ୍ରତ ହୋଇ ଥାଉ ଏବଂ ତୁମେ ସେସବୁକୁ ଖୁବ୍ ଶାନ୍ତ ଭାବରେ ଓ ସମଭାବରେ ସବୁଠାରେ ବୁଣି ଦେଇ ଯାଅ। –ଶ୍ରୀମା

# ଆଲୋଚନାରେ କଶ୍ମୀର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଜମ୍ମୁ ଓ କଶ୍ମୀରର ୧୪ ରାଜନୈତିକ ଦଳର ପ୍ରମୁଖ ନେତାମାନେ ଜୁନ୍ ୨୪ରେ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ କେଉଁ ପ୍ରସଙ୍ଗ ନେଇ କଥାବାର୍ତ୍ତା କରାଯିବ ସେନେଇ କୌଣସି କାର୍ଯ୍ୟସୂଚୀ ସାଧାରଣରେ ପ୍ରକାଶ ପାଇନାହିଁ। ତଥାପି କଶ୍ମୀର ପର୍ଯ୍ୟବେକ୍ଷକଙ୍କ ମତ ଅନୁଯାୟୀ, ଏହା ଏକ ରାଜନୈତିକ ପ୍ରକ୍ରିୟା ଆରମ୍ଭ କରିବା ଦିଗରେ ପ୍ରୟାସ ମାତ୍ର। କଶ୍ମୀର ପ୍ରସଙ୍ଗକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଭାରତ ପ୍ରବଳ ନିନ୍ଦିତ ହୋଇଥିବାରୁ ଏଭଳି ପଦକ୍ଷେପ ନିଆଯାଇଥାଇପାରେ। ଏହି ଆଲୋଚନାକୁ ଲୋକଙ୍କ ଭାବାବେଗ ସହିତ ଭଲ ଭାବେ ଜଡ଼ିତ ଥିବା ଜମ୍ମୁ ଓ କଶ୍ମୀରର ପ୍ରମୁଖ ରାଜନୈତିକ ଦଳ ଯିବେ କି ନାହିଁ ତା' ଉପରେ ସନ୍ଦେହ ଉପୁଜିଲାଣି। ଦୀର୍ଘ ଦୁଇ ବର୍ଷ ଧରି ସେଠାକାର ନାଗରିକ ଯେଉଁଭଳି ନିଜ ଦେଶର ସରକାରଙ୍କ ଦ୍ୱାରା ନିର୍ଯାତିତ ହୋଇ ଚାଲିଛନ୍ତି, ତାହା ସେମାନଙ୍କୁ ଭାରତ ବିରୋଧୀ କରାଇ ଦେଇଥାଇପାରେ।

୫ ଅଗଷ୍ଟ ୨୦୧୯ରେ ସମ୍ବିଧାନର ୩୭୦ ଅନୁଚ୍ଛେଦକୁ ଏହି ରାଜ୍ୟରୁ ଉଚ୍ଛେଦ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ପରେ ଜମ୍ମୁ ଓ କଶ୍ମୀର ଏବଂ ଲଦାଖ ନାମରେ ଦୁଇଟି କେନ୍ଦ୍ର ଶାସିତ ଅଞ୍ଚଳ ସୃଷ୍ଟି ହୋଇଥିଲା। କିନ୍ତୁ ଜମ୍ମୁ ଓ କଶ୍ମୀରକୁ ପୂର୍ବରୁ ଯେଉଁ ସ୍ୱତନ୍ତ୍ର କ୍ଷମତା ମିଳିଥିଲା ତାହା ରାତାରାତି ବନ୍ଦ ହୋଇଯାଇଥିଲା। କେତେ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସହ ଅନେକ ନେତାଙ୍କୁ ଗୃହବନ୍ଦୀ ରଖାଯିବା ଓ ସ୍ଥଳବିଶେଷରେ ଜେଲ ପଠାଯିବା, ଲୋକଙ୍କ ଯାତାୟାତ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯିବା, ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯିବା, ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଯିବା, କେନ୍ଦ୍ର ବିରୋଧୀ ସ୍ୱର ଉତ୍ତୋଳନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବା ଆଦି ବିଭିନ୍ନ ପଦକ୍ଷେପ ସେଠାକାର ନାଗରିକଙ୍କୁ ଅସହ୍ୟ ଯନ୍ତ୍ରଣା ଦେଇଚାଲିଛି। ଦେଶବ୍ୟାପୀ କୋଭିଡ-୧୯ ଯୋଗୁ ହୋଇଥିବା ଲକ୍‌ଡାଉନ୍‌ର ବହୁ ପୂର୍ବରୁ କଶ୍ମୀର ଜନସାଧାରଣ ସମ୍ପୂର୍ଣ୍ଣ ସାମରିକ ଶଟ୍‌ଡାଉନ୍‌ର ଶିକାର ହୋଇଆସୁଛନ୍ତି। ପିଲାମାନଙ୍କ ପାଠପଢ଼ା ଦେଶର ଅନ୍ୟାନ୍ୟ ଭାଗଠାରୁ ଆହୁରି ଦୟନୀୟ ହୋଇଯାଇଛି। ଦୁଇବର୍ଷ ଧରି ପଢ଼ା ବନ୍ଦ ସହିତ ଇଣ୍ଟରନେଟ୍ ନ ଥିବାରୁ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା ମଧ୍ୟ ଆଗେଇପାରି ନାହିଁ। ବିକାଶମୂଳକ କାର୍ଯ୍ୟ ବନ୍ଦ ରହିଥିବାରୁ କାହାରି ଆର୍ଥିକ ଉନ୍ନତି ହୋଇପାରି ନାହିଁ। ଅସଂଖ୍ୟ ଯୁବତୀଯୁବକ ବେକାର ହୋଇଯାଇଛନ୍ତି। ଉଦାହରଣ ସ୍ୱରୂପ, ପର୍ଯ୍ୟଟନରୁ କଶ୍ମୀର ଯେଉଁ ରାଜସ୍ୱ ପାଉଥିଲା ବିଭିନ୍ନ କଟକଣା ଲାଗିବା ପରେ ସେହି କ୍ଷେତ୍ର ସମ୍ପୂର୍ଣ୍ଣ ମାଡ଼ ଖାଇଗଲା। ସେଥିରେ ନିୟୋଜିତ ବର୍ଗ ବେକାର ହୋଇଗଲେ। ସେହିଭଳି ପରିବହନ ବ୍ୟବସ୍ଥା ବାଧାପ୍ରାପ୍ତ ହୋଇଯିବାରୁ ସେଠାକାର ଫଳ ଦେଶର ଅନ୍ୟାନ୍ୟ ସ୍ଥାନକୁ ଯାଇପାରିଲା ନାହିଁ। ତାହା ଉପରେ ନିର୍ଭର କରୁଥିବା ଚାଷୀ ଓ ବ୍ୟବସାୟୀଙ୍କ ବଡ଼ ଆର୍ଥିକ କ୍ଷତି ଘଟିଲା। ସାମ୍ପ୍ରତିକ କୋଭିଡ୍-୧୯ ସମସ୍ୟାର ମୁକାବିଲା ପାଇଁ କଶ୍ମୀରରେ କୌଣସି ପ୍ରସ୍ତୁତି ପାଇଁ ବ୍ୟବସ୍ଥା କରାଯାଇଥିବାର ଖବର କାହାରି ପାଖରେ ନାହିଁ। ସେଠାରେ ସଂକ୍ରମଣ ହାର ଓ ମୃତ୍ୟୁସଂଖ୍ୟା ମଧ୍ୟ ଗୋପନୀୟ ରଖାଯାଇଛି।

ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରୁ ଚାପ ପଡ଼ିବାରୁ ପରବର୍ତ୍ତୀ ସମୟରେ ଯଦିଓ କଟକଣାରେ ସାମାନ୍ୟ କୋହଳ କରାଯାଇଛି, ତାହା କେବଳ ଲୋକଦେଖାଣିଆ ବୋଲି ବିଦେଶୀ ଗଣମାଧ୍ୟମ ପ୍ରକାଶ କରୁଛି। ଏଭଳି ସ୍ଥଳେ ସେଠାକାର ଜନସାଧାରଣ ଏକ ସ୍ୱାଧୀନ ଭାରତରେ ବାସ କଲା ଭଳି ଅନୁଭବ କରିପାରୁନାହାନ୍ତି। ଏବେ ଯେଉଁ ସ୍ଥିତି ଉପୁଜିଛି କେନ୍ଦ୍ର ସରକାର ଅତି ଚତୁରତାର ସହିତ ଆଲୋଚନାକୁ ମାଧ୍ୟମ କରିଛନ୍ତି। ଯଦି କଶ୍ମୀରର ରାଜନୈତିକ ଦଳଗୁଡ଼ିକ ଆଲୋଚନାରେ ଭାଗ ନିଅନ୍ତି, ତେବେ କେନ୍ଦ୍ରର ଉଦ୍ୟମରେ ସାଧାରଣ ରାଜନୈତିକ ବାତାବରଣ ପ୍ରତିଷ୍ଠା କରିବାର ପ୍ରୟାସ ସଫଳ ହେଲା। ଯଦି କଶ୍ମୀର ନେତାମାନେ ଏହି ଆଲୋଚନାରେ ଭାଗ ନେବେ ନାହିଁ, ତେବେ କେନ୍ଦ୍ର ସେମାନଙ୍କ ଅଗଣତାନ୍ତ୍ରିକ ଆଭିମୁଖ୍ୟକୁ ଦେଶଦୁନିଆରେ ଦେଖାଇପାରିବ। ଅନ୍ୟପଟେ ସାଧାରଣ କଶ୍ମୀରୀ ମନରେ ଯେଉଁ ନିଆଁ ଜଳୁଛି, ତାହାକୁ ସାମ୍ନା କରିବା ପାଇଁ ଆଞ୍ଚଳିକ ନେତାମାନେ କେତେଦୂର ସକ୍ଷମ ହେବେ ସେ ସମ୍ପର୍କରେ ସନ୍ଦେହ ରହିଛି। ଆଲୋଚନାରେ ଯେଉଁମାନେ ଭାଗ ନେବେ ସେମାନେ ଭାରତ ସରକାର ସହ ହାତ ମିଳାଇଛନ୍ତି ବୋଲି କଶ୍ମୀରରେ ବିବେଚିତ ହେବେ। ଏହାଫଳରେ ନେତାମାନଙ୍କର ବ୍ୟକ୍ତିଗତ ସୁରକ୍ଷା ମଧ୍ୟ ପ୍ରଶ୍ନବାଚୀରେ ଆସିଯାଇପାରେ। ଏହି ଆଞ୍ଚଳିକ ଦଳଗୁଡ଼ିକର ପ୍ରଥମତଃ ଅନୁଚ୍ଛେଦ ୩୭୦ ଉଚ୍ଛେଦର ପୁନଃସ୍ଥାପନ ଏବଂ ଜମ୍ମୁ ଓ କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରାଇ ଆଣିବା ମୌଳିକ ଦାବି ହୋଇପାରେ। କିନ୍ତୁ ସେଥିରେ ଜନସାଧାରଣ ସନ୍ତୁଷ୍ଟ ରହିବେ ବୋଲି ସ୍ପଷ୍ଟ କହିହେବ ନାହିଁ। ଏତେସବୁ ଘଟଣା ସତ୍ତ୍ୱେ କଶ୍ମୀର ସମସ୍ୟା ଅଧିକ ଜଟିଳ ହେବାରେ ଲାଗିଛି।

# ଜି-୭ରେ ଜଳବାୟୁ ପ୍ରସଙ୍ଗ



ଡ. ଜୟକୃଷ୍ଣ ପାଣିଗ୍ରାହୀ

ବ୍ରିଟେନର କର୍ନୱାଲ ପ୍ରଦେଶର କାର୍ବିସ ଉପକୂଳରେ ଜୁନ ୧୧ରେ ଯେତେବେଳେ ବିଶ୍ୱର ଜି-୭ ବା ସପ୍ତ-ରାଷ୍ଟ୍ର ଗୋଷ୍ଠୀର ରାଷ୍ଟ୍ରମୁଖ୍ୟମାନେ ୪୭ତମ ଶିଖର ସମ୍ମିଳନୀ ନିମନ୍ତେ ପଦାର୍ପଣ କଲେ, ସେତେବେଳେ ପ୍ରତିଷ୍ଠିତ ଅନ୍ତର୍ଜାତୀୟ ବେସରକାରୀ ସଂସ୍ଥା ଗ୍ରୀନପିସ୍ ଏକ ପ୍ରମୁଖ ବିଶ୍ୱ ସମସ୍ୟା ଆଡ଼କୁ ସେମାନଙ୍କର ଦୃଷ୍ଟି ଆକର୍ଷଣ ଉଦ୍ଦେଶ୍ୟରେ ଗୋଟିଏ ଭିନ୍ନ ପ୍ରୟାସର ପ୍ରଦର୍ଶନ କରିଥିଲା। ବିଶ୍ୱର ଏହି ରାଜନୈତିକ ନେତୃବୃନ୍ଦଙ୍କୁ ଏକ ଚମତ୍କାର ନୂତନ ଶୈଳୀର ଭିଡିଓ ବାର୍ତ୍ତାରେ, ୩୦୦ଟି ଆଲୋକିତ ଡ୍ରୋନ୍‌କୁ ନିୟୋଜିତ କରି ସେଗୁଡ଼ିକ ମାଧ୍ୟମରେ ବିପଦଗ୍ରସ୍ତ ବିବିଧ ପ୍ରାଣୀଙ୍କର ପ୍ରତିକୃତି ସୃଷ୍ଟି କରାଯାଇଥିଲା, ଯେପରିକି ସେମାନେ ଏକ ମିଳିତ ବାର୍ତ୍ତା ପ୍ରଦାନ କରିବାକୁ କର୍ନୱାଲରେ ଅବତରଣ କରିଥିଲେ। ବାର୍ତ୍ତାଟି ହେଉଛି, 'ଆମ ବିଲୁପ୍ତିକୁ ବନ୍ଦ କର, ବର୍ତ୍ତମାନ ହିଁ କାର୍ଯ୍ୟ ଆରମ୍ଭ କର'। ପରିବେଶ ଦୃଷ୍ଟିକୋଣରୁ ସମ୍ମିଳନୀର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି ବିଶିଷ୍ଟ ପରିବେଶବିତ୍ ସାର୍ ଡେଭିଡ୍ ଆଟେନବୋରୋଙ୍କର ବକ୍ତବ୍ୟ ପ୍ରଦାନ। ସେ ଜଳବାୟୁ ପରିବର୍ତ୍ତନ ନିୟନ୍ତ୍ରଣ ଉଦ୍ଦେଶ୍ୟରେ 'ବୈଶ୍ୱିକ ଆନ୍ତରିକତା' ପ୍ରଦର୍ଶନ ନିମନ୍ତେ ଏ ସମସ୍ତ ଅଗ୍ରଣୀ ଗଣତାନ୍ତ୍ରିକ ରାଷ୍ଟ୍ରଙ୍କର ନେତୃବର୍ଗଙ୍କ ଉପରେ ଚାପ ପ୍ରୟୋଗ କରିଥିଲେ। ବିଶ୍ୱ ସମ୍ପତ୍ତିର ପ୍ରାୟ ୬୦%ର ଅଧିକାରୀ ଥିବା ସପ୍ତ ସଦସ୍ୟ ରାଷ୍ଟ୍ର, ବ୍ରିଟେନ, ଆମେରିକା, କାନାଡା, ଜାପାନ, ଫ୍ରାନ୍ସ, ଜର୍ମାନୀ ଏବଂ ଇଟାଲି ସହିତ ଚଳିତବର୍ଷର ଆୟୋଜକ ବ୍ରିଟେନ ଏହି ତ୍ରିଦିବସୀୟ ସମ୍ମିଳନୀକୁ ଭାରତ, ଅଷ୍ଟ୍ରେଲିଆ, ଦକ୍ଷିଣକୋରିଆ ଏବଂ ଦକ୍ଷିଣ ଆଫ୍ରିକାକୁ ଅତିଥି ଦେଶ ଭାବେ ଆମନ୍ତ୍ରଣ କରିଥିଲା। ସର୍ବ ସହମତିରେ ପ୍ରସ୍ତୁତ ଜି-୭ର ଏଜେଣ୍ଡା ବା କାର୍ଯ୍ୟସୂଚୀରେ କେତେକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ସମ୍ପାଦନ ନିମନ୍ତେ ନିଷ୍ପତ୍ତି ଗ୍ରହଣ ଉଦ୍ଦେଶ୍ୟରେ ଏହି ଶିଖର ସମ୍ମିଳନୀ ଆୟୋଜନ ହୋଇଥିଲା। ପ୍ରମୁଖ ବିଷୟବସ୍ତୁରେ ଅନ୍ତର୍ଭୁକ୍ତ ଥିଲା କୋଭିଡ୍-୧୯ର ସମାପ୍ତି, ଅର୍ଥନୀତିର ପୁନରୁଦ୍ଧାର, ନ୍ୟାୟଯୁକ୍ତ ବାଣିଜ୍ୟର ସ୍ଥାପନ, ଧରିତ୍ରୀର ସୁରକ୍ଷା ନିମନ୍ତେ ପଦକ୍ଷେପ, ଅନ୍ୟ ରାଷ୍ଟ୍ରଗୁଡ଼ିକ ସହ ସହଭାଗିତାର ବୃଦ୍ଧି ଏବଂ ଜି-୭ ଗୋଷ୍ଠୀ ମୂଲ୍ୟବୋଧର ଭିତ୍ତିକୁ ସୁଦୃଢ଼ କରିବା। ଏହି ଗୋଷ୍ଠୀ ଆଶା ବ୍ୟକ୍ତ କରିଥିଲା ଯେ, ବିଶ୍ୱର କଲ୍ୟାଣ ନିମନ୍ତେ ଅନ୍ୟ ଦେଶଗୁଡ଼ିକ ସହଯୋଗରେ ସମ୍ମିଳନୀର ଏହି ଖୋଲା ଏଜେଣ୍ଡାକୁ ଆଗକୁ ନେବାକୁ ପ୍ରଚେଷ୍ଟା ଜାରି ରଖିବ। ତେବେ ପରିବେଶ କ୍ଷେତ୍ର, ବିଶେଷ ରୂପେ ଆଲୋଚନାର ପ୍ରମୁଖ ବିଷୟ ପାଲଟିଥିବା ଜଳବାୟୁ ପରିବର୍ତ୍ତନକୁ କେନ୍ଦ୍ର କରି ବିଶ୍ୱ ଦୃଶ୍ୟପଟ୍ଟ ପରିପ୍ରେକ୍ଷୀରେ ହୋଇଥିବା ଆଲୋଚନାର କେତୋଟି ଦିଗ ଉପରେ ଆଲୋକପାତ କରିବା ହେଉଛି ଏହି ପ୍ରବନ୍ଧର ଈପ୍ସିତ ଉଦ୍ଦେଶ୍ୟ।

ବ୍ରିଟିଶ ପରିବେଶବିତ୍ ଆଟେନବୋରୋ ଏକ ପୂର୍ବ ପ୍ରସ୍ତୁତ ଭିଡିଓ ବାର୍ତ୍ତା ମାଧ୍ୟମରେ ବ୍ୟକ୍ତ କରିଥିଲେ ଯେ, ପୃଥିବୀ ପୃଷ୍ଠରେ ସମ୍ପ୍ରତି ଘଟୁଥିବା ଘଟଣାବଳୀ ସମ୍ପର୍କରେ ଆମେ ଅବଗତ ଅଛେ ଏବଂ ଚଳିତ ଦଶନ୍ଧିରେ ଏସବୁର ସମାଧାନ ଦିଗରେ ଆମକୁ ଅନେକ କାର୍ଯ୍ୟକ୍ରମ ବାସ୍ତବତାରେ ରୂପାନ୍ତରିତ କରିବାକୁ ଅଛି, ସେ ବିଷୟରେ ମଧ୍ୟ ଆମେ ସଚେତନ ରହିଛେ। କୋଭିଡ୍ ସଂକ୍ରମଣ ପ୍ରତିହତ କରିବା ନିମନ୍ତେ ଚିକିତ୍ସା ଓ ଟିକାର ଉଦ୍ଭାବନ ପାଇଁ ବୈଜ୍ଞାନିକ ସହଯୋଗିତା ପରିପ୍ରେକ୍ଷୀରେ ସେ କହିଲେ, ଯେତେବେଳେ ଆମର ଲକ୍ଷ୍ୟ ସ୍ପଷ୍ଟ ଏବଂ ଜରୁରୀ, ସେତେବେଳେ ଆମେ ସମ୍ମିଳିତ ଭାବରେ ତାହା ହାସଲ କରିବା ସହଜସାଧ୍ୟ ହେବ। ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ବର୍ତ୍ତମାନ ଯେତିକି ବୈଜ୍ଞାନିକ କିମ୍ବା ବୈଷୟିକ ଜ୍ଞାନକୌଶଳ ସମ୍ପର୍କିତ ଅଟେ, ଏହା ମଧ୍ୟ ସେତିକି ରାଜନୈତିକ ଏବଂ ଯୋଗାଯୋଗ ସ୍ଥାପନ କ୍ଷେତ୍ର ପାଇଁ ଆହ୍ୱାନ ସୃଷ୍ଟିକାରୀ। ପ୍ରାକୃତିକ ଦୁନିଆ ହ୍ରାସ ପାଇ ଚାଲିଛି ଏବଂ ସମଗ୍ର ଗ୍ରହରେ ଅସ୍ଥିରତା ସୃଷ୍ଟି ଦିଗରେ କାର୍ଯ୍ୟଧାରା ଚାଲୁ ରହିଛି। ଏହାକୁ ଠିକ୍ ସମୟରେ ସମାଧାନ କରିବାର ଦକ୍ଷତା ଆମର ଅଛି, କିନ୍ତୁ ତାହା କାର୍ଯ୍ୟକାରୀ କରିବାକୁ ଆମକୁ କେବଳ ଲୋଡ଼ା ବିଶ୍ୱସ୍ତରୀୟ ଇଚ୍ଛାଶକ୍ତି। ସମ୍ମିଳନୀର ନେତୃବର୍ଗଙ୍କୁ ଚେତାଇ ଦେବା ଉଦ୍ଦେଶ୍ୟରେ ସେ ବ୍ୟକ୍ତ କରିଥିଲେ ଯେ ସମ୍ପ୍ରତି ଜି-୭ ଗୋଷ୍ଠୀ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ପ୍ରଚେଷ୍ଟା କଲାବେଳେ ମାନବ ଇତିହାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡିକର ସମ୍ମୁଖୀନ ହେଉଛନ୍ତି। ସମ୍ମିଳନୀର ପରିଶେଷରେ ପ୍ରକାଶିତ ଇସ୍ତାହାରରେ ଜି-୭ ଗୋଷ୍ଠୀ ନିଜର ସ୍ଥିରୀକୃତ ଏଜେଣ୍ଡାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ସହିତ ଯେଉଁ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁକୁ ଅନ୍ତର୍ଭୁକ୍ତ କରିଛନ୍ତି ସେଗୁଡ଼ିକ ହେଲା: ୧- ପ୍ରଗାଢ଼ ଅନ୍ତର୍ଜାତୀୟ ପ୍ରୟାସ ମାଧ୍ୟମରେ ଜାରି ରହିଥିବା କୋଭିଡ୍ ମହାମାରୀକୁ ପରାସ୍ତ କରି ଭବିଷ୍ୟତ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବା, ୨- ପୁନରୁଦ୍ଧାର ଯୋଜନାରେ ଅଗ୍ରଗତି ହାସଲ କରି ଅର୍ଥନୀତିକୁ ପୁନର୍ଜୀବିତ କରିବା, ୩- ଏକ ସଂସ୍କାରିତ ବାଣିଜ୍ୟିକ ବ୍ୟବସ୍ଥା ମାଧ୍ୟମରେ ଭବିଷ୍ୟତ ସମୃଦ୍ଧିକୁ ନିଶ୍ଚିତ କରିବା, ୪- ଏକ ସବୁଜ ବିପ୍ଳବକୁ ପ୍ରୋତ୍ସାହିତ କରି ଧରିତ୍ରୀକୁ ସୁରକ୍ଷା ପ୍ରଦାନ କରିବା, ୫- ବିଶ୍ୱର ଅନ୍ୟ ରାଷ୍ଟ୍ରଗୁଡ଼ିକ ସହିତ ଜି-୭ ଗୋଷ୍ଠୀର ସହଭାଗିତାକୁ ମଜଭୁତ କରିବା ଏବଂ ୬- ସଦା ପରିବର୍ତ୍ତନଶୀଳ ଏ ଦୁନିଆରେ ଜି-୭ର ମୂଲ୍ୟବୋଧ ଭିତ୍ତିକୁ ସ୍ଥାୟୀ ମୂଳଦୁଆ ଭାବେ ଶକ୍ତିଶାଳୀ କରି ସଫଳତା ଦିଗରେ ଅଗ୍ରସର ହେବା। ତେବେ ଏଥିରେ ପରିବେଶ କ୍ଷେତ୍ରକୁ ପ୍ରାଧାନ୍ୟ ପ୍ରଦାନ କରି ଲକ୍ଷ୍ୟ ହାସଲ ନିମନ୍ତେ ଏହା ପ୍ରତିବଦ୍ଧତା ପ୍ରକାଶ କରିଛି। ଜଳବାୟୁ ପରିବର୍ତ୍ତନ ଏବଂ ଜୈବବିବିଧତା ଅବକ୍ଷୟ ଏବେ ଜନସାଧାରଣ, ସମୃଦ୍ଧି, ସୁରକ୍ଷା ଏବଂ ପ୍ରକୃତିର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରିଛି। ଜି-୭ ଗୋଷ୍ଠୀ ଆଶାବ୍ୟକ୍ତ କରିଛି ଯେ ବିଶ୍ୱସ୍ତରୀୟ କାର୍ଯ୍ୟ ଏବଂ ସମ୍ମିଳିତ ନେତୃତ୍ୱ ମାଧ୍ୟମରେ ୨୦୨୧ ଆମ ଗ୍ରହ ପାଇଁ ଏକ ନିର୍ଣ୍ଣାୟକ ମୁହୂର୍ତ୍ତ ହେବା ଉଚିତ, ଯେହେତୁ ଏହା ଏକ ସବୁଜ ପରିବର୍ତ୍ତନ ପ୍ରତି ପ୍ରତିବଦ୍ଧ।

ପ୍ୟାରିସ ଚୁକ୍ତିନାମା (୨୦୧୫)ର ଲକ୍ଷ୍ୟ ସାଧନ ନିମନ୍ତେ ଗ୍ରୀନ୍‌ହାଉସ୍ ଗ୍ୟାସ୍ ନିର୍ଗମନରେ ହ୍ରାସ ଘଟାଇବା ଏବଂ ବିଶ୍ୱ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ସୀମିତ ରଖିବାର ପ୍ରୟାସକୁ ତ୍ୱରାନ୍ୱିତ କରିବା, ଲୋକମାନଙ୍କୁ ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ସୁରକ୍ଷିତ ରଖିବା ପାଇଁ ଦକ୍ଷତା ବୃଦ୍ଧି (ଆଡପ୍ଟେସନ) ଏବଂ ସ୍ଥିରତାକୁ ସୁଦୃଢ଼ କରିବା, ଜୈବବିବିଧତା ଅବକ୍ଷୟକୁ ବନ୍ଦ କରିବା ଓ ଏଥିରେ ଉନ୍ନତି ଘଟାଇବା, ନୀତି ଏବଂ ବୈଷୟିକ ପରିବର୍ତ୍ତନ ମାଧ୍ୟମରେ ନୂତନ, ଉଚ୍ଚ ଗୁଣବତ୍ତାର ନିଯୁକ୍ତି ସୃଷ୍ଟି କରିବା, ସମୃଦ୍ଧତା ଓ ସୁସ୍ଥାବସ୍ଥାରେ ଉନ୍ନତି ଘଟାଇବା ଏବଂ ସର୍ବୋପରି ଏହି ଲକ୍ଷ୍ୟଗୁଡ଼ିକ ହାସଲ ନିମନ୍ତେ ଅର୍ଥ ସଂଗ୍ରହ ଏବଂ ନବସୃଜନକୁ ଉପଯୋଗ କରିବା ଏହି ଇସ୍ତାହାରରେ ଅନ୍ତର୍ଭୁକ୍ତ। ୨୦୫୦ ସୁଦ୍ଧା 'ପରିଶେଷ ଶୂନ୍ୟ' ନିର୍ଗମନ ହାସଲ କରିବା, ୨୦୩୦ ପର ଦୁଇ ଦଶନ୍ଧିରେ ସାମୂହିକ ନିର୍ଗମନକୁ ଅର୍ଦ୍ଧେକକୁ ହ୍ରାସ କରିବା, ୨୦୨୫ ସୁଦ୍ଧା ଜଳବାୟୁ ଆର୍ଥିକ ସହାୟତାରେ ବୃଦ୍ଧି ଓ ଉନ୍ନତି ଘଟାଇବା ଏବଂ ୨୦୩୦ ସୁଦ୍ଧା ସ୍ଥଳଭାଗ ଓ ସମୁଦ୍ର ପରିସଂସ୍ଥାର ଅତିକମ୍‌ରେ ୩୦ ପ୍ରତିଶତକୁ ସଂରକ୍ଷଣ କିମ୍ବା ସୁରକ୍ଷା ପ୍ରଦାନ କରିବାର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି। ଏତଦ୍ ବ୍ୟତୀତ, ଶକ୍ତି ଉତ୍ପାଦନ, କୋଇଲା ବ୍ୟବହାର, ପରିବହନ, ଶିଳ୍ପ ଓ ନବସୃଜନ, ଗୃହ ଏବଂ ଅଟ୍ଟାଳିକା, କୃଷି, ଜଙ୍ଗଲ ଏବଂ ଅନ୍ୟାନ୍ୟ ଜମି ବ୍ୟବହାର କ୍ଷେତ୍ରରେ ଆବଶ୍ୟକ ଉନ୍ନତି ନିମନ୍ତେ ମଧ୍ୟ ପ୍ରତିବଦ୍ଧତା ଦୋହରାଇଛନ୍ତି। ଭବିଷ୍ୟତ ପିଢ଼ି ନିମନ୍ତେ ଆମ ଗ୍ରହକୁ ସୁରକ୍ଷିତ ରଖିବା ଆମର ପରମ କର୍ତ୍ତବ୍ୟ ତାହା ଏଥିରେ ସ୍ୱୀକାର କରାଯାଇଛି।

ଯଦିଓ ଜି-୭ ରାଷ୍ଟ୍ରଗୁଡ଼ିକ ଜଳବାୟୁ ପରିବର୍ତ୍ତନକୁ ରୋକିବା ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକୁ ତ୍ୱରାନ୍ୱିତ କରିବା ଏବଂ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ କୋଇଲା ଜାଳେଣି ବର୍ଜନ କରି ନିର୍ଗମନ ହ୍ରାସ ନିମନ୍ତେ ସାହାଯ୍ୟ ପ୍ରଦାନକୁ ବାର୍ଷିକ ୧୦୦ ବିଲିୟନ ଡଲାର ପର୍ଯ୍ୟନ୍ତ ବୃଦ୍ଧି କରିବାର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଛନ୍ତି, କେତେକ ପରିବେଶ ଗୋଷ୍ଠୀ କିନ୍ତୁ ଏହାକୁ ସନ୍ଦେହ ଚକ୍ଷୁରେ ପରଖୁଛନ୍ତି। ସହାୟତା ପ୍ରଦାନରେ ସବିଶେଷ ତଥ୍ୟର ଅଭାବ ମଧ୍ୟ ପରିଲକ୍ଷିତ ହେଉଛି। ପୂର୍ବରୁ ୨୦୦୯ରେ ବିକଶିତ ରାଷ୍ଟ୍ରଗୁଡ଼ିକ ୨୦୨୦ ସୁଦ୍ଧା ଗରିବ ଦେଶଗୁଡ଼ିକୁ ଏହି ଉଦ୍ଦେଶ୍ୟରେ ବର୍ଷକୁ ୧୦୦ ବିଲିୟନ ଡଲାର ଦେବାର ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ଅପୂର୍ଣ୍ଣ ରହିଛି। କୋଇଲା ହେଉଛି ବିଦ୍ୟୁତ ଉତ୍ପାଦନ ନିମନ୍ତେ ବ୍ୟବହୃତ ହେଉଥିବା ସବୁଠୁ ଅପରିଷ୍କୃତ, ପ୍ରଦୂଷଣ ସୃଷ୍ଟିକାରୀ ପ୍ରମୁଖ ଇନ୍ଧନ ଏବଂ ଗ୍ରୀନ୍ ହାଉସ୍ ଗ୍ୟାସ୍ ଉତ୍ସର୍ଜନର ଏକ ପ୍ରମୁଖ ଉତ୍ସ। ଏହାର ବ୍ୟବହାରର ସମାପ୍ତି ଲକ୍ଷ୍ୟରେ ଧନିକ ରାଷ୍ଟ୍ରଗୁଡ଼ିକ ବିକଳ୍ପ, ସ୍ୱଚ୍ଛ ଶକ୍ତିର ଉପଲବ୍ଧତା ନିମନ୍ତେ ଗରିବ ଦେଶଗୁଡ଼ିକୁ ସହାୟତାର ହାତ ବଢ଼ାଇବା ସମୟର ଆହ୍ୱାନ। ଅନ୍ୟପକ୍ଷରେ ବ୍ରିଟେନ, ଜର୍ମାନୀ ଏବଂ ଆମେରିକା ପୃଥକ୍ ଭାବେ ଘୋଷଣା କରିଛନ୍ତି ଯେ ସେମାନେ ବିଶ୍ୱର ଦୁର୍ବଳ ସମ୍ପ୍ରଦାୟଙ୍କୁ ଜଳବାୟୁ ପରିବର୍ତ୍ତନର ପ୍ରଭାବରୁ ସୁରକ୍ଷା ପ୍ରଦାନ ପାଇଁ ଶହ ଶହ ନିୟୁତ ପାଉଣ୍ଡ ଖର୍ଚ୍ଚ କରିବେ। ଏହା ଚରମ ପାଣିପାଗ ଏବଂ ଜଳବାୟୁ ସମ୍ପର୍କିତ ବିପର୍ଯ୍ୟୟର ସମ୍ମୁଖୀନ ହେବାର ସକ୍ଷମତା ପ୍ରଦାନ କରିବ। ତେବେ ପରିବେଶ ସମର୍ଥକ ସଙ୍ଗଠନଗୁଡ଼ିକର ମଙ୍ଗ ଧରିଥିବା ଜଳବାୟୁ ଆକ୍ସନ ନେଟ୍‌ୱର୍କର ନିର୍ଦ୍ଦେଶକ କ୍ୟାଥରିନ୍ ପେଟେଙ୍ଗେଲ୍‌ଙ୍କ ମତରେ ଜଳବାୟୁ ସହାୟତା ପ୍ରଦାନର ବାସ୍ତବ ଚ୍ୟାଲେଞ୍ଜକୁ ଗ୍ରହଣ କରିବାରେ ଜି-୭ ଶିଖର ସମ୍ମିଳନୀ ବିଫଳ ହୋଇଛି। ଅଭିଯାନକାରୀମାନେ ଚେତାବନୀ ଦେବା ସହ ମତ ପୋଷଣ କରିଛନ୍ତି ଯେ, କୋଭିଡ୍ ମହାମାରୀ ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା ନିମନ୍ତେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକୁ ପର୍ଯ୍ୟାପ୍ତ ସହାୟତା ପ୍ରଦାନ ନ କଲେ ଆସନ୍ତା ନଭେମ୍ବରରେ ଗ୍ଲାସ୍‌ଗୋଠାରେ ଅନୁଷ୍ଠିତ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ଶିଖର ସମ୍ମିଳନୀ କପ୍-୨୬ରେ ସେମାନେ ଅସହଯୋଗ କରିବେ। ଏହା ନିଃସନ୍ଦେହ ଯେ, ବିକଶିତ ରାଷ୍ଟ୍ରଗୁଡ଼ିକ ଶିଳ୍ପ ବିପ୍ଳବ ପରଠାରୁ ଅଧିକ ପ୍ରଦୂଷଣ ଏବଂ ସବୁଜଗୃହ ବାଷ୍ପ ନିର୍ଗମନ ନିମନ୍ତେ ଦାୟୀ ରହି ସମ୍ପ୍ରତି ତାପମାତ୍ରା ବୃଦ୍ଧି ଏବଂ ଜଳବାୟୁ ପରିବର୍ତ୍ତନ ପରି ଗମ୍ଭୀର ପରିବେଶ ସମସ୍ୟା ସୃଷ୍ଟିରେ ମୁଖ୍ୟ ଭୂମିକା ନିର୍ବାହ କରିଛନ୍ତି, ପରନ୍ତୁ ଶିଳ୍ପବିକାଶ ପ୍ରକ୍ରିୟାରେ ସେମାନେ ଧନିକ ଦେଶର ମର୍ଯ୍ୟାଦା ହାସଲ କରିଛନ୍ତି। ଏବେ ମାନବଜାତି ଯେତେବେଳେ ଏହି ସଙ୍କଟରୁ ନିସ୍ତାର ଲକ୍ଷ୍ୟରେ ପ୍ରତିରୋଧକ ପଦକ୍ଷେପ ଗ୍ରହଣ କରିଛି, ନୈତିକତା ଦୃଷ୍ଟିରୁ ସେମାନେ ବିକାଶ ପ୍ରକ୍ରିୟାର ନିମ୍ନରେ ଥିବା ବିକାଶୋନ୍ମୁଖୀ ରାଷ୍ଟ୍ରଗୁଡ଼ିକୁ ସହାୟତାର ହାତ ବଢ଼ାଇ ସମ୍ମିଳିତ ପଦକ୍ଷେପ ଗ୍ରହଣ ମାଧ୍ୟମରେ ପୃଥିବୀର ଅନୁପମ ପ୍ରାକୃତିକ ପରିସଂସ୍ଥା ସବୁକୁ ସଂରକ୍ଷିତ କରି ଉତ୍ତର ପିଢ଼ିକୁ ଏକ ପ୍ରଦୂଷଣମୁକ୍ତ, ଗୁଣାତ୍ମକ ମାନଯୁକ୍ତ ସୁନ୍ଦର ଗ୍ରହ ହସ୍ତାନ୍ତର କରନ୍ତୁ।

ସମ୍ପାଦକ, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର
ମୋ-୯୪୩୭୦୭୬୧୦୦

# ସବୁ କ୍ଷେତ୍ର ରଣକ୍ଷେତ୍ର ନୁହେଁ



ଡ.ମୌସୁମୀ ପରିଡ଼ା

ସବୁ କ୍ଷେତ୍ର ରଣକ୍ଷେତ୍ର ନୁହେଁ ବା ହେବା ଉଚିତ ନୁହେଁ। କାରଣ ଆମେ ଜୀବନର ପ୍ରତିଟି କ୍ଷେତ୍ରରେ ମାନସିକ ଓ ଶାରୀରିକ ଭାବେ ଲଢୁଛେ ପ୍ରତିଦିନ। ଫଳରେ ଶାରୀରିକ ଓ ମାନସିକ ରୋଗରୁ ସୁସ୍ଥ ହେବା ଲାଗି ବିଭିନ୍ନ ଆଧୁନିକ ଏବଂ ପ୍ରାଚୀନ ଚିକିତ୍ସାପଦ୍ଧତି ପ୍ରଚଳିତ ହୋଇଆସୁଛି। ଲକ୍ଷ୍ୟ ହେଉଛି ଆରୋଗ୍ୟ ଲାଭ କରିବା। କିନ୍ତୁ ବର୍ତ୍ତମାନ ଏସବୁକୁ ନେଇ ହେଉଥିବା ତର୍କବିତର୍କ ଲୋକମାନଙ୍କୁ ଚିନ୍ତାରେ ପକାଇଦେଇଛି। ଅଥର୍ବ ଓ ଋଗ୍ ବେଦର ଅଂଶ ହେଉଛି ଦୀର୍ଘ ପାଞ୍ଚହଜାର ବର୍ଷ ପୂର୍ବର ଆୟୁର୍ବେଦିକ ଶାସ୍ତ୍ର, ଭାରତୀୟ ଚିକିତ୍ସାପଦ୍ଧତିର ମୂଳପିଣ୍ଡ। ଆମ ସମସ୍ତଙ୍କର ତା' ଉପରେ ଅଧିକାର ଅଛି। ତା' ମାନେ ନୁହେଁ ଆମେ ଅନ୍ୟ ଚିକିତ୍ସାପଦ୍ଧତି ଓ ଡାକ୍ତରମାନଙ୍କୁ ବାରମ୍ବାର ଅପମାନିତ କରିବା।

ଆମ ଧର୍ମରେ ଅଛି ଯଦି ପ୍ରତିଦ୍ୱନ୍ଦ୍ୱୀକୁ ଟପି ଆଗକୁ ଯିବାକୁ ପଡ଼େ ତେବେ ନିଜର ଗତି ଓ ସେଥିନିମନ୍ତେ ଆବଶ୍ୟକ ଶକ୍ତି ବା ସାମର୍ଥ୍ୟ ବଢ଼ାଯିବା ଉଚିତ, ଅନ୍ୟକୁ ହତୋତ୍ସାହିତ କରି ବା ଆଘାତ କରି ନୁହେଁ। ଏ ସମୟ ହେଉଛି କରୋନା ମହାମାରୀକୁ ପରାଜିତ କରିବାର। ଜୀବନ ମରଣ ଭିତରେ ସଂଘର୍ଷ କରୁଥିବା ଡାକ୍ତର ସମାଜ ଅପମାନର ନୁହେଁ, ସାବାସୀର ହକ୍‌ଦାର। କେହି ଜାଣନ୍ତି ସେମାନଙ୍କ ପରିବାର ବିଷୟରେ ଯେଉଁମାନେ ଡାକ୍ତରମାନଙ୍କ ମୃତ୍ୟୁକୁ ନେଇ ବ୍ୟଙ୍ଗ କରୁଛନ୍ତି! ଏଲୋପାଥି ଚିକିତ୍ସାପଦ୍ଧତିକୁ ନିର୍ବୋଧ ଓ ଦେବାଳିଆ ପଦ୍ଧତି ବୋଲି କହିବା ମଧ୍ୟ ନିର୍ବୋଧତା। ଆପତକାଳୀନ ଚିକିତ୍ସା ପାଇଁ ଯୋଗଗୁରୁମାନେ ତ ନିର୍ଭର କରୁଛନ୍ତି ଏଲୋପାଥି ଉପରେ, ଏହାର ଯଥେଷ୍ଟ ପ୍ରମାଣ ରହିଛି। ପାଟିତୁଣ୍ଡ ନକରି ଗଠନମୂଳକ ଆଲୋଚନା କରାଯାଉ। ଆୟୁର୍ବେଦ ଚିକିତ୍ସାରେ ଏଲୋପାଥି ପରି ଅଧିକ ସଂଖ୍ୟକ ଗବେଷକ ଓ ଭିତ୍ତିଭୂମି ସୃଷ୍ଟି କରାଯାଉ।

ଏଲୋପାଥି ମାଧ୍ୟମରେ ବାଇଶରୁ ଅଠେଇଶ କୋଟି ଲୋକ କରୋନା ପରି ମାରାତ୍ମକ ରୋଗରୁ ସୁସ୍ଥ ହୋଇ ସ୍ୱାଭାବିକ ଜୀବନଯାପନ କଲେଣି ସାରାବିଶ୍ୱରେ। ଏବେ ବି ହଜାର ହଜାର ଡାକ୍ତର ନିଜ ଜୀବନକୁ ବାଜି ଲଗେଇ ଚିକିତ୍ସା ଓ ତଜ୍ଜନିତ ଗବେଷଣା ଜାରି ରଖିଛନ୍ତି। ଏସବୁକୁ ଅଣଦେଖା କରି ଯୋଗଗୁରୁ ରାମଦେବ ଏଲୋପାଥି ଓ ଡାକ୍ତରମାନଙ୍କୁ ସର୍ବସମ୍ମୁଖରେ ଅପମାନିତ କରିବା କେତେଦୂର ଗ୍ରହଣୀୟ! ଆଶ୍ଚର୍ଯ୍ୟ ଲାଗେ ସାମୂହିକ ଭାବେ ଏ ବିପତ୍ତିକୁ ଟାଳିବା ପରିବର୍ତ୍ତେ ଏଭଳି ବାକ୍‌ଯୁଦ୍ଧ କାହିଁକି? ଏ ଅସୁସ୍ଥ ପରମ୍ପରା କୋଟି କୋଟି ଲୋକଙ୍କ ଭରସାକୁ ଭାଙ୍ଗୁନାହିଁ ତ! ଅଳ୍ପକିଛି ବର୍ଷ ତଳର ଘଟଣା। ହଠାତ୍ ଏହି ଯୋଗଗୁରୁ ସୋସିଆଲ୍ ମିଡିଆରେ ବିଭିନ୍ନ ପ୍ରକାର ଯୋଗ ଶିକ୍ଷା ଦେଲେ। ଲୋକମାନଙ୍କ ଭିତରେ ଉତ୍ସାହ ଭରିଗଲା। ବିଭିନ୍ନ ଜାଗାରେ ଶିବିର ସ୍ଥାପନ କରି ଯୋଗ ଶିଖେଇବାକୁ ଲାଗିଲେ। ଲୋକେ ଯୋଗ ମାଧ୍ୟମରେ ଆରୋଗ୍ୟ ହୋଇଛନ୍ତି ବୋଲି କହି ତାହାକୁ ଆହୁରି ବିଜ୍ଞାପିତ କରିବା ଆରମ୍ଭ କଲେ। କମ୍ପାନୀ ଗଠନ କରି ଆୟୁର୍ବେଦର ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ବିଭିନ୍ନ ପ୍ରକାର ଔଷଧ ବିକ୍ରି କରିବା ଆରମ୍ଭ କଲେ। ଲୋକମାନେ ଉତ୍ସାହିତ ହୋଇ କିଣିଲେ। ଯୋଗଗୁରୁ ଏତିକିରେ ରହି ନ ଯାଇ ଡାଲି, ଚାଉଳ, ତେଲଠୁ ଆରମ୍ଭକରି କସ୍ମେଟିକ୍ସ ଜିନିଷ ମଧ୍ୟ ପ୍ରସ୍ତୁତ କଲେ। ହଜାର ହଜାର କୋଟିର ମାଲିକ ହୋଇଗଲେ। କିନ୍ତୁ ଆୟୁର୍ବେଦ ଉପରେ ତାଙ୍କର ଏକଚାଟିଆ ଅଧିକାରକୁ ସାବ୍ୟସ୍ତ କରିବାକୁ ଯାଇ ଯେକୌଣସି ସ୍ତରକୁ ସେ ଚାଲିଯାଉଛନ୍ତି, ତାହା ଅନୁଚିତ।

ଏସବୁ ବାଦ୍ ଯୋଗଗୁରୁ କ୍ଷମା ପ୍ରାର୍ଥନା କରିଥିଲେ ସୁଦ୍ଧା ତାଙ୍କ ମନ୍ତବ୍ୟ ଶ୍ରୁତିକଟୁ ଓ ମାନସିକ ଉତ୍ତେଜନା ସୃଷ୍ଟିକରି ଆସୁଛି। ଆୟୁର୍ବେଦକୁ ବିଶ୍ୱସ୍ତରକୁ ନେବାକୁ ହେଲେ ଅଧିକ ଗବେଷଣା ଜରୁରୀ, ତା' ସହ ଚିକିତ୍ସାପଦ୍ଧତିର ନୀତିନିୟମ କଟକଣା ଓ ମାର୍ଗଦର୍ଶିକା ଅନୁସାରେ ପ୍ରସ୍ତୁତ ହେବା ଉଚିତ୍। ଗବେଷଣା ଅନୁଯାୟୀ ଉଭୟ ଏଲୋପାଥି ଓ ଆୟୁର୍ବେଦରେ ପାର୍ଶ୍ୱପ୍ରତିକ୍ରିୟା ରହିଛି। କିଛି ଦେଶରେ ଆୟୁର୍ବେଦ ବ୍ୟାନ୍ ମଧ୍ୟ ହୋଇଛି। ଏହାକୁ ଦେଶ ବିଦେଶରେ ପରିଚିତ କରିବାକୁ କାଦୁଅ ଫିଙ୍ଗାଫିଙ୍ଗି ହେଲେ କିଛି ଲାଭ ନାହିଁ।

ଗୋଟେ କଥା- ଧରାଯାଉ ଆଜି ମୋ ଚୁଲି ପାଇଁ ଜାଳ ନାହିଁ କି ଦିଆସିଲି ନାହିଁ। ପରଘରେ ଗ୍ୟାସ୍ ଚୁଲା ଅଛି, ସେ ମତେ ଡାକି ଆସିଛି ତା' ଗ୍ୟାସ୍ ଚୁଲାରେ ରାନ୍ଧିବାକୁ। ମୁଁ କ'ଣ ମନାକରିବା ଉଚିତ ହବ? ମୁଁ ନିଶ୍ଚୟ ପରଘରକୁ ଯିବି ମୋ ପିଲାମାନଙ୍କ ମୁହଁରେ ଆହାର ଦେବା ପାଇଁ। ଏଥିରେ ଅସୁବିଧା କୋଉଠି? ଏ ବିଶ୍ୱକୁ ସିନା ଖଣ୍ଡ ଖଣ୍ଡ କରିଦିଆଯାଇଛି ଭିନ୍ନ ଭିନ୍ନ ନାଁ ଓ ଜାତିରେ, ମଣିଷର ଭୋକ, ଶୋଷ, ରୋଗ, ଦୁଃଖ, ଶୋକ ସବୁ ତ ଗୋଟେ ପ୍ରକାରର! ମନକୁ ଉଦାର କଲେ ସିନା ଜଣାପଡ଼ିବ- ବସୁଧୈବ କୁଟୁମ୍ବକମ୍‌ର ଅର୍ଥ କ'ଣ! ନହେଲେ ନିଜ ସ୍ୱାର୍ଥ ହାସଲ କରିବାକୁ ଆମମାନଙ୍କ ମନରେ ନିଆଁ ଗେଞ୍ଜି ଏସବୁ ବ୍ୟବସାୟୀମାନେ ନିଜ ଟ୍ରେଜେରିକୁ ଗରମ ରଖିଥିବେ। ଆମେ ତର୍କ କରି ଲଢ଼ାଲଢ଼ି ହୋଇ ଝୁଲୁଥିବା ଜୀବନ ଓ ମରଣ ମଝିରେ।

କେତେବେଳେ ଜାତିଧର୍ମ ପୁଣି କେତେବେଳେ ଜାତୀୟତା ନାଁରେ ଆମେ ତ ସବୁବେଳେ ଲଢୁଛେ। ଜ୍ଞାନର ପରିସର ବ୍ୟାପକ ହେଉ। କାରଣ ସଂକୀର୍ଣ୍ଣତା ବିଭିନ୍ନ ପ୍ରକାର ବାଦ ବିବାଦ ସୃଷ୍ଟିକରେ। ନିଜ ବ୍ୟବସାୟ ପାଇଁ ଏସବୁ ଶସ୍ତା ମନ୍ତବ୍ୟ କେବେକେବେ ସଫଳତା ଦିଏ ସିନା ହେଲେ ବ୍ୟକ୍ତି ପ୍ରତି ସମ୍ମାନ କମିଯାଏ। ନିଜ ବ୍ୟବସାୟ ବଢ଼ାଇବାକୁ ଲୋକମାନଙ୍କୁ ବିଭ୍ରାନ୍ତ କରା ନ ଯାଉ।

ଜୀବନ ଓ ମରଣ ଭିତରେ ଜୀବନ ଜିତୁଥାଉ ବାରମ୍ବାର। ବାକି ଯାହା ତର୍କ ବିତର୍କ ଗବେଷଣା ମାଧ୍ୟମରେ ସାରା ବିଶ୍ୱକୁ ଅବଗତ କରାଯାଉ। ଆମେ ସମସ୍ତେ ଗର୍ବ କରିବୁ- ଏ ହେଉଛି ଆମ ଦେଶର। ଏମିତିରେ ସବୁ ଜାଗା ଏବେ ରଣକ୍ଷେତ୍ର ପାଲଟିଯାଇଛି। ଚିକିତ୍ସା କ୍ଷେତ୍ରଟି ବାଦ୍ ରହୁ ଏସବୁରୁ। ନ ହେଲେ ଲୋକଟିଏ ଚିକିତ୍ସା କରିବାକୁ ଦ୍ୱନ୍ଦ୍ୱରେ ପଡ଼ିବ। ଜୀବନ ରକ୍ଷା କ୍ଷେତ୍ରଟି ବ୍ୟବସାୟିକ ଲାଭ ପାଇଁ ରଣକ୍ଷେତ୍ର ନ ପାଲଟୁ। ଅଯଥା ତର୍କରୁ ଊର୍ଦ୍ଧ୍ୱରେ ରହି କେବେକେବେ ମଣିଷପଣିଆ ଆମ ସ୍ଲୋଗାନ୍ ହେଉ।

ମୋ:୯୪୩୭୩୧୭୦୨୬

## ଏଇ ଭାରତରେ

ପଞ୍ଜାବର ଦୁଇ ମହିଳା ବନ ଅଧିକାରୀ କଳ୍ପନା କେ ଏବଂ ଏମ୍ ଗୀତାଞ୍ଜଳିଙ୍କର ପରିବେଶ ତଥା ଜୀବ ସୁରକ୍ଷା ପ୍ରତି ଶତ ପ୍ରତିଶତ ସମର୍ପିତ ଭାବ ଅନ୍ୟମାନଙ୍କ ପାଇଁ ପ୍ରେରଣା ନିଶ୍ଚୟ। କଳ୍ପନା ଡିଏଫ୍‌ଓ ଥିବାବେଳେ ଗୀତାଞ୍ଜଳି ବନ ସଂରକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ଏମାନେ ପଞ୍ଜାବର ଅବୋହର ମୁକ୍ତ ବନ୍ୟଜନ୍ତୁ ଅଭୟାରଣ୍ୟରେ କୃଷ୍ଣସାର ମୃଗଙ୍କ ସୁରକ୍ଷା ପାଇଁ ଦିନରାତି ଲାଗି ପଡ଼ିଛନ୍ତି। ୧୮,୬୫୦ ହେକ୍ଟର ପରିମିତ ଏହି ଅଭୟାରଣ୍ୟରେ ରହିଛି ୧୩ଟି ଗ୍ରାମ। ଏଠାରେ ବାସକରୁଛନ୍ତି ବିଷ୍ଣୋଇ ଜନଜାତିର ଲୋକ। କଳ୍ପନା ଓ ଗୀତାଞ୍ଜଳି ଏମାନଙ୍କୁ ସଚେତନ କରିବା ସହ ମୃଗ ଶିକାର ସମ୍ପୂର୍ଣ୍ଣ ବନ୍ଦ କରିପାରିଛନ୍ତି। ବିଷ୍ଣୋଇ ଜନଜାତିର ଲୋକମାନେ ଅଭୟାରଣ୍ୟରେ ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ମୃଗ କୃଷିର କ୍ଷତି କଲେ ସେଥିପାଇଁ ସ୍ୱତନ୍ତ୍ର କ୍ଷତିପୂରଣ ପ୍ରଦାନ କରି ଗ୍ରାମବାସୀଙ୍କୁ ମୃଗ ଶିକାରରୁ ଦୂରେଇ ରଖିପାରିଛନ୍ତି ଏହି ଦୁଇ ଅଧିକାରୀ। କୃଷ୍ଣସାରମୃଗଙ୍କୁ ବଞ୍ଚାଇବାରେ ଏହି ଅଭିଯାନକୁ ଭାରତୀୟ ବନ ସେବା ସଂଘ ପ୍ରଶଂସା କରିବା ସହ ଦୁହିଁଙ୍କୁ 'ଗ୍ରୀନ୍ କୁଇନ୍ ଅଫ୍ ଇଣ୍ଡିଆ'ଆଖ୍ୟା ଦେଇଛି। କୌଣସି କାରଣରୁ ଆହତ ମୃଗଙ୍କ ଲାଗି ୨୪ ଘଣ୍ଟିଆ ଚିକିତ୍ସା ବ୍ୟବସ୍ଥା ମଧ୍ୟ କରାଯାଇଛି ଓ ଆମ୍ବୁଲାନ୍ସ କେଜ୍ ବ୍ୟବସ୍ଥା ରହିଛି। ଏହାଦ୍ୱାରା କୃଷ୍ଣସାର ମୃଗଙ୍କ ମୃତ୍ୟୁହାର ଯଥେଷ୍ଟ କମ୍ ହୋଇପାରିଛି।

## ଚିରନ୍ତନୀ

ପୂର୍ଣ୍ଣ ଦୁଇଗୋଟି ଶଶୀ ନ ଖେଳୁଣୁ ତା' ନୟନ ପରେ
ନ ଶିଖୁଁ ଡାକିବା ପାଇଁ ତୋଳି ତାକୁ କ୍ଷୁଦ୍ର ଦୁଇ କରେ
ଦିଓଟି ଶଶୀରେ ତା'ର ସରିଯାଏ କ୍ରୀଡ଼ା
ନ ଦେଖଇ ସୁଖ ପୀଡ଼ା!

-(ସୃଜନ ବ୍ୟଥା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜୁନ୍ ୧୯୯୬

- ଚୀନର ଶେନ୍‌ଝେନ୍‌ଠାରେ ଏକ ଗ୍ୟାସ୍ ପାଇପରେ ବିସ୍ଫୋରଣ ଘଟି ୨୦ ଜଣଙ୍କର ମୃତ୍ୟୁ।
- ନାଇଜେରିଆ କେନ୍ଦ୍ରସ୍ଥଳରେ ଏକ ଘରୋଇ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ଏଥିରେ ଯାତ୍ରା କରୁଥିବା ସମସ୍ତ ୧୨ ଯାତ୍ରୀ ମୃତ।
- ପେସ୍ ବୋଲର ମାଲକମ୍ ମାର୍ଶାଲ ୱେଷ୍ଟଇଣ୍ଡିଜ୍ କ୍ରିକେଟ ଦଳର ନୂତନ କୋଚ୍ ନିଯୁକ୍ତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 4 | | | | | 1 |
| | | | 8 | | | | 9 | |
| 2 | | | | 6 | | | | |
| 6 | | | | 4 | 8 | 1 | | |
| | 4 | | | 2 | | | | 5 |
| | | | 1 | 7 | | | | 6 |
| 8 | | | | | | | | |
| | | 5 | 9 | | 3 | | | 7 |
| | 9 | | 2 | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 2 | 1 | 4 | 6 | 7 | 9 | 3 | 8 |
| 6 | 9 | 8 | 3 | 2 | 1 | 7 | 5 | 4 |
| 3 | 4 | 7 | 5 | 8 | 9 | 2 | 6 | 1 |
| 7 | 1 | 4 | 9 | 5 | 3 | 8 | 2 | 6 |
| 2 | 3 | 9 | 8 | 4 | 6 | 1 | 7 | 5 |
| 8 | 5 | 6 | 1 | 7 | 2 | 4 | 9 | 3 |
| 9 | 7 | 3 | 6 | 1 | 4 | 5 | 8 | 2 |
| 4 | 6 | 5 | 2 | 9 | 8 | 3 | 1 | 7 |
| 1 | 8 | 2 | 7 | 3 | 5 | 6 | 4 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପହଁରା ଶିକ୍ଷା ବାଧ୍ୟତାମୂଳକ ହେଉ

ମହାଶୟ,

ବାତ୍ୟା ଆଗପଛ ହୋଇ ବର୍ଷା ଆସିବା ସଙ୍ଗେ ସଙ୍ଗେ ନଦୀ ଫୁଲିଉଠିବା ଓ ସମୁଦ୍ର ଲହଡ଼ି କୂଳଲଙ୍ଘି ଜନବସତି ଆଡ଼କୁ ଉଛୁଳି ଆସିବା ପ୍ରତିବର୍ଷର କାହାଣୀ। ସ୍ଥିତି ଏଭଳି ଥିବାବେଳେ ପହଁରା ଶିଖିଥିବା ଲୋକଙ୍କ ସଂଖ୍ୟା ଦିନକୁଦିନ କମି କମି ଆସିବା ଚିନ୍ତାଜନକ ଘଟଣା। ପାଇପ୍ ଜଳର ବ୍ୟାପକ ବ୍ୟବହାର ଓ ପୋଖରୀ ପୋତି ଘର ତିଆରି ପାଇଁ ନୂଆ ପହଁରାଳି ଉତ୍ତୁରିବା ଅସମ୍ଭବ ହେଲାଣି। ପ୍ରତି ବିଦ୍ୟାଳୟରେ ପୋଖରୀ ରହିବା ସହିତ ବିଦ୍ୟାର୍ଥୀଙ୍କୁ ପହଁରା ଶିକ୍ଷା ବାଧ୍ୟତାମୂଳକ କରାଯିବା ଦରକାର। ଭାରତ ବର୍ଷରେ ସାଇକ୍ଲୋନ୍ ମ୍ୟାନ୍ ଭାବେ ପରିଚିତ ମୃତ୍ୟୁଞ୍ଜୟ ମହାପାତ୍ର ଜଣେ ଓଡ଼ିଆ ପୁଅ ହୋଇଥିବାରୁ ରାଜ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ। ତାଙ୍କ ନିର୍ଭୁଲ୍ ଆକଳନ ଓ ପୂର୍ବାନୁମାନ ଶହେ ଭାଗ ସତ ହେଉଥିବାରୁ ବହୁ ଧନ ଜୀବନ ରକ୍ଷା ପାଇପାରୁଛି। ଆମ ପୂର୍ବପୁରୁଷ କିଭଳି ଜାଭା, ସୁମାତ୍ରା ଓ ବାଲି ସହର ସହିତ ସୁରକ୍ଷିତ ନୌବାଣିଜ୍ୟ ଚାଲୁ ରଖିଥିଲେ ଗବେଷଣା କରାଯିବାର ଆବଶ୍ୟକତା ଅଛି। ପହଁରା ଶିଖିଥିବା ବହୁ ବ୍ୟକ୍ତି କରୋନା କାଳରେ ଏଥର ବାତ୍ୟା ଆଶ୍ରୟସ୍ଥଳ ଭିଡ଼କୁ ନ ଆସି ସାହସୀ ବୀର ପୁରୁଷର ପରିଚୟ ଦେଖାଇଛନ୍ତି। ଫନି ପରେ ୟାସ୍‌ର ସଫଳ ମୁକାବିଲା କରି ରାଜ୍ୟ ବିଶ୍ୱରେ ଉଚ୍ଚ ପ୍ରଶଂସିତ ହୋଇଛି। ରାଜ୍ୟ ଜଳସମ୍ପଦରେ ଭରପୂର ଥିବାବେଳେ ଅଲିମ୍ପିକ୍ସରେ ପାଞ୍ଚ ଛଅ ଗଣ୍ଡା ପଦକ କେବଳ ଜଳକ୍ରୀଡ଼ାରେ ସୀମିତ ଅଛି। ସୁନା ଅଛି କାନ ନାହିଁ ଓ କାନ ଅଛି ସୁନା ନାହିଁ ସ୍ଥିତି ଆଉ କେତେଦିନ ଚାଲୁ ରହିବ ସମୟ ହିଁ କହିବ।

– ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଇଫ୍‌କୋରେ ସମୂହ ଟିକାକରଣ ଆରମ୍ଭ

ପାରାଦୀପ,(ସ୍ୱ.ପ୍ର.): ପାରାଦୀପ ଇଫ୍‌କୋ କାରଖାନା ପରିସରରେ ସୋମବାର କମ୍ପାନୀ କର୍ମଚାରୀ ଓ ସେମାନଙ୍କ ପରିବାର ଲୋକଙ୍କ ପାଇଁ ସମୂହ ଟିକାକରଣ ଆରମ୍ଭ ହୋଇଛି।ଏହାକୁ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ୧୮ରୁ ଊର୍ଦ୍ଧ୍ୱ ସମସ୍ତଙ୍କୁ ଟିକାକରଣ କରାଯିବ। ଏଥିରେ ଠିକାଶ୍ରମିକମାନେ ସାମିଲ ହୋଇନାହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇଫ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ.ଜେ. ପଟେଲ,ଏଡିଏମ୍ କାନ୍ଧୁରେଶ ଧାର ଏବଂ ସିଡିଏମଓ ଡା.ବିଜୟା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲରେ ୧୮ ରୁ ୪୪ ବର୍ଷ ଲୋକଙ୍କ ପାଇଁ ଟିକାକରଣ ଆରମ୍ଭ ହୋଇଛି।

## ସଂକ୍ଷେପରେ

### କରୋନାରେ କଂଗ୍ରେସ ନେତାଙ୍କ ପରଲୋକ

ବିରିଡି/ବାଲିଆ,୨୧।୬(ଡି.ଏନ.ଏ.): ପୂର୍ବତନ ମନ୍ତ୍ରୀ ତଥା ଜଗତ୍‌ସିଂହପୁର ପୂର୍ବତନ ବିଧାୟକ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ପୁତ୍ର



ଦେବୀପ୍ରସାଦ ମଲ୍ଲିକ (୫୮)ଙ୍କ ସୋମବାର କରୋନାରେ ମୃତ୍ୟୁ ଘଟିଛି। ତାଙ୍କ ଘର ବିରିଡି ବ୍ଲକ ଗୋବିନ୍ଦପୁର ଗ୍ରାମରେ। କିଛି ଦିନ ପୂର୍ବେ ସେ କରୋନାରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରସ୍ଥିତ ଏକ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ବହୁ କଂଗ୍ରେସ ନେତା ଶୋକପ୍ରକାଶ କରିଛନ୍ତି। ଦେବୀପ୍ରସାଦ ୨୦୧୯ରେ କଂଗ୍ରେସ ପ୍ରାର୍ଥୀ ଭାବେ ତିର୍ତ୍ତୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ । ଭୁବନେଶ୍ୱରସ୍ଥିତ ସତ୍ୟନଗର ଶ୍ମଶାନରେ କୋଭିଡ୍ ନିୟମ ଅନୁସାରେ ତାଙ୍କ ମୃତଦେହ ସଂସ୍କାର କରାଯାଇଛି। ଦେବୀପ୍ରସାଦଙ୍କ ମୃତ୍ୟୁରେ ବିରିଡି ବ୍ଲକ କଂଗ୍ରେସ ସଭାପତି ସୀତାଂଶୁ ଶେଖର ରାୟ, ବ୍ଲକ ଅଧକ୍ଷ ପଦ୍ମଲାଭ ଭୋଇ, ସରପଞ୍ଚ ଚନ୍ଦ୍ରଶେଖର ଦାଶ, ଅଶୋକ କୁମାର ଜେନା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ପିପିଏଲରେ ଯୋଗ ଶିବିର ଉଦ୍‌ଯାପିତ

ପାରାଦୀପ,୨୧।୬(ସ୍ୱ.ପ୍ର.): ପାରାଦୀପ ଫସ୍‌ଫେଟସ୍ ଲିମିଟେଡ(ପିପିଏଲ)ଡିଏଭି ସ୍କୁଲ ପରିସରରେ ଗତ ୧୬ ରୁ ଚାଲିଥିବା ଯୋଗଶିବିର ସୋମବାର ଶେଷ ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ କମ୍ପାନୀ ମୁଖ୍ୟ ରଣଜିତ ସିଂ ଚୁଗ୍ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରତ୍ୟହ ସକାଳ ୭ ରୁ ୮ ଟା ଯାଏ ଚାଲିଥିବା ଏହି ଶିବିରରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରାଛାତ୍ର ଅନ୍‌ଲାଇନ ଯୋଗେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧରେ କମ୍ପାନୀର ମାନବ ସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ, ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ରାଜନଗରରେ ନୂତନ ଡିଏଫ୍‌ଓ



ରାଜନଗର,୨୧।୬(ଡି.ଏନ.ଏ.): ରାଜନଗର ବନ୍ୟ ପ୍ରାଣୀ ଡିଭିଜନର ବନଖଣ୍ଡ ତତ୍ତ୍ୱାବଧାରକ (ଡିଏଫ୍‌ଓ) ଭାବେ ଡ. ଯଜ୍ଞଦତ୍ତ ପତି ସୋମବାର କାର୍ଯ୍ୟରେ ଯୋଗଦେଇଛନ୍ତି। ପତି ଶିମିଳିପାଳ ଟାଇଗର ରିଜର୍ଭର ଡେପୁଟି ଡାଇରେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ପଦୋନ୍ନତି ପାଇ ବନ ସଂରକ୍ଷକ ହୋଇଛନ୍ତି। ଏସିଏଫ ବିରଞ୍ଚି ନାରାୟଣ ସାମଲଙ୍କଠାରୁ ଡିଏଫଓ ପତି ଦାୟିତ୍ୱ ଗ୍ରହଣ କରିଛନ୍ତି।

# ସ୍ମାର୍ଟ ଫୋନ୍, ଇଣ୍ଟରନେଟ ବାଧକ

- ୟୁଟ୍ୟୁବରେ ଦଶମ ପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ
- ଘାତକ ହୋଇପାରେ ଶସ୍ତା, ପୁରୁଣା ମୋବାଇଲ
- ସରକାରୀ ବ୍ୟବସ୍ଥାରେ ବଡ଼ ପରଦା ପାଇଁ ଦାବି

କେନ୍ଦ୍ରାପଡ଼ା ଅଫିସ, ୨୧।୬

ଚଳିତ ଶିକ୍ଷାବର୍ଷର ଅଢ଼େଇ ମାସ ଅତିକ୍ରାନ୍ତ ପରେ ହାଇସ୍କୁଲ ପର୍ଯ୍ୟନ୍ତ ଶିକ୍ଷାଦାନ ସୋମବାରଠାରୁ ଆରମ୍ଭ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ (ଓସେପା) ଦ୍ୱାରା ପ୍ରସ୍ତୁତ ମାର୍ଗ ଦର୍ଶିକାରେ ୟୁଟ୍ୟୁବର ଲାଇଭ ଷ୍ଟ୍ରିମିଂରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ତେବେ ଏହି କାର୍ଯ୍ୟକ୍ରମ କେନ୍ଦ୍ରାପଡ଼ା ଜିଲାବାସୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ସ୍ମାର୍ଟ ଫୋନ ଓ ଇଣ୍ଟରନେଟ ବାଧକ ସାଜିଛି। ଶସ୍ତା ଓ ପୁରୁଣା ମୋବାଇଲ ଶିକ୍ଷାର୍ଥୀଙ୍କ ପାଇଁ ଘାତକ ହୋଇପାରେ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ପୂର୍ବପରି ରେଡିଓ, ଦୂରଦର୍ଶନରେ ପାଠପଢ଼ା ସହ ସରକାରୀ ବ୍ୟବସ୍ଥାରେ କୋଭିଡ ନିୟମ ମାନି ଶିକ୍ଷାର୍ଥୀଙ୍କୁ ସ୍କୁଲ ଗୃହରେ ବଡ଼ ପରଦାରେ ଶିକ୍ଷାଦାନ ପାଇଁ ସେମାନେ ଦାବି କରିଛନ୍ତି।

ସହରସ୍ଥିତ ଟାଉନ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ର ମହମ୍ମଦ ସତାର କହିଛନ୍ତି, ଚଳିତବର୍ଷର ପାଠପଢ଼ା ନେଇ ଦ୍ୱନ୍ଦ୍ୱରେ ଥିଲି। ରାଜ୍ୟ ସରକାରଙ୍କ ପକ୍ଷରୁ ୟୁଟ୍ୟୁବ ମାଧ୍ୟମରେ ପାଠପଢ଼ା ବ୍ୟବସ୍ଥା କରିଥିବାରୁ ଖୁସି ଅଛି। ତେବେ ଏହା ଲାଇଭ ଷ୍ଟ୍ରିମିଂ ହେଉଛି। କେତେକ ପ୍ରଶ୍ନ ମନକୁ ଆସୁଥିଲେ ମଧ୍ୟ ସେଟିଂ ମୋଡ ରହୁ ନ ଥିବାରୁ ବ୍ୟସ୍ତ ଲାଗୁଛି। ପ୍ରଶ୍ନର ଉତ୍ତର ପରବର୍ତ୍ତୀ ସମୟରେ ସ୍କୁଲ ଶିକ୍ଷକଙ୍କଠାରୁ ବୁଝି ନେବି। ବୁଦ୍ଧିଜୀବୀ ପ୍ରଦୀପ କୁମାର ଦାଶ କହିଛନ୍ତି, ରାଜ୍ୟରେ ସ୍ମାର୍ଟ ଫୋନ ବ୍ୟବହାର ପାଇଁ ସାମର୍ଥ୍ୟ ଥିବା ଶିକ୍ଷାର୍ଥୀଙ୍କ ସଂଖ୍ୟା ମାତ୍ର ୨୮ ପ୍ରତିଶତ ବୋଲି ବିଭାଗୀୟ ମନ୍ତ୍ରୀ ତଥ୍ୟ ଦେଇଥିଲେ। ଏବେ ୟୁଟ୍ୟୁବ ପାଠପଢ଼ା ଏଥିରେ ବାଧକ ହେବ। କେନ୍ଦ୍ରାପଡ଼ା ଜିଲା ଅର୍ଥନୈତିକ ବିକାଶ କ୍ଷେତ୍ରରେ ବହୁ ପଛୁଆ। ଅଧିକାଂଶ ଶିକ୍ଷାର୍ଥୀଙ୍କ ପାଇଁ ସ୍ମାର୍ଟ ଫୋନ ଏକ ସ୍ୱପ୍ନ ହୋଇଥିବା ବେଳେ ଇଣ୍ଟରନେଟ ସମସ୍ୟା ରହିଛି। ସୂଚନା ଓ ପ୍ରଯୁକ୍ତି ବିଜ୍ଞାନ ବିଶେଷଜ୍ଞଙ୍କ ମତରେ ୟୁଟ୍ୟୁବ ଜରିଆରେ ପାଠ ପଢ଼ିବା ପାଇଁ ନିରବଚ୍ଛିନ୍ନ ଇଣ୍ଟରନେଟ ସଂଯୋଗ ସହ ଏହାର ବେଗ ଅତି କମରେ ୫୧୨କେବି ରହିବା ଆବଶ୍ୟକ। ଅଧିକ ବେଗ ରହିଲେ ଛବି ଓ ଶବ୍ଦର ଗୁଣମାନ ଭଲ ରହିବ। ଗ୍ରାମାଞ୍ଚଳରେ ଇଣ୍ଟରନେଟର ଧାରା ବହୁ ସମୟରେ ବାଧା ପ୍ରାପ୍ତ ହେଉଛି। ଏହାବ୍ୟତୀତ ନେଟ ପ୍ୟାକେଜ ପାଇଁ କରୋନା ମହାମାରୀ ସମୟରେ ଆର୍ଥିକ ସମସ୍ୟା ରହିଛି। ଅଭିଭାବକ ହିରଣ୍ୟ କୁମାର ପଣ୍ଡା କହିଛନ୍ତି, ଶସ୍ତା ଓ ପୁରୁଣା ମୋବାଇଲ ଶିକ୍ଷାର୍ଥୀଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ଏହି ଧରଣର ମୋବାଇଲ ନିରବଚ୍ଛିନ୍ନ ଭାବେ ୟୁଟ୍ୟୁବ ପାଇଁ ବ୍ୟବହାର ହେଲେ ଖରାପ ହେବା ସହ ଫାଟିଯିବା ସମ୍ଭାବନା ଅଛି। ଅଧିକ ସମୟ ମୋବାଇଲ ଚାଲିଲେ ମୋବାଇଲ ଗରମ ହେବା ସ୍ୱାଭାବିକ। ପାଠ ପଢ଼ିବା ସମୟରେ ଅନେକ ଛାତ୍ରାଛାତ୍ରୀ ନିଜର ଶରୀର ଏପରି କି ଆଖି ନିକଟରେ ମୋବାଇଲ ରଖୁଥିବାରୁ ବ୍ୟାଟେରି ଫାଟିଲେ ଘାତକ ସାବ୍ୟସ୍ତ ହେବ। ଏଥିପାଇଁ ଭଲ ସ୍ମାର୍ଟ ଫୋନ ବ୍ୟବହାର ପାଇଁ ସେ ମତ ଦେଇଛନ୍ତି। ଶିକ୍ଷାବିତ୍ ଡ. ସର୍ବେଶ୍ୱର ସେଣ କହିଛନ୍ତି, ୟୁଟ୍ୟୁବରେ ଲାଇଭ ଷ୍ଟ୍ରିମ୍ କରିବା ପୂର୍ବରୁ ବିଭାଗ ପକ୍ଷରୁ କୋମଳମତି ଛାତ୍ରାଛାତ୍ରୀଙ୍କୁ ମୋବାଇଲ ଓ ଇଣ୍ଟରନେଟର ବ୍ୟବହାର ସମ୍ପର୍କରେ ସଚେତନ କରାଯିବା ଜରୁରୀ। ଅଭିଭାବକ ମଧ୍ୟ ଏ ନେଇ ଶିକ୍ଷା ନେବା ଆବଶ୍ୟକ। ଗ୍ରାମାଞ୍ଚଳ ଶିକ୍ଷାନୁଷ୍ଠାନରେ ଶିକ୍ଷକଙ୍କ ଉପସ୍ଥିତିରେ କରୋନା ନିୟମ ମାନି କେବଳ ନବମ ଓ ଦଶମ ଶ୍ରେଣୀର ଶିକ୍ଷାର୍ଥୀଙ୍କ ପାଇଁ ସରକାରୀ ବ୍ୟବସ୍ଥାରେ ବଡ଼ ପରଦାରେ ୟୁଟ୍ୟୁବ ପାଠପଢ଼ାର ସିଧା ପ୍ରସାରଣ କରାଗଲେ ଅନେକ ଛାତ୍ରାଛାତ୍ରୀ ଉପକୃତ ହୋଇ ପାରିବେ। ଡିଇଓ ସଞ୍ଜୟ ସିଂହ କହିଛନ୍ତି, ପାଠପଢ଼ା ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରତ୍ୟେକ ଛାତ୍ରାଛାତ୍ରୀ ଓ ଶିକ୍ଷକଙ୍କୁ ୟୁଟ୍ୟୁବ ଲିଙ୍କ ପଠାଯାଇଛି। ଏ ପର୍ଯ୍ୟନ୍ତ କେତେ ଶିକ୍ଷାର୍ଥୀ ଏଥିରେ ଭାଗ ନେଇଛନ୍ତି, ତାହାର ବୃତ୍ତାନ୍ତ ରିପୋର୍ଟ ମିଳିନାହିଁ। ଆଗାମୀ ଦିନରେ ରେଡିଓ, ଦୂରଦର୍ଶନ ଆଦିରେ ପାଠପଢ଼ା ହେବ ବୋଲି ସେ ମତ ଦେଇଛନ୍ତି।

# ଅଖଣ୍ଡ ଦୀପ ଜାଳିବାକୁ ନିବେଦନ



ଶ୍ରୀଜୀଉ ମନ୍ଦିର ସେବାୟତମାନେ ରଥଯାତ୍ରା ପାଇଁ ଅଖଣ୍ଡ ଦୀପ ଜାଳିବାକୁ ନିବେଦନ କରୁଛନ୍ତି।

### ଶ୍ରୀବଳଦେବ ଜୀଉଙ୍କ ରଥଯାତ୍ରା ବନ୍ଦ ପ୍ରସଙ୍ଗ

କେନ୍ଦ୍ରାପଡ଼ା ଅଫିସ, ୨୧।୬

ଆସନ୍ତା ୨୪ରେ ଦେବସ୍ନାନ ପୂର୍ଣ୍ଣିମା। ଏହିଦିନ ନିଜ ଇଷ୍ଟ ଦେବଦେବୀଙ୍କ ନିକଟରେ ତୁଳସୀକ୍ଷେତ୍ରରେ ରଥଯାତ୍ରା ପାଇଁ ଅଖଣ୍ଡ ଦୀପ ଜାଳନ୍ତୁ। ରାଜ୍ୟ ସରକାର ଓ ନ୍ୟାୟାଳୟ ପକ୍ଷରୁ ରଥଯାତ୍ରା ପାଇଁ ପଥ ପରିଷ୍କାର ହେବ ବୋଲି ଆଶା ଓ ବିଶ୍ୱାସ ଅଛି। ଶ୍ରୀବଳଦେବ ଜୀଉ ବ୍ରହ୍ମ ତାଳଧ୍ୱଜ ରଥାରୂଢ଼ ପାଇଁ ଏପରି ପ୍ରତିବାଦ କରନ୍ତୁ ବୋଲି ଶ୍ରୀଜୀଉଙ୍କ ମନ୍ଦିର ସେବାୟତଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ସୋମବାର ନିବେଦନ କରାଯାଇଛି। ରଥଦାଣ୍ଡ ପରିସରରେ ସେବାୟତମାନେ ପୂର୍ବାହ୍ନରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଏ ସମ୍ପର୍କରେ ସେବାୟତ ସଞ୍ଜୟ କୁମାର ପତ୍ରୀ, ନୃସିଂହ ପ୍ରସାଦ ପତ୍ରୀ, ସୁରେଶ ଚନ୍ଦ୍ର ପତ୍ରୀ ପ୍ରମୁଖ ସୂଚନା ଦେଇଛନ୍ତି, ରାଜ୍ୟ ସରକାର ଶ୍ରୀକ୍ଷେତ୍ର ରଥଯାତ୍ରାକୁ ଅନୁମତି ଦେଇଥିଲେ ମଧ୍ୟ ତୁଳସୀ କ୍ଷେତ୍ରାଧିପତିଙ୍କ ରଥଯାତ୍ରା ପାଇଁ କଟକଣା କରିଛନ୍ତି। ତେବେ ଏ କ୍ଷେତ୍ରର ରୀତିନୀତି ଶ୍ରୀକ୍ଷେତ୍ର ସହିତ ସାମଞ୍ଜସ୍ୟ ଅଛି। ଏହାବ୍ୟତୀତ ଶ୍ରୀକ୍ଷେତ୍ରରୁ ଶ୍ରୀଜୀଉଙ୍କ ପାଇଁ ରାଖୀ ଓ ପାଟଶାଢ଼ି ଆସେ। ରଥଯାତ୍ରା ଏକ ପାରମ୍ପରିକ ବିଧି ହୋଇଥିବା ବେଳେ କୋଭିଡ କଟକଣା ଆଳରେ ଏହାକୁ ବନ୍ଦ ରଖିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଯାହା ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦେଇଛି। ଏ ନେଇ ଜିଲା ଓ ଜିଲା ବାହାରର ଶ୍ରଦ୍ଧାଳୁ, ସଂଗଠନମାନେ ମୁଖ୍ୟମନ୍ତ୍ରୀ ଏବଂ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ସମସ୍ତ ଶ୍ରଦ୍ଧାଳୁଙ୍କ ସହଯୋଗରେ ଏହି ରଥଯାତ୍ରା ସମ୍ପୂର୍ଣ୍ଣ ହୋଇପାରିବ। ରାଜ୍ୟ ସରକାରଙ୍କ ସଂସ୍କୃତି ବିରୋଧୀ ମନୋଭାବର ପରିବର୍ତ୍ତନ ପାଇଁ ଘିଅ ଦୀପ ଜଳାଇବାକୁ ନିବେଦନ କରାଯାଇଛି ବୋଲି ସେମାନେ ମତ ଦେଇଛନ୍ତି। ସୂଚନାଯୋଗ୍ୟ, ଏହି କ୍ଷେତ୍ରରେ ରଥ ଗଡିବା ପାଇଁ ବିଭିନ୍ନ ଶ୍ରଦ୍ଧାଳୁ କୋର୍ଟର ଦ୍ୱାରସ୍ଥ ହୋଇଥିବା ବେଳେ ବହୁ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏପରି କି ଆସନ୍ତା ୨୩ ତାରିଖ ସନ୍ଧ୍ୟାରେ ତୁଳସୀ ମୂଳେ ଓ ଗ୍ରାମ ଶେଷ ମୁଣ୍ଡରେ ଦୀପଦାନ ପାଇଁ ଜନ ଅଧିକାର ମଞ୍ଚ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଆହ୍ୱାନ ଦିଆଯାଇଛି।

# ହ୍ରାସ ପାଉଛି ଦେଶୀ ପକ୍ଷୀଙ୍କ ସଂଖ୍ୟା

ମହାକାଳପଡ଼ା, ୨୧।୬(ଡି.ଏନ୍.ଏ.)

ପ୍ରାକୃତିକ ପରିବେଶରେ ସନ୍ତୁଳନ ରକ୍ଷା କରୁଥିବା ଘରଚଟିଆ ଓ ବାଇଚଢ଼େଇ ବିଲୁପ୍ତ ହେବାକୁ ବସିଛନ୍ତି। ଅନ୍ୟପକ୍ଷରେ ବାଡ଼ିବଗିଚା ଗଛରେ ଅନେକ ଦେଶୀ ପକ୍ଷୀ ବସା ଦେଖିବାକୁ ମିଳୁଥିଲା । କିନ୍ତୁ କାଳକ୍ରମେ ଏହି ଦେଶୀ ପକ୍ଷୀ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୯୮୦ରୁ ୯୦ ଦଶକ ମଧ୍ୟରେ ଏମାନଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ଥିଲା। ୧୯୯୯ ମହାବତ୍ୟା ପରେ ଏହି ପ୍ରଜାତିର ଚଢ଼େଇ ଖୁବ୍ କମ୍ ସଂଖ୍ୟାରେ ଦେଖିବାକୁ ମିଳୁଛନ୍ତି। ଘରଚଟିଆ ଘରଚାଳରେ ବସା ବାନ୍ଧି ରହିଥାନ୍ତି। ରାତି ପାହିଲେ ଏମାନଙ୍କ କିଚିରି ମିଚିରି ଶବ୍ଦ ଖୁବ୍ ଆନନ୍ଦ ଦେଇଥାଏ। ଅପରପକ୍ଷେ ପ୍ରାକୃତିକ ବିପର୍ଯ୍ୟୟ ତଥା ବାତ୍ୟା, ସୁନାମି, ଭୂକମ୍ପ ହେବା ପୂର୍ବରୁ ଏମାନେ ବିପଦ ଆସନ୍ନ ସଙ୍କେତ ଦେଇଥା'ନ୍ତି। ଏମାନେ ଛୋଟ ପୋକଯୋକ, ଧାନ ଚାଉଳ ଓ ଅନ୍ୟ ଖାଦ୍ୟ ଖାଇଥା'ନ୍ତି। ଏବେ ବିଭିନ୍ନ କଳକାରଖାନା, ଚାଷଜମିରେ ରାସାୟନିକ ସାର, ଔଷଧ ପ୍ରୟୋଗ ଯୋଗୁ ଏମାନଙ୍କ ବଂଶ ବିଲୁପ୍ତ ହେବାକୁ ବସିଲାଣି ବୋଲି ପରିବେଶବିତ୍‌ମାନେ କହୁଛନ୍ତି। କେତେକ ଚଢ଼େଇ ଗାଁ ଛାଡ଼ି ସ୍ଥାନୀୟ ହେନ୍ତାଳ ବଣ ଗଛରେ ବସା ବାନ୍ଧିଥିବା ଦେଖିବାକୁ ମିଳିଛି। ହେଲେ ଶିକାରୀମାନଙ୍କ ଲୋଲୁପ ଦୃଷ୍ଟି ବସା ଉପରେ ପଡ଼ିଛି। ଏହି ପକ୍ଷୀଙ୍କ ସୁରକ୍ଷା ପାଇଁ ସଚେତନତା ଆବଶ୍ୟକତା ରହିଛି।

ବାଇଚଢ଼େଇ ଉଚ୍ଚ ତାଳ, ଖଜୁରି ଗଛରେ ବିଭିନ୍ନ ପତ୍ର ଚିରି ନିଖୁଣ ଭାବେ ଝୁଲାବସା ବାନ୍ଧନ୍ତି। କିନ୍ତୁ ଏହି ଗଛକୁ ବେପାରୀମାନେ କାଟି ସଫା କରିବା ଯୋଗୁ



ଜମ୍ବୁ କଣ୍ଡରାପାଟିଆ ହେନ୍ତାଳ ଜଙ୍ଗଲରେ ବାଇ ଚଢେଇଙ୍କ ବସା।

- ବିଲୁପ୍ତ ପ୍ରାୟ ଘରଚଟିଆ, ବାଇଚଢ଼େଇ
- ୧୯୯୯ ମହାବାତ୍ୟା ପରେ ଦେଶୀୟ ପକ୍ଷୀବଂଶ ଧ୍ୱଂସମୁଖରେ
- ବାତ୍ୟା, ସୁନାମି, ଭୂମିକମ୍ପ ପୂର୍ବରୁ ଏମାନେ ସୂଚନା ଦିଅନ୍ତି

ପକ୍ଷୀଙ୍କ ବସା ଦେଖିବାକୁ ମିଳୁନି। ବର୍ଷକୁ ୨ଥର ବାଇ ଚଢ଼େଇ ଅଣ୍ଡା ଦେଇ ଶାବକଙ୍କୁ ଆଧାର ଦେଇଥାନ୍ତି। ଶାବକମାନେ ଚଳାବୁଲା କରିବା ପରେ ମା' ଚଢ଼େଇ ଆକାଶରେ ପାଖେ ପାଖେ ରହି ଉଡ଼ାଇବା ଶିଖାଇଥାଏ। ଅନ୍ୟପକ୍ଷରେ ବଣୁଆ ପାରା, ବଗ, ହଳଦୀବସନ୍ତ, କାଠହଣା, କଜଳପାତି, ବଣି, କୁଣ୍ଡାଖିଆ, ମାଛରଙ୍କା, ଭଦଭଦଳିଆ, ଗୁଣ୍ଡୁରୀ ଚଢ଼େଇ, କପୋତ, କୁମ୍ଭାଟୁଆ, ଡାହୁକ, କୋଇଲି, ଗେଣ୍ଡାଳିଆ ଆଦି ପକ୍ଷୀଙ୍କ ବଂଶ ହ୍ରାସ ପାଇବାରେ ଲାଗିଛି। ସମୟ ବଦଳିଛି। ଗାଁଗୁଡିକରେ ଚାଳଛପର ଘର ପରିବର୍ତ୍ତେ କଂକ୍ରିଟ କୋଠା ନିର୍ମାଣ ଯୋଗୁ ଏହି ଦେଶୀୟ ପକ୍ଷୀ ଦେଖିବାକୁ ମିଳୁନାହାନ୍ତି ବୋଲି ପରିବେଶପ୍ରେମୀମାନେ କହୁଛନ୍ତି। ବ୍ଲକର ବଟିଘର, ଜମ୍ବୁ, ପୂର୍ବ ସୁନିତି, କଂସାରଡିଆ, ହେଟାମୁଣ୍ଡିଆ, ସରଲିକୁଦ, ଭିତର ଖରିନାସି ସଂରକ୍ଷିତ ଜଙ୍ଗଲ, କଣ୍ଟିଲୋ ସଂରକ୍ଷିତ ଜଙ୍ଗଲ, କଣ୍ଡରାପାଟିଆ ଆଦିରେ ଠାଏଠାଏ ହେନ୍ତାଳ ବଣରେ ଏବେ ବସା ବାନ୍ଧଛନ୍ତି। ପରିବେଶବିତ୍ ସମରେନ୍ଦ୍ର ମାହାଲିଙ୍କୁ ପଚାରିବାରେ, କାଳକ୍ରମେ ଦେଶୀୟ ପକ୍ଷୀବଂଶ ହ୍ରାସ ପାଉଛି। ପ୍ରାକୃତିକ ପରିବେଶକୁ ଏହି ପକ୍ଷୀ ସ୍ୱଚ୍ଛ ରଖୁଥିଲେ। ବିଭିନ୍ନ ଆବର୍ଜନା, ବର୍ଜ୍ୟବସ୍ତୁକୁ ପକ୍ଷୀମାନେ ଖାଇଥାନ୍ତି। ବିପର୍ଯ୍ୟୟ ସମୟରେ ଏହି ପକ୍ଷୀମାନେ ବିପଦ ପୂର୍ବରୁ ସୂଚନା ଦେଇଥାନ୍ତି। କେତେଜଣ ଶିକାରୀ ଫାଶ, ଜାଲ ଓ ତୀର ମାରି ଏହି ପକ୍ଷୀଙ୍କ ଜୀବନ ନେଉଛନ୍ତି। ବନ ବିଭାଗ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି।

# ବ୍ରାହ୍ମଣୀ, ଖରସ୍ରୋତା ନଦୀରେ କୁମ୍ଭୀର ଆତଙ୍କ
## ନଦୀକୂଳବାସୀ ଛାନିଆ

ଆଳି,୨୧।୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକକୁ ଚତୁଃପାର୍ଶ୍ୱରୁ ଘେରି ରହିଥିବା ବ୍ରାହ୍ମଣୀ ଓ ଖରସ୍ରୋତା ନଦୀରେ କିଛିଦିନ ହେବ କୁମ୍ଭୀର ଉପଦ୍ରବ ବଢ଼ିଚାଲିଛି। କୁମ୍ଭୀର ଉପଦ୍ରବ ଯୋଗୁ ଆଳି ବ୍ଲକର ନଦୀକୂଳରେ ବସବାସ କରୁଥିବା ନଦୀକୂଳବାସୀ ଆତଙ୍କିତ ହୋଇ ପଡିଛନ୍ତି। ବନବିଭାଗ ପକ୍ଷରୁ ନଦୀରେ ଗ୍ରାମବାସୀ କାରବାର କରୁଥିବା ସ୍ଥାନରେ ତାରଜାଲି ଘେରେଇବାର ବ୍ୟବସ୍ଥା ଥିଲେ ମଧ ତାହା କରାଯାଉନାହିଁ। ଫଳରେ କୁମ୍ଭୀର ନଦୀକୂଳବର୍ତ୍ତୀ ଅଞ୍ଚଳରୁ ଗୋଟିଏ ପରେ ଗୋଟିଏ ଜୀବନ ନେଉଥିବା ବେଳେ ବନ ବିଭାଗ ସ୍ଥାଣୁ ପାଲଟିଯାଇଛି। ଗତ ସପ୍ତାହରେ ପଚାମୁଣ୍ଡାଇ ଅମୃତମଣୋହୀ ପଞ୍ଚାୟତ ଜଗନ୍ନାଥପୁର ଗାଁର ଜଣେ ବ୍ୟକ୍ତି ବ୍ରାହ୍ମଣୀ ନଦୀରେ ଗାଧୋଉଥିବା ବେଳେ କୁମ୍ଭୀର ଆକ୍ରମଣ କରିଥିଲା। ଏହି ଘଟଣା ପରେ ନଦୀକୂଳବର୍ତ୍ତୀ ଲୋକମାନେ ନଦୀତୁଠକୁ ଗଡ଼ିବା ପାଇଁ ସାହସ କରୁନାହାନ୍ତି। ନଦୀଗୁଡିକରେ କୁମ୍ଭୀର ଉପଦ୍ରବ ବୃଦ୍ଧି ପାଇବା ଯୋଗୁ ନଦୀକୂଳରେ ବସବାସ କରୁଥିବା ଆଳି ବ୍ଲକର ବାଳକାଟି ପଞ୍ଚାୟତର ବାଳକାଟି, ନାଗପଡା, ରାଣିପୋଖରୀ, ବଡାମ୍ବିଲା ପଞ୍ଚାୟତର ସାହୁପଡା, କୋଳିଡିହ ପଞ୍ଚାୟତର କୋଳିଡିହ, ଦିନିଆରି, ବିଜୟନଗର, ଚନ୍ଦନନଗର, ଜାମୁଦଣ୍ଡା, ଏକମାଣିଆ ପଞ୍ଚାୟତର ଏକମାଣିଆ, ନଳପାହି, ଦକ୍ଷିଣଡିହା ଆଦି ଗାଁର ହଜାର ହଜାର ଲୋକ ଭୟଭୀତ ହୋଇପଡିଛନ୍ତି।

# ପୋଲିସର ନିଷ୍କ୍ରିୟତା ବିରୋଧରେ ହେବ ଥାନା ଘେରାଉ

ଡେରାବିଶ,୨୧।୬(ସ୍ୱ.ପ୍ର.)

- ମହେନ୍ଦ୍ର ଦାସ ହତ୍ୟା ମାମଲା
- ଜିଲାପାଳଙ୍କୁ ଦାବିପତ୍ର

ଡେରାବିଶ ଥାନା ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଛଟିଶା (ମିର୍ଜାଇପାଟଣା) ଗାଁର ମହେନ୍ଦ୍ର ଦାସଙ୍କ ହତ୍ୟା ମାମଲା ଇତିମଧ୍ୟରେ ୨୩ ଦିନ ବିତିଯାଇଛି। ମାତ୍ର ତଦନ୍ତରେ ପୋଲିସର ନିଷ୍କ୍ରିୟତା, ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ନ କରିବା ପ୍ରତିବାଦରେ ସୋମବାର ଗ୍ରାମବାସୀ ଉପଜିଲାପାଳଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ପୋଲିସର ତଦନ୍ତରେ ଶିଥିଳତା ପାଇଁ ଆସନ୍ତା ଶୁକ୍ରବାର ଡେରାବିଶ ଥାନା ସମ୍ମୁଖରେ ଗ୍ରାମବାସୀ ଧାରଣାରେ ବସିବାକୁ ଏହି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଗତ ମେ ୨୯ରେ ଗାଁର ବାନାମ୍ବର ଦାସଙ୍କ ପୁଅ ମହେନ୍ଦ୍ର (୩୫)ଙ୍କୁ ନିର୍ମମ ଭାବେ ହତ୍ୟା କରି ଘର ପଛପଟେ ଏକ ବାଉଁଶ ବୁଦାମୂଳରେ ମୃତଦେହକୁ ପକାଇ ଦେଇଥିଲେ। ଏ ସମ୍ପର୍କରେ ଗତ ମେ ୩୦ରେ ବାନାମ୍ବରଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ଥାନାରେ ନଂ. ୧୨୦/୨୧ରେ ମାମଲା ରୁଜୁ କରାଯାଇଥିଲା। ପୋଲିସ ଘଟଣାସ୍ଥଳକୁ ଆସି ତଦନ୍ତ ଆରମ୍ଭ କରିଥିଲା। ଏଥିସହ ସାଇଣ୍ଟିଫିକ୍ ଟିମ୍ ମଧ୍ୟ କେନ୍ଦ୍ରାପଡ଼ା ଏସ୍‌ଡିପିଓଙ୍କ ଉପସ୍ଥିତିରେ ତଦନ୍ତ କରିଥିଲେ। ତେବେ ଅଭିଯୁକ୍ତଙ୍କୁ ଧରିବାରେ ବିଳମ୍ବ ହେବାରୁ ଜୁନ୍ ୩ରେ ମହେନ୍ଦ୍ରଙ୍କ ସ୍ତ୍ରୀ ଝୁନୁମୟୀ ତାଙ୍କ ସ୍ୱାମୀଙ୍କୁ ହତ୍ୟା କରିଥିବା ଅଭିଯୁକ୍ତମାନଙ୍କ ନାମ ଦର୍ଶାଇ ଥାନାରେ ଆଉ ଏକ ଅଭିଯୋଗ କରିଥିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ଏଥିସହ ଗତ ୭ ତାରିଖରେ ଗ୍ରାମବାସୀ ଗାଁରେ ଘଟିଥିବା ଏଭଳି ଏକ ସମ୍ବେଦନଶୀଳ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଏସ୍‌ପି ଓ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ ଏସ୍‌ପି ମଡକର ସନ୍ଦିପ ସମ୍ପତ ଘଟଣାସ୍ଥଳକୁ ଆସି ମହେନ୍ଦ୍ର ମୃତ୍ୟୁର ସମସ୍ତ ଦିଗକୁ ଅନୁଧ୍ୟାନ କରି ଫେରିଯାଇଥିଲେ। ତେବେ ସୋମବାର ଦାବିପତ୍ରରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତମାନେ ଖୁଲମ୍‌ଖୁଲା ଭାବେ ବୁଲୁଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରୁନାହିଁ। ତେଣୁ ଶୁକ୍ରବାର ଥାନା ଘେରାଉ କରାଯିବ ବୋଲି ଗାଁର ଅଭୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରର ଏକ ନକଲ ଏସ୍‌ପି, ଡେରାବିଶ ଥାନା ଅଧିକାରୀ ଓ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ଦିଆଯାଇଥିବା ପୂର୍ବତନ ସରପଞ୍ଚ ଭାଗବତ କାଣ୍ଡି ସୂଚନା ଦେଇଛନ୍ତି।

# ପଞ୍ଚାୟତ ସମିତି କାର୍ଯ୍ୟାଳୟ ଘେରିଲେ ଜବ୍‌କାର୍ଡଧାରୀ

ନାଉଗାଁ,୨୧।୬(ସ୍ୱ.ପ୍ର)

- କାର୍ଯ୍ୟ କରି ପାଉଣା ପାଇ ନ ଥିବା ଅଭିଯୋଗ
- ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଚେତାବନୀ

ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ବାଂଶ ପଞ୍ଚାୟତର ୱାର୍ଡ ନଂ.୧୦ ଓ ୧୧ର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଜବ୍‌କାର୍ଡଧାରୀ ମହିଳା ପୁରୁଷ ସୋମବାର ଘେରାଉ କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ କାମ କରିଥିଲେ ମଧ ପାଉଣା ମିଳୁ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। କରୋନା କଟକଣା ପାଇଁ ସେମାନେ ବିଡିଓଙ୍କ କାର୍ଯ୍ୟାଳୟକୁ ଯାଇପାରି ନ ଥିଲେ। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବିଡିଓ ରଶ୍ମିରେଖା ମଲ୍ଲିକଙ୍କ ଉଦ୍ଦେଶ୍ୟରେ ସେମାନେ ଲିଖିତ ଅଭିଯୋଗପତ୍ର ଦାଖଲ କରିଥିଲେ। ବିଡିଓଙ୍କ ପ୍ରତିନିଧି ଭାବେ ଜିପିଓ ଦିନେଶ ରାୟ ଆସି ଜବ୍‌କାର୍ଡଧାରୀଙ୍କ ସହ ଆଲୋଚନା କରିଥିଲେ। ୮ ଦିନ ମଧ୍ୟରେ ତଦନ୍ତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଜବ୍‌କାର୍ଡଧାରୀମାନେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମୁଖରୁ ହଟିଥିଲେ। ଜବ୍‌କାର୍ଡଧାରୀଙ୍କ ଅଭିଯୋଗ ଅନୁଯାୟୀ, ଏହି ୨ ୱାର୍ଡରେ ୫୦ରୁ ଊର୍ଦ୍ଧ୍ୱ ଜବକାର୍ଡଧାରୀ ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ବାଂଶ ପଞ୍ଚାୟତରେ ଜବ୍‌କାର୍ଡରେ କାର୍ଯ୍ୟ କରିଥିଲେ। ସେମାନଙ୍କ ୧୦୦ ଦିନର କାର୍ଯ୍ୟ ସରି ନଥିବା ବେଳେ ଏହି ପଞ୍ଚାୟତର ଜିଆର୍‌ଏସ୍ ସେମାନଙ୍କଠାରୁ ଜବ୍‌କାର୍ଡ ନେଇଯାଇଛନ୍ତି। କିନ୍ତୁ ସେମାନଙ୍କର ପ୍ରାପ୍ୟ ଅର୍ଥ ଏ ପର୍ଯ୍ୟନ୍ତ ଜମା ଖାତାକୁ ଆସି ନାହିଁ। ଅପରପକ୍ଷେ କାମ କରିଥିବା ଲୋକଙ୍କ ସ୍ଥାନରେ ଅନ୍ୟମାନଙ୍କୁ ସାମିଲ କରାଯାଇ ଏହି ଅର୍ଥ ଦିଆଯାଇଛି। ଏପର୍ଯ୍ୟନ୍ତ ଜବ୍‌କାର୍ଡଧାରୀଙ୍କୁ ସେମାନଙ୍କ କାର୍ଡ ଫେରସ୍ତ ହୋଇନାହିଁ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଆନ୍ଦୋଳନକାରୀ ଦାବି କରିଛନ୍ତି। ଏହାର ତୁରନ୍ତ ସମାଧାନ ନ ହେଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି। ଶିବ ପ୍ରସାଦ କାଣ୍ଡି, ଶୁକଦେବ ଦାସ, ବାଦଲ ଭୋଇ, ବନିତା କାଣ୍ଡି, ସନ୍ତୋଷୀ ଭୋଇ, ସୁମିତ୍ରା କାଣ୍ଡି,ସବିତା କାଣ୍ଡି, କାଞ୍ଚନ କାଣ୍ଡି, ପ୍ରିୟଙ୍କା କାଣ୍ଡି, ଉଲ୍ଲାସ କାଣ୍ଡି ଓ ରିନା କାଣ୍ଡି ପ୍ରମୁଖ ଏଥିରେ ସାମିଲ ହୋଇ ଅଭିଯୋଗପତ୍ର ପ୍ରଦାନ କରିଥିଲେ।



ଏମ୍‌ଜିଏନଆରଇଜିଏସ୍ କାମ କରି ଟଙ୍କା ପାଇ ନ ଥିବା ଜବ୍‌କାର୍ଡଧାରୀମାନେ ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ଘେରାଉ କରିଛନ୍ତି।

# ବେଧଡ଼କ ଚାଲିଛି ବାଲି ଚୋରାଚାଲାଣ

ଜଗତ୍‌ସିଂହପୁର ଅଫିସ, ୨୧।୬

- ବେଆଇନ ଭାବେ ବାଲି ଉଠାଇ ବିକି ଚାଲିଛନ୍ତି ନିଲାମଧାରୀ
- ଆଶାଜନକ ଚଢ଼ାଉ ହେଉନାହିଁ
- ପରିବେଶ ମଞ୍ଜୁରୀ ମିଳି ନ ଥିବାରୁ ଲିଜ୍ ଡିଡ୍ ହୋଇନାହିଁ

ଜଗତ୍‌ସିଂହପୁର ଜିଲାରେ ବେଧଡ଼କ ଚାଲିଛି ବାଲି ଚୋରା ଚାଲାଣ। ଗାଡିଗୁଡିକରେ ଓଭରଲୋଡ୍ କରି ବାଲି ପରିବହନ କରାଯାଉଛି। ମାସାଧିକ ପୂର୍ବରୁ ଜିଲାର ଅଧିକାଂଶ ବାଲିଘାଟ ନିଲାମ ସରିଛି। କିନ୍ତୁ ପରିବେଶ ମଞ୍ଜୁରୀ ମିଳିନାହିଁ। ଏଥିଯୋଗୁ ଲିଜ୍ ଡିଡ୍ ହୋଇପାରିନାହିଁ। ବିନା ରାଜିନାମାରେ କୌଣସି ଘାଟରୁ ବାଲି ଉତ୍ତୋଳନ ସମ୍ଭବ ନୁହେଁ। କିନ୍ତୁ ନିଲାମଧାରୀମାନେ ବେଆଇନ ଭାବେ ବାଲି ଉତ୍ତୋଳନ କରି ବିକ୍ରି କରୁଛନ୍ତି। ଏହାକୁ ରୋକିବାକୁ ଜିଲାର ବିଭିନ୍ନ ତହସିଲ ଅଞ୍ଚଳରେ ଏନ୍‌ଫୋର୍ସମେଣ୍ଟ କମିଟି ତଥା ସ୍କ୍ୱାଡ୍ ଗଠନ କରାଯାଇଛି। କିନ୍ତୁ ସେମାନେ ଆଶାଜନକ ଚଢ଼ାଉ କରୁ ନ ଥିବାରୁ ବାଲି ଚୋରା ଚାଲାଣ ବଢିଚାଲିଛି।

ପୂର୍ବରୁ ଜିଲାରେ ୧୮ ବାଲିଘାଟ ଥିଲା। ଚଳିତବର୍ଷ ଏହା ୩୦କୁ ବୃଦ୍ଧି ପାଇଛି। କିନ୍ତୁ ନାଉଗାଁ ତହସିଲ ଅଞ୍ଚଳର ଏକ ବାଲିଘାଟ ନିଲାମ ଉପଯୋଗୀ ହୋଇ ନ ଥିବାରୁ ବାତିଲ ପରେ ୨୯ଟି ନିଲାମ ପାଇଁ ସ୍ଥିର ହୋଇଥିଲା। ସେଥିରୁ ନାଉଗାଁ ତହସିଲ ଅନ୍ତର୍ଗତ ୬, ବିରିଡ଼ି ୫, ରଘୁନାଥପୁର ୩, ଜଗତ୍‌ସିଂହପୁର ୩, ତିର୍ତ୍ତୋଲ ୧୦ ଓ କୁଜଙ୍ଗ ତହସିଲ ଅଞ୍ଚଳର ୨ଟି ରହିଛି। ବାଲିଘାଟଗୁଡିକ ହେଲା ନାଉଗାଁ ତହସିଲ



ଏକ ଘାଟରୁ ବାଲି ଚୋରା ଚାଲାଣ ଚାଲିଛି।

ଦେବୀ ନଦୀର ଏରଡ଼ା, ଶିଖର, ବଛାଳୋ, ଅରଖକୁଦ, ଗଳଧାରୀ ଓ ଅଲଣା-୨, ବିରିଡ଼ି ତହସିଲ ବିଲୁଆଖାଇ ନଦୀର ହାଜିପୁର-କୁଳକଇଜଙ୍ଗା ନୂଆପାରୀ, ମଗୁଲି-ଶଙ୍ଖାରିସାହି, ଚାଷୀଖଣ୍ଡ, ଦେବୀ ନଦୀର ମଧଶାସନ, ସୁନାୱାଉବରାଇ, ଜଗତ୍‌ସିଂହପୁର ତହସିଲରେ ଦେବୀ ନଦୀର ଆଳିପିଙ୍ଗଳ-ଅଢଙ୍ଗ, ମୁଣ୍ଡିଲୋ-ପାଟେଣିଗାଁ ଓ ବଡ଼ାରୋ, ରଘୁନାଥପୁର ତହସିଲ ମହାନଦୀର ନୂଆପଡ଼ା, ଜଇପୁର, ତାରପୁର-ଅଚୁତପୁର-ଗୋକୁଳପୁର, ତିର୍ତ୍ତୋଲ ତହସିଲ ମହାନଦୀର ପୋଷଲ ତିର୍ତ୍ତୋଲ, ଓଲାଗଡ଼ ତିର୍ତ୍ତୋଲ, କିଲିପାଳ, କନିମୂଳ, ପାଇକା ନଦୀର ଅରିଲୋଜଇପୁର, ବିଳାସପୁର, ଅନୁପାଳ, କୃଷ୍ଣାନନ୍ଦପୁର, ଅଢ଼ପଡ଼ି, ମହାନଦୀର କୃଷ୍ଣାନନ୍ଦପୁର, କୁଜଙ୍ଗ ତହସିଲର କଳାଦୀପ ଓ ଗୋବର୍ଦ୍ଧନପୁର। ଏହି ଘାଟଗୁଡିକ ମଧ୍ୟରୁ ୧୮ଟି ନିଲାମ ସରିଛି। ଅବଶିଷ୍ଟ ୧୧ଟି ନିଲାମ ବିଭିନ୍ନ କାରଣରୁ ବିଳମ୍ବ ହୋଇଛି। ଯେଉଁ ଘାଟଗୁଡ଼ିକର ନିଲାମ ସରିଛି ସମ୍ପୃକ୍ତ ନିଲାମଧାରୀଙ୍କ ସହ ସରକାରଙ୍କ ଚୁକ୍ତିପତ୍ର ହୋଇନାହିଁ। ଏହାର ସୁଯୋଗରେ ନିଲାମଧାରୀ ବାଲି ଉଠାଇ ଚାଲିଛନ୍ତି। ସରକାରଙ୍କୁ ରାଜସ୍ୱ ନ ଦେଇ ଏହି ନିଲାମଧାରୀ କେତେକ ସ୍ଥାନରେ ସରକାରୀ ଅଧିକାରୀଙ୍କୁ ହାତବାରିସ କରି ଉଦ୍ଦେଶ୍ୟ ପୂରଣ କରିଚାଲିଛନ୍ତି। ପଡୋଶୀ କଟକ ଜିଲା ନିଆଳି ତହସିଲର କେତୋଟି ବାଲିଘାଟ ନିଲାମ ହୋଇଥିଲେ ସୁଦ୍ଧା ରାଜିନାମା ହୋଇନାହିଁ। ଏହି ଘାଟ ଜଗତ୍‌ସିଂହପୁର ସୀମାନ୍ତରେ ଥିବାରୁ ନିଲାମଧାରୀ ବାଲି ଚୋରା ଚାଲାଣ କରି ଚାଲିଛନ୍ତି। ନିଲାମଧାରୀ ପରିବହନ ପାଇଁ ଗାଡ଼ି ପିଛା ଗୋଟିଏ ହିସାବରେ ୱାଇ ଫର୍ମ(ବିନା ତାରିଖରେ) ଦେଉଛନ୍ତି। ଯେତେବେଳେ ଯାଞ୍ଚ ହେଉଛି ତାହା କାମରେ ଆସୁଛି। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ହେଉଛି। କେତେକ ତହସିଲ ଓ ଥାନା ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ବାଲି ଚାଲାଣ ଉପରେ ଜରିମାନା ଆଦାୟ କରାଯାଉଛି। କିନ୍ତୁ ବାଲି ମାଫିଆଙ୍କ ଉପରେ ପ୍ରଭାବ ପକାଉ ନାହିଁ। ଏ ନେଇ କେତେଜଣ ବ୍ୟକ୍ତି ଅଭିଯୋଗରେ କହିଛନ୍ତି, ପ୍ରତ୍ୟେହ ଜଗତ୍‌ସିଂହପୁର ସହର ସମେତ ଜିଲାର ବିଭିନ୍ନ ମୁଖ୍ୟ ରାସ୍ତାରେ ବିନା ପାଲରେ ଓଭରଲୋଡ୍ ବାଲି ବୋଝେଇ ହାଇୱା ଅବାଧରେ ଚାଲିଛି। ଫଳରେ ରାସ୍ତା ଖରାପ ହେବା ସହ ପରିବେଶ ମଧ୍ୟ ପ୍ରଭାବିତ ହେଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଡେପୁଟି କଲେକ୍ଟର(ରାଜସ୍ୱ) ଅଜୟ ମହାନ୍ତି କହିଛନ୍ତି, ପରିବେଶ ମଞ୍ଜୁରୀ ମିଳିବାରେ ବିଳମ୍ବ ଯୋଗୁ ବାଲିଘାଟଗୁଡିକ ସହ ଲିଜ୍ ଡିଡ୍ କରି ହେଉନାହିଁ। ତେବେ ବାଲି ଚୋରା ଚାଲାଣ ସମ୍ପର୍କରେ ସୂଚନା ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ସଂକ୍ଷେପରେ

### ବଜ୍ରପାତ ନେଲା ୩ ଜୀବନ

**ପାଟଣା/ଭଦ୍ରକ ଅଫିସ, ୨୧।୬(ସ୍ୱ. ପ୍ର.):** କେନ୍ଦୁଝର ଓ ଭଦ୍ରକ ଜିଲାରେ ସୋମବାର ବଜ୍ରପାତ ଘଟି ୩ ଜଣଙ୍କ ଜୀବନ ଯାଇଛି। କେନ୍ଦୁଝରରେ ୨ ଚାଷୀ ଏବଂ ଭଦ୍ରକରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ପଞ୍ଚାୟତ ଡଳଙ୍ଗ ଗ୍ରାମର ଈଶ୍ୱର ଚନ୍ଦ୍ର ବାରିକ ଓ ଚନ୍ଦ୍ରଶେଖର ମହାନ୍ତ ବିଲରେ ତଳି ପକାଇ ଫେରିବାବେଳେ ବଜ୍ରାଘାତର ଶିକାର ହୋଇଥିଲେ। ମୃତ୍ୟୁ ଖବର ଜାଣିବା ପରେ ପରିବାର ଲୋକେ ତୁରୁମୁଙ୍ଗା ପୋଲିସକୁ ଜଣାଇଥିଲେ। ପୋଲିସ ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଥାନାରେ ଅପମୃତ୍ୟୁ ମାମଲା (ନଂ.୧୭/୨୧) ରୁଜୁ ହୋଇଛି। ଭଦ୍ରକରେ ମୃତ ଛାତ୍ର ହେଲେ ଚାନ୍ଦବାଲି ବ୍ଲକ ତେନ୍ତୁଳିଦା ଗ୍ରାମର ରମେଶ ପରିଡ଼ାଙ୍କ ପୁଅ ସିପୁନ(୧୫)। ଅନ୍ୟ ଜଣେ ଛାତ୍ର ସଞ୍ଜୟ ନାୟକ ଆହତ ହୋଇଛନ୍ତି। ଦୁଇଜଣ ସନ୍ଧ୍ୟାରେ ବିଲରୁ ଫେରୁଥିବାବେଳେ ବଜ୍ରାଘାତରେ ସଂଜ୍ଞାହୀନ ହୋଇପଡ଼ିଯାଇଥିଲେ। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସିପୁନଙ୍କୁ ମୃତ ଘୋଷଣା କରିଥିଲେ।

### ଦେଶୀ ପିସ୍ତଲ, ଗୁଳି ଜବତ: ଯୁବକ ଗିରଫ

**ନୂଆଗାଁ, ୨୧।୬ (ଡି.ଏନ୍.ଏ):** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ତ୍ରିନାଥ ଛକ ନିକଟରୁ ସୋମବାର ଅପରାହ୍ନରେ ପୋଲିସ ସୁନୀଲ ସାହୁ (୩୦) ନାମକ ଯୁବକଙ୍କୁ ଗିରଫ କରିଛି। ତାଙ୍କଠାରୁ ଦେଶୀ ପିସ୍ତଲ ସହ ୨ଟି ଅଫୁଟା ଗୁଳି ଜବତ କରାଯାଇଛି। ତ୍ରିନାଥ ଛକ ନିକଟରେ ହାତୀବାରି ପୋଲିସ ପାଟ୍ରୋଲିଂ କରୁଥିବାବେଳେ ସୁନୀଲ ସନ୍ଦେହଜନକ ଭାବେ ଠିଆ ହୋଇଥିଲେ। ପୋଲିସ ତାଙ୍କୁ ଡାକି ବିଭିନ୍ନ ବିଷୟରେ ପଚାରିବା ସହ ସର୍ଚ୍ଚ କରିଥିଲା। ଏହି ସମୟରେ ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ, ଦୁଇଟି ଗୁଳି ମିଳିଥିଲା। ହାତୀବାରି ଥାନା ଅଧିକାରୀ ହୃଷୀକେଶ ବେହେରା ସୁନୀଲଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଥାନାରେ ଏକ ମାମଲା (ନଂ. ୬୦/୨୧) ରୁଜୁ ହୋଇଛି।

# ନଷ୍ଟ ହେଉଛି ୫.୪୪ କୋଟିର ଟସର

ନୀଳାଦ୍ରି ବିହାରୀ ଦଣ୍ଡପାଟ
ବାରିପଦା ଅଫିସ, ୨୧।୬


ବାଙ୍ଗିରିପୋଷି ଟସର ସମବାୟ ସମିତିରେ ବିକ୍ରି ନ ହୋଇ ରହିଥିବା ଟସର।

- କରୋନା କଟକଣା ପାଇଁ କିଣାବିକା ବନ୍ଦ
- ଚାଷରୁ ମୁହଁ ଫେରାଇଲେଣି ଚାଷୀ

ମହାମାରୀ କରୋନା ଯୋଗୁ କିଣା ବିକା ହୋଇ ନ ପାରି ମୟୂରଭଞ୍ଜ ଜିଲାର ୨୧ ୟୁନିଟରେ ୫କୋଟି ୪୪ଲକ୍ଷ ଟଙ୍କାର ଟସର ପଡ଼ିରହିଛି। ଦୀର୍ଘ ଦିନ ଧରି ଜମା ହୋଇରହିବାରୁ ଏହାର ଗୁଣାତ୍ମକ ମାନ ନଷ୍ଟ ହେବାର ଆଶଙ୍କା ଦେଖାଦେଇଛି। ଫଳରେ ଏହି ଚାଷ ଉପରୁ ଚାଷୀ ମୁହଁ ଫେରାଇବାକୁ ବସିଲେଣି।

ଜିଲାରେ ଥିବା ଆଦିବାସୀମାନଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଟସର ଚାଷକୁ ଗୁରୁତ୍ୱ ଦିଆଯାଇଥିଲା। ଚାଷ କରି ରେଶମ ଉତ୍ପାଦନ ତଥା ରେଶମ ଚାଷକୁ ଉପାର୍ଜନର ପନ୍ଥା ରୂପେ ଚାଷୀମାନେ କିପରି ଗ୍ରହଣ କରିବେ ସେଥିପାଇଁ ପରବର୍ତ୍ତୀ ପର୍ଯ୍ୟାୟରେ କେନ୍ଦ୍ରୀୟ ଟସର ବୋର୍ଡ ଦ୍ୱାରା ୧୯୭୫ରେ ବାଙ୍ଗିରିପୋଷିଠାରେ ଏକ ଗବେଷଣା ସମ୍ପ୍ରସାରଣ କେନ୍ଦ୍ର ଖୋଲାଯାଇଥିଲା। ଲାଭଜନକ ଟସର ଚାଷକୁ ଉପାର୍ଜନର ପନ୍ଥା ଭାବେ ଅଞ୍ଚଳବାସୀ ଆପଣାଇ ଚାଷ କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ ସମୟରେ ବାଙ୍ଗିରିପୋଷି ଟସର ସମବାୟ ସମିତିରେ ୭୪ଲକ୍ଷ ଟଙ୍କାର ଟସର ବିକ୍ରି ନ ହୋଇ ପଡ଼ିରହିଛି। ଜିଲାର ମୋରଡ଼ା, ଶୁଳିଆପଦା, କୁଳିଅଣା, ସାରସକଣା, ବାରିପଦା, ବିଶୋଇ, ଠାକୁରମୁଣ୍ଡା, ଶାମାଖୁଣ୍ଟା ଓ କପ୍ତିପଦା ବ୍ଲକରେ କାର୍ଯ୍ୟ କରୁଥିବା ୨୧ଟି ୟୁନିଟରେ ୫କୋଟି ୪୪ଲକ୍ଷ ଟଙ୍କା ମୂଲ୍ୟର ଟସର ପଡ଼ିରହିଛି। ଏଠାକାର ଟସରର ଉଚ୍ଚ ଗୁଣାତ୍ମକ ମାନ ରହୁଥିବାରୁ ଓଡ଼ିଶାର ବିଭିନ୍ନ ଜିଲାରୁ ବୁଣାକାର ସୋସାଇଟିମାନେ ଆସି ଟସର କିଣିଥାନ୍ତି ବୋଲି ଆମ୍ବଡ଼ିହାର ଚାଷୀ ମଙ୍ଗଳା ସୋରେନ ଓ ଉପରବେଡ଼ାର କାହ୍ନୁଚରଣ ମାରାଣ୍ଡି କହିଛନ୍ତି।

ରାଜ୍ୟରେ କେବଳ ସରକାରୀ ଭାବେ ଟସର କିଣାବିକା ହୋଇଥାଏ। ଉତ୍ପାଦିତ ଟସର ବିଭାଗୀୟ ବିପଣନ ବିଭାଗ ଭୁବନେଶ୍ୱରଙ୍କ ମାଧ୍ୟମରେ ବିଭିନ୍ନ ବୁଣାକାର ସୋସାଇଟି କିଣିଥାନ୍ତି। କରୋନା କଟକଣା ପାଇଁ କିଣାବିକା ବନ୍ଦ ଥିବାରୁ ବୁଣାକାର କୋ ଅପରେଟିଭ୍ ସୋସାଇଟି ସେସବୁ କିଣିବା ପାଇଁ ଆସୁନାହାନ୍ତି। ଫଳରେ ଦୀର୍ଘ ଦିନ ରହିବା ଦ୍ୱାରା ତା'ର ଗୁଣବତ୍ତା ନଷ୍ଟ ହେବାକୁ ବସିଲାଣି। ପଡ଼ୋଶୀ ପଶ୍ଚିମବଙ୍ଗ ଓ ବିହାରରେ ଖୋଲା ବଜାରରେ କିଣାବିକା ଥିବାରୁ ସେଠାରେ ସ୍ୱାଭାବିକ ବିକ୍ରି ଚାଲିଛି। ତେବେ ଟସର ବିକ୍ରି ନ ହେଲେ ମଧ ଓଡ଼ିଶା ଟସର ଆଣ୍ଡ ସିଲ୍କ ଫେଡ଼େରେଶନ ପକ୍ଷରୁ ଚାଷୀଙ୍କୁ ଅଗ୍ରୀମ ପ୍ରାପ୍ୟ ମିଳିସାରିଛି। ଜିଲାରେ ଟସର ଚାଷରୁ ମୋଟ ୩୦ହଜାର ଲୋକ ଉପକୃତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ୯୨ପ୍ରତିଶତ ଆଦିବାସୀ ବର୍ଗର ଓ ୮ପ୍ରତିଶତ ଅନ୍ୟାନ୍ୟ ବର୍ଗର। ତେବେ ବିଭିନ୍ନ ପ୍ରାକୃତିକ ଦୁର୍ବିପାକ ସମସ୍ୟା ଯୋଗୁ ଜିଲାରେ ଟସର ଉତ୍ପାଦନ ହ୍ରାସ ଘଟୁଛି ବୋଲି ଦାନାଦାର ଗ୍ରାମର ଚାଷୀ ମୁକୁଳ ନାଏକ ପ୍ରକାଶ କରିଛନ୍ତି। ଅତୀତରେ ଦୈନିକ ସହସ୍ରାଧିକ ପରିବାର ରେଶମ ଉତ୍ପାଦନକୁ ମୁଖ୍ୟ ବୃତ୍ତି ଭାବେ ବାଛି ପରିବାର ପ୍ରତିପୋଷଣ ଓ ଜୀବିକା ନିର୍ବାହ କରିବା ପାଇଁ ପ୍ରଶିକ୍ଷଣ ନେଉଥିଲେ। ଏପରିକି ଉକ୍ତ କେନ୍ଦ୍ରକୁ ଶ୍ରୀରାମଚନ୍ଦ୍ର ବିଶ୍ୱ ବିଦ୍ୟାଳୟ, ଫକୀରମୋହନ ବିଶ୍ୱବିଦ୍ୟାଳୟ ତଥା ରାଞ୍ଚିସ୍ଥିତ କେନ୍ଦ୍ରୀୟ ଟସର ଗବେଷଣା କେନ୍ଦ୍ରରୁ ବହୁ ଛାତ୍ରୀଛାତ୍ର ଓ ଗବେଷକମାନେ ଆସିଥାନ୍ତି। ଏବେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓ ଶ୍ରମିକ ସମସ୍ୟା ପାଇଁ ଟସର ଚାଷୀ ଚାଷ କାର୍ଯ୍ୟ କରିବାକୁ ଭୟ କରୁଛନ୍ତି। ୩୦ହଜାର ଚାଷୀଙ୍କ ମଧ୍ୟରୁ ବର୍ତ୍ତମାନ ୭ହଜାର ଚାଷୀ ପୂର୍ଣ୍ଣମାତ୍ରାରେ କାର୍ଯ୍ୟ କରୁଛନ୍ତି। ଟସର ଚାଷ ଏକ ଲାଭପ୍ରଦ ଚାଷ ହୋଇଥିଲେ ମଧ ଦିନକୁ ଦିନ ଉତ୍ପାଦନ ହ୍ରାସ ଘଟିବା ଯୋଗୁ ଏହା ଅସ୍ତିତ୍ୱ ହରାଇବାର ଆଶଙ୍କା ଦେଖାଦେଲାଣି। ରେଶମ ଚାଷର ବିକାଶ ଓ ଟସର ଚାଷୀଙ୍କ ସ୍ଥିତି ସୁଦୃଢ଼ କରିବାକୁ ଉତ୍ପାଦନଠାରୁ ଆରମ୍ଭ କରି ମାର୍କେଟିଂ ପର୍ଯ୍ୟନ୍ତ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବା ପାଇଁ ଜାମୁକୁଣ୍ଡାର ମହେନ୍ଦ୍ର ସିଂ, କଳାପାଣିର ପାନିକା ସିଂ, ସାମାୟ ସିଂ ଏବଂ ଆମ୍ବଡ଼ିହାର ରମେଶ ହାଁସଦା ପ୍ରମୁଖ ଅଗ୍ରଣୀ ଚାଷୀ ଦାବି କରିଛନ୍ତି।

## ଷ୍ଟମ୍ପରେ ପିଟି ଖେଳାଳିଙ୍କୁ ହତ୍ୟା

ରାୟଗଡ଼ା ଅଫିସ,୨୧।୬

କ୍ରିକେଟ ଖେଳବେଳେ ଦୁଇ ଦଳ ମଧ୍ୟରେ ଗଣ୍ଡଗୋଳରୁ ଜଣେ ଖେଳଳିଙ୍କ ଜୀବନ ଯାଇଛି। ରାୟଗଡ଼ା ଜିଲା କାଶୀପୁର ବ୍ଲକ୍ ମନୁଶୁ ପଞ୍ଚାୟତର ଗୁଞ୍ଜିଗଡ଼ା ଗ୍ରାମରେ ରବିବାର ରାତିରେ ଏଭଳି ଘଟଣା ଘଟିଛି। ମୃତ ଖେଳାଳି ହେଲେ କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଅଞ୍ଚଳର ଦେବବ୍ୟାସ ନାୟକ(୧୭)।

ଗୁଞ୍ଜିଗଡ଼ା ଗ୍ରାମରେ ଏକ କ୍ରିକେଟ୍ ଟୁର୍ନାମେଣ୍ଟ ଚାଲିଥିଲା। ଭୁଲ ବୁଝାମଣାରୁ ବେନ୍ଦଲାପାସ ଏବଂ ରାମପୁରର ଡୁମେରପଦର ଦଳ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ବେନ୍ଦଲାପାସ ଦଳର ଖେଳାଳି ଉତ୍ତ୍ୟକ୍ତ ହୋଇ ପ୍ରତିପକ୍ଷ ଦଳର ଦେବବ୍ୟାସଙ୍କୁ ଷ୍ଟମ୍ପରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବାରୁ ସେ ଚେତାଶୂନ୍ୟ ହୋଇପଡ଼ିଥିଲେ। ସାଥୀ ଖେଳାଳୀ ତାଙ୍କୁ କାଶୀପୁର ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଉଥିଲାବେଳେ ରାମନାଗୁଡ଼ା ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଦେବବ୍ୟାସଙ୍କ ବଡ଼ବାପା କାଶୀପୁର ଥାନାରେ ଏତଲ ଦେଇଛନ୍ତି।

## ୧୧ ଟଙ୍କାରେ ଆମ୍ବୁଲାନ୍ସ ସେବା


ଆମ୍ବୁଲାନ୍ସ ଉଦ୍‌ଘାଟନ କରାଯାଉଛି।

ସମ୍ବଲପୁର,୨୧।୬(ବ୍ୟୁରୋ)

କରୋନା ମହାମାରୀ ସମୟରେ ବିଭିନ୍ନ ଅନୁଷ୍ଠାନ, ସମାଜିକ କର୍ମୀଙ୍କ ପକ୍ଷରୁ ଲୋକଙ୍କୁ ସହାୟତା କରାଯାଉଛି। ଏହି ଧାରାରେ ସାମିଲ ହୋଇଛି ସମ୍ବଲପୁରର 'ସାଥୀ' ଚାରିଟେବୁଲ ଟ୍ରଷ୍ଟ। ଟ୍ରଷ୍ଟ ପକ୍ଷରୁ ମାତ୍ର ୧୧ ଟଙ୍କାରେ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଟ୍ରଷ୍ଟକୁ ଆମ୍ବୁଲାନ୍ସ ଦାନ କରିଥିବା ଶତ୍ରୁଘନ ସାହା ଉଦ୍‌ଘାଟନ କରିବା ପରେ ମ୍ୟୁନିସିପାଲିଟି ଛକରେ ଏହା ଗଡିଥିଲା। ପୂର୍ବତନ ଉପନଗରପାଳ ସିଦ୍ଧାର୍ଥ ସାହା ଏହାର ପରିଚାଳନା କରିବେ। ଏହି ଅବସରରେ ସାହା କହିଛନ୍ତି, ମହାମାରୀ ସମୟରେ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିଯାଇଛି। ଏପରି ସମୟରେ ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ଖର୍ଚ୍ଚ ତୁଲାଇବା ସେମାନଙ୍କ ପାଇଁ କଷ୍ଟକର ହେବ। ସେମାନଙ୍କୁ ସହଯୋଗ ଲକ୍ଷ୍ୟରେ ଆମ୍ବୁଲାନ୍ସ ସେବା ଆରମ୍ଭ ହୋଇଛି। ଧନୀ ଗରିବ ସମସ୍ତ ଶ୍ରେଣୀର ରୋଗୀ ଏହାର ସୁବିଧା ନେଇପାରିବେ। ସମ୍ବଲପୁର ସହର ସହିତ ବୁର୍ଲା ହୀରାକୁଦ ଅଞ୍ଚଳରେ ପ୍ରଥମେ ସେବା ଯୋଗାଇବା ଲକ୍ଷ୍ୟ ରହିଛି। ରୋଗୀ ପରିବାରଙ୍କ ଇଚ୍ଛାରେ ସରକାରୀ କିମ୍ବା ଘରୋଇ ମେଡିକାଲକୁ ନିଆଯିବ। ପ୍ରତିଦିନ ଯେଭଳି ଅଧିକ ରୋଗୀ ସେବା ପାଇବେ ସେ ନେଇ ଚେଷ୍ଟା କରାଯିବ। ୨ ଜଣ ଡ୍ରାଇଭରଙ୍କୁ ନିଯୁକ୍ତି କରାଯାଇ ୨୪ ଘଣ୍ଟା ସେବାରେ ଆମ୍ବୁଲାନ୍ସ ରହିବ। କୋଭିଡ୍ ଓ ଅଣକୋଭିଡ୍ ରୋଗୀଙ୍କୁ ଏହି ସେବା ଦିଆଯିବ। ଏଥିରେ ଅକ୍ସିଜେନ୍, ଷ୍ଟ୍ରେଚର, ଫାଷ୍ଟଏଡ୍ ବକ୍ସ ଭଳି ସୁବିଧା ରହିଛି।

## ଭିଜିଲାନ୍ସ ତଦନ୍ତ ଅବଧି ୨ମାସ ବଢ଼ିଲା

**ବିଛାଖଣ୍ଡି ପାହାଡ଼କୁ ନେଇ ଲୋକାୟୁକ୍ତଙ୍କ ଶୁଣାଣି**

ଧର୍ମଶାଳା,୨୧।୬(ଡି.ଏନ.ଏ.)

ଧର୍ମଶାଳା ତହସିଲ ଅଧୀନ ବିଛାଖଣ୍ଡି ପାହାଡ଼ର ସୁରକ୍ଷା ନେଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଲୋକାୟୁକ୍ତ ଏପ୍ରିଲ ୧୨ରେ ଭିଜିଲାନ୍ସକୁ ୨ମାସ ମଧ୍ୟରେ ତଦନ୍ତ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ସୋମବାର ଶେଷ ଦିନ ଥିବାରୁ ଲୋକାୟୁକ୍ତଙ୍କ ଶୁଣାଣି ରହିଥିଲା। ଏହି ଶୁଣାଣିରେ ଭିଜିଲାନ୍ସ ବିଭାଗ ଅଧିକାରୀ ହାଜର ହୋଇ କୋଭିଡ୍ ପାଇଁ ୨ମାସ ମଧ୍ୟରେ ତଦନ୍ତ କରାଯାଇ ପାରି ନ ଥିବା ସଫେଇ ଦେଇଥିଲେ। ଏଥିପାଇଁ ଆଉ ୩ ମାସ ସମୟ ଦିଆଯାଉ ବୋଲି ଅନୁରୋଧ କରିଥିଲେ। ଲୋକାୟୁକ୍ତଙ୍କ ପକ୍ଷରୁ ଭିଜିଲାନ୍ସକୁ ଆଉ ୨ମାସ ସମୟ ଦିଆଯାଇଛି।

ଧର୍ମଶାଳା ତହସିଲ ପକ୍ଷରୁ ୨୭ ସଇରାତ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ କ୍ରମେ ହାଇକୋର୍ଟଙ୍କ ପକ୍ଷରୁ ୯ ସଇରାତ ଉପରେ ରହିତାଦେଶ ଜାରି କରଯାଇଥିଲା। ତେବେ ଦୀର୍ଘଦିନ ହେବ ବିଛାଖଣ୍ଡି ମୌଜାରେ ଥିବା ୮୯୦.୨୭ଏକର ବଳରାମପୁର ସଂରକ୍ଷିତ ଜଙ୍ଗଲ ଭାବେ ରେକର୍ଡ ରହିଛି। ଏହି ସଂରକ୍ଷିତ ଜଙ୍ଗଲ ଲିଜ୍ ଦିଆଯିବା ପୂର୍ବରୁ ବନ ବିଭାଗ ଅନୁମତିର ଆବଶ୍ୟକତା ରହିଛି। ହେଲେ ଅନୁମତି ନ ନିଆଯାଇ ଏହି ଅଞ୍ଚଳକୁ ଲିଜ୍ ଦିଆଯାଇଥିବା ଅଭିଯୋଗ ହେଉଛି। ମାଫିଆ ବିଛାଖଣ୍ଡିରେ ଥିବା ସଂରକ୍ଷିତ ଜଙ୍ଗଲରେ ଆଧିପତ୍ୟ ବିସ୍ତାର କରି ଲୁଟପାଟ ଜାରି ରଖିଥିଲେ। ପ୍ରତିବାଦରେ ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ଜିଲାପାଳ, ତହସିଲଦାର, ବନ ବିଭାଗ, ଖଣି ବିଭାଗ ନିକଟରେ ଅଭିଯୋଗ କରିଥିଲେ। ପରେ ସେ ଲୋକାୟୁକ୍ତଙ୍କ ଦ୍ୱାରସ୍ଥ ହୋଇଥିଲେ। ଲୋକାୟୁକ୍ତ ବିଚାର କରି ଭିଜିଲାନ୍ସ ବିଭାଗକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ଖେଳ ଖବର

# କଲମ୍ବିଆକୁ ହରାଇଲା ପେରୁ

ସାଓ ପାଉଲୋ, ୨୧।୬

କୋପା ଆମେରିକା ଫୁଟବଲ ଟୁର୍ନାମେଣ୍ଟରେ ପେରୁ ଏକ ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଛି। ସୋମବାର ଗ୍ରୁପ୍ ବି'ରେ ଖେଳାଯାଇଥିବା ମୁକାବିଲାରେ ପେରୁ ୨-୧ ଗୋଲରେ କଲମ୍ବିଆକୁ ପରାସ୍ତ କରିଛି। ଏଥିସହି ପେରୁ ତା'ର ନକ୍‌ଆଉଟ ଆଶାକୁ ଉଜ୍ଜୀବିତ ରଖିଛି।

**କୋପା ଆମେରିକା ଫୁଟ୍‌ବଲ**


କଲମ୍ବିଆର ୟୋରୀ ମିନା ଆତ୍ମଘାତୀ ଗୋଲ କରିବା ପରେ ପେରୁ ଖେଳାଳି ଖୁସି ମନାଉଛନ୍ତି।

ବ୍ରାଜିଲର ଗୋଇଆନିଆସ୍ଥିତ ଇଷ୍ଟାଡିଓ ଅଲିମ୍ପିକୋରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ୧୭ତମ ମିନିଟ୍‌ରେ ସର୍ଗିଓ ପେନା ପ୍ରଥମ ଗୋଲ ସ୍କୋର କରି ପେରୁକୁ ଅଗ୍ରଣୀ କରାଇଥିଲେ ଓ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ପେରୁ ଅଗ୍ରଣୀ ବଜାୟ ରଖିଥିଲା। ଦ୍ୱିତୀୟାର୍ଦ୍ଧରେ କଲମ୍ବିଆ ତରଫରୁ ମିଗୁଏଲ ବୋର୍ଜା ପେନାଲ୍ଟି ଜରିଆରେ ୫୩ତମ ମିନିଟ୍‌ରେ ଗୋଲ ଦେଇ ମ୍ୟାଚ୍‌କୁ ସମାନସ୍ଥିତିକୁ ଆଣିଥିଲେ। ତେବେ ଏକ ଆତ୍ମଘାତୀ ଗୋଲ କଲମ୍ବିଆ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା। ୬୪ତମ ମିନିଟ୍‌ରେ କଲମ୍ବିଆ ଡିଫେଣ୍ଡର ୟେରୀ ମିନାଙ୍କ ଦ୍ୱାରା ହୋଇଥିବା ଏହି ଆତ୍ମଘାତୀ ଗୋଲ ପେରୁକୁ ବିଜୟୀ କରାଇଥିଲା। ସାରା ମ୍ୟାଚ୍‌ରେ କିନ୍ତୁ କଲମ୍ବିଆ ଅପେକ୍ଷକୃତ ଭଲ ପ୍ରଦର୍ଶନ କରିଥିଲା। ବଲ ପଜେଶନ, ପାସ୍ ଓ ପାସ୍ ଆକ୍ୟୁରେସିରେ କଲମ୍ବିଆ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ ମଧ ବିଜୟୀ ହୋଇପାରି ନ ଥିଲା।

୨ଟି ମ୍ୟାଚ୍ ଖେଳି ପେରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୩ ପଏଣ୍ଟ ପାଇ ଗ୍ରୁପ୍ ବି'ର ତୃତୀୟ ସ୍ଥାନରେ ରହିଛି। ପରାଜୟ ସତ୍ତ୍ୱେ କଲମ୍ବିଆ ୩ ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ବିଜୟ, ପରାଜୟ ଓ ଡ୍ର ସହ ୪ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଆୟୋଜକ ବ୍ରାଜିଲ ୨ଟି ମ୍ୟାଚ୍ ଖେଳି ୨ ବିଜୟ ସହ ୬ ପଏଣ୍ଟ ହାସଲ କରି ତାଲିକାର ପ୍ରଥମ ସ୍ଥାନରେ ରହିଛି। ସେହିପରି ଭେନିଜୁଏଲା ଓ ଇକ୍ୱେଡର ୨ ଓ ୧ ପଏଣ୍ଟ ହାସଲ କରି ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛି। ଦୁଇଟି ଗ୍ରୁପ୍‌ର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ପୂର୍ବରୁ ପ୍ରଥମ ମ୍ୟାଚ୍‌ରେ ପେରୁ ୦-୪ ଗୋଲ ବ୍ରାଜିଲଠାରୁ ପରାସ୍ତ ହୋଇ ଅଭିଯାନ ଆରମ୍ଭ କରିଥିଲା। ୨୦୧୯ କୋପା ଆମେରିକାରେ ପେରୁ ଫାଇନାଲରେ ପ୍ରବେଶ କରିଥିଲା। ପେରୁ ଏବେ ଦକ୍ଷିଣ ଆମେରିକା ବିଶ୍ୱକପ୍ କ୍ୱାଲିଫାୟର୍ସରେ ସଂଘର୍ଷ କରୁଛି। ଗୋଟିଏ ସପ୍ତାହ ତଳେ ଦଳ ଲିମାରେ କଲମ୍ବିଆଠାରୁ ୦-୩ ଗୋଲରେ ପରାସ୍ତ ହୋଇଥିଲା। ବୁଧବାର କଲମ୍ବିଆ ଓ ବ୍ରାଜିଲକୁ ମୁହାଁମୁହିଁ ହେବେ। ପେରୁ ପ୍ରଥମ ମ୍ୟାଚ୍‌ରେ ଭେନିଜୁଏଲା ବିପକ୍ଷରେ ମ୍ୟାଚ୍ ୦-୦ରେ ଡ୍ର ରଖିଥିଲା। ସେହିପରି ପେରୁ ବୁଧବାର ଇକ୍ୱେଡରକୁ ଭେଟିବ।

## ଭେନିଜୁଏଲା-ଇକ୍ୱେଡର ମ୍ୟାଚ୍ ଡ୍ର

ରିଓ ଡି ଜେନିରୋ,୨୧।୬


ଭେନିଜୁଏଲା ଓ ଇକ୍ୱେଡର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

କୋପା ଆମେରିକାରେ ସୋମବାର ଗ୍ରୁପ୍ ବି'ରେ ଖେଳାଯାଇଥିବା ଅନ୍ୟଏକ ମ୍ୟାଚରେ ଭେନିଜୁଏଲା ଓ ଇକ୍ୱେଡର ପରସ୍ପରକୁ ଭେଟିଥିଲେ। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଥିଲା। ଇକ୍ୱେଡର ତରଫରୁ ଅର୍ଟନ ପ୍ରେସିଆଡୋ ୩୯ତମ ମିନିଟ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଇକ୍ୱେଡର ଅଗ୍ରଣୀ ବଜାୟ ରଖିଥିଲା। ୫୧ତମ ମିନିଟ୍‌ରେ ଏଡସନ କାଷ୍ଟିଲୋ ଭେନିଜୁଏଲା ତରଫରୁ ଗୋଲ ଦେଇ ମ୍ୟାଚ୍‌କୁ ସମାନସ୍ତରକୁ ଆଣିଥିଲେ। ଏହାପରେ ଇକ୍ୱେଡର ପକ୍ଷରୁ ଗୋଞ୍ଜାଲୋ ପ୍ଲାଟା ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ଶେଷ ମୁହୂର୍ତ୍ତରେ ଇଞ୍ଜୁରି ଟାଇମର ଦ୍ୱିତୀୟ ମିନିଟ୍‌ରେ ତାରକା ଷ୍ଟ୍ରାଇକର ରୋନାଲ୍ଡ ହେର୍ନାଣ୍ଡିଜ୍ ଗୋଲ ଦେଇ ମ୍ୟାଚ୍‌କୁ ଅମୀମାଂସିତ କରାଇଥିଲେ। ଏଥିସହି ଭେନିଜୁଏଲା ୩ଟି ମ୍ୟାଚ୍ ଖେଳି ଦୁଇଟି ଡ୍ର ଓ ଗୋଟିଏ ପରାଜୟ ସହ ୨ ପଏଣ୍ଟ ହାସଲ କରି ଗ୍ରୁପ୍ ବି ପଏଣ୍ଟ ତାଲିକାର ଚତୁର୍ଥ ସ୍ଥାନରେ ରହିଛି। ଅନ୍ୟପଟେ ଇକ୍ୱେଡର ୨ଟି ମ୍ୟାଚ୍ ଖେଳି ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୧ ପଏଣ୍ଟ ପାଇ ତାଲିକାର ପଞ୍ଚମ ତଥା ଅନ୍ତିମ ସ୍ଥାନରେ ରହିଛି।

## ବେଙ୍ଗାଲୁରୁ ଏଫ୍‌ସି ପାଇଁ ଆଉ ୨ ବର୍ଷ ଖେଳିବେ ଛେତ୍ରୀ

ବେଙ୍ଗାଲୁରୁ, ୨୧।୬ (ପି.ଟି.)


ସୁନୀଲ ଛେତ୍ରୀ

ଭାରତୀୟ ଫୁଟ୍‌ବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀ ବେଙ୍ଗାଲୁରୁ ଏଫ୍‌ସି ସହିତ ତାଙ୍କ ଚୁକ୍ତି ମିଆଦକୁ ଆହୁରି ୨ ବର୍ଷ ବୃଦ୍ଧି କରିଛନ୍ତି। ଫଳରେ ସେ ଏହି ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଦଳ ସହ ୨୦୨୩ ପର୍ଯ୍ୟନ୍ତ ରହିବେ। ୩୬ ବର୍ଷୀୟ ଛେତ୍ରୀ ୨୦୧୩ରେ ବେଙ୍ଗାଲୁରୁ ଏଫ୍‌ସିରେ ଯୋଗ ଦେଇଥିଲେ। କ୍ଲବ ତରଫରୁ ୮ ସିଜନରେ ସେ ୨୦୩ ମ୍ୟାଚ ଖେଳି ୧୦୧ ଗୋଲ ସ୍କୋର କରିଛନ୍ତି। ଏହି ସମୟ ମଧ୍ୟରେ ସେ ଗୋଲ ସ୍କୋରିଂ ତାଲିକାରେ ଶୀର୍ଷ ସ୍ଥାନରେ ରହି ଆସିଛନ୍ତି। ୬ଥର ଏଆଇଏଫ୍‌ଏଫ୍ ପ୍ଲେୟର ଅଫ୍ ଦି ଇୟର ବିବେଚିତ ଛେତ୍ରୀ ତାଙ୍କ କ୍ଲବ ସହ ୨୦୧୩ରେ ଆଇ-ଲିଗ୍ ଟାଇଟଲ ଜିତିଥିଲେ। ପୁନଶ୍ଚ ସେ ଫେଡେରେଶନ କପ୍ (୨୦୧୫, ୨୦୧୭), ଇଣ୍ଡିଆନ ସୁପର ଲିଗ୍ (୨୦୧୮-୧୯) ଏବଂ ସୁପର କପ୍ (୨୦୧୮) ସମେତ ୫ ଅଧିକ ଟ୍ରଫି ହାସଲ କରିଛନ୍ତି।

## ଡବ୍ଲ୍ୟୁଟିସି ଫାଇନାଲ: ରିଜର୍ଭ ଡେ ଟିକେଟ ମୂଲ୍ୟ ହ୍ରାସ

**ସାଉଥାମ୍ପଟନ, ୨୧।୬ (ପି.ଟି.):** ବର୍ଷାଯୋଗୁ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ବିଶେଷ ପ୍ରଭାବିତ ହୋଇଛି। ରିଜର୍ଭ ରଖାଯାଇଥିବା ୬ଷ୍ଠ ଦିବସ ଖେଳର ଟିକେଟ ମୂଲ୍ୟ ହ୍ରାସ କରାଯାଇଛି। ଡବ୍ଲ୍ୟୁଟିସି ଫାଇନାଲ ପାଇଁ ୩ଟି ମୂଲ୍ୟର ଟିକେଟ ରହିଛି। ୧୫୦ ବ୍ରିଟିଶ ପାଉଣ୍ଡ (ଭାରତୀୟ ମୁଦ୍ରାରେ ୧୫,୪୪୪ ଟଙ୍କା), ୧୦୦ ପାଉଣ୍ଡ (୧୦,୨୯୬ ଟଙ୍କା) ଏବଂ ୭୫ ପାଉଣ୍ଡ (୭୭୨୨ ଟଙ୍କା)। ଟିକେଟର ମୂଲ୍ୟ ହ୍ରାସ କରାଯାଇ ବର୍ତ୍ତମାନ ୧୦୦ ପାଉଣ୍ଡ, ୭୫ ବାଉଣ୍ଡ ଓ ୫୦ ପାଉଣ୍ଡ ରଖାଯାଇଛି। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ୬ଷ୍ଠ ଦିବସକୁ ରିଜର୍ଭ ଡେ' ରଖିଛି। ବର୍ଷା ଯୋଗୁ ସେଦିନର ଖେଳ ମଧ ପ୍ରଭାବିତ ହେବା ଆଶଙ୍କା ରହିଛି।

## ଦ୍ୱିତୀୟ ଟେଷ୍ଟ: ୱେଷ୍ଟଇଣ୍ଡିଜର ଟାର୍ଗେଟ ୩୨୪

ଗ୍ରସ ଆଇଲେଟ (ସେଣ୍ଟ ଲୁସିଆ) ୨୧।୬


ସାଇ ହୋପ୍‌ଙ୍କୁ ଆଉଟ କରିବା ଅବସରରେ ଦକ୍ଷିଣ ଆଫ୍ରିକା ବୋଲର କାଗିସୋ ରାବାଡ଼ା।

ସ୍ଥାନୀୟ ଡାରେନ ସାମି ନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୨୪ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ୱେଷ୍ଟଇଣ୍ଡିଜ ସୋମବାର ଚତୁର୍ଥ ଦିବସରେ ଖେଳ ଆରମ୍ଭ କରି ଲଞ୍ଚ ସୁଦ୍ଧା ୩୮ ଓଭରରେ ୬ ଉଇକେଟ ହରାଇ ୧୦୯ ରନ୍ କରି ବିପଦରେ ପଡ଼ିଛି।

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୨୯୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ ଆରମ୍ଭ କରି ୫୪ ଓଭରରେ ୧୪୯ ରନକରି ଅଲଆଉଟ ହୋଇଥିଲା ଓ ଦକ୍ଷିଣ ଆଫ୍ରିକା ୧୪୯ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୩ ଓଭରରେ ୧୭୪ ରନରେ ତୃତୀୟ ଦିବସରେ ଅଲଆଉଟ ହୋଇଥିଲା। ଫଳରେ ୱେଷ୍ଟଇଣ୍ଡିଜ ସମ୍ମୁଖରେ ୩୨୪ ରନର ଟାର୍ଗେଟ ଧାର୍ଯ୍ୟ ହୋଇଥିଲା।

ଦ୍ୱିତୀୟ ଇନିଂସରେ ଦକ୍ଷିଣ ଆଫ୍ରିକା ତରଫରୁ ରାସି ଭାନ ଡେର ଡୁସେନ ସର୍ବାଧିକ ଅପରାଜିତ ୭୫ ରନ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଗିସୋ ରାବାଡା ୪୦, ଅଧିନାୟକ ଡିନ୍ ଏଲଗାର ୧୦, କିଗାନ ପିଟରସନ ୧୮ ରନ ସଂଗ୍ରହ କରିଥିଲେ ଓ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ବୋଲିଂରେ ୱେଷ୍ଟଇଣ୍ଡିଜ ତରଫରୁ କେମର ରୋଚ ସର୍ବାଧିକ ୪, କାଏଲ ମେୟର୍ସ ୩, ଜେଡେନ ସିଲ୍ସ, ଜାସନ ହୋଲ୍ଡର ଓ କ୍ରେଗ୍ ବ୍ରାଥୱେଟ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ତୃତୀୟ ଦିବସର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୫/୦ରୁ ୱେଷ୍ଟଇଣ୍ଡିଜ ଖେଳ ଆରମ୍ଭ କରିଥିଲା। ପୂର୍ବରୁ ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଏକ ଇନିଂସ ଓ ୬୩ ରନରେ ବିଜୟ ହାସଲ କରି ସିରିଜରେ ୧-୦ରେ ଅଗ୍ରଣୀ ହାସଲ କରିଛି।

ଧରିତ୍ରୀ
DHARITRI
Tuesday, 22 June, 2021

**ବିଟ୍ କଏନ ମୂଲ୍ୟ ୧୦% ଖସିଲା**

ସୋମବାର ବିଟ୍‌କଏନ ମୂଲ୍ୟରେ ୧୦% ହ୍ରାସ ହୋଇଛି। ଫଳରେ ଏହାର ମୂଲ୍ୟ ୩୨,୦୯୪ ଡଲାରକୁ ଖସି ଆସିଛି। ଗତ ୧୨ ଦିନରେ ଏହା ସବୁଠାରୁ ବଡ ଧରଣର ହ୍ରାସ। ସେହିଭଳି ଅନ୍ୟ କ୍ରିପ୍ଟୋକରେନ୍ସି ମୂଲ୍ୟ ପ୍ରାୟ ୭% ଖସିଛି। ଆମେରିକା ଏବଂ ବ୍ରିଟେନପରେ ବର୍ତ୍ତମାନ ଚାଇନା ସରକାର କ୍ରିପ୍ଟୋକରେନ୍ସି ଉପରେ କଟକଣା କଡ଼ାକଡ଼ି କରୁଥିବା କୁହାଯାଉଛି। ଅପରପକ୍ଷରେ ସେଠାକାର ସବୁଠୁ ବଡ କ୍ରିପ୍ଟୋ ମାଇନିଂ ସେଣ୍ଟର ବନ୍ଦ ହେବାରୁ ଏହାର ପ୍ରଭାବ ନିବେଶକଙ୍କ ଉପରେ ପଡିଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି।



## ସଂକ୍ଷେପରେ

### ଆଇଟି ପୋର୍ଟାଲ ସମସ୍ୟା ନେଇ ଆଲୋଚନା ଆଜି

**ନୂଆଦିଲ୍ଲୀ,୨୧।୬:** ନୂଆକରି ଆରମ୍ଭ ହୋଇଥିବା ଆୟକର ବିଭାଗର ପୋର୍ଟାଲରେ ଲୋକମାନେ ଆଇଟି ଫାଇଲିଂ ବେଳେ ବିଭିନ୍ନ ସମସ୍ୟା ସାମ୍ନା କରୁଛନ୍ତି। ଏହି ପୋର୍ଟାଲକୁ ଇନ୍‌ଫୋସିସ୍ ପ୍ରସ୍ତୁତ କରିଛି। ପୋର୍ଟାଲରେ କ'ଣ ସବୁ ସମସ୍ୟା ରହିଛି ସେ ସମ୍ପର୍କରେ ଜଣାଇବା ଲାଗି ସରକାର ଅଂଶୀଦାର ଏବଂ ବ୍ୟକ୍ତି ବିଶେଷଙ୍କଠାରୁ ମତାମତ ଲୋଡ଼ିଥିଲା। ଏହା ସରକାରଙ୍କ ହସ୍ତଗତ ହୋଇଛି। ଏହାକୁ ନେଇ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀ ଏବଂ ଇନ୍‌ଫୋସିସ୍ ଅଧିକାରୀଙ୍କ ମଧ୍ୟରେ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା ହେବ। ପୋର୍ଟାଲରେ ରହିଥିବା ବିଭିନ୍ନ ସମସ୍ୟା ସମାଧାନ ଲାଗି କାର୍ଯ୍ୟକ୍ରମ ଜାରି ରହିଛି। ଏହା ମଧ୍ୟରୁ କିଛି ସମସ୍ୟାର ସମାଧାନ ଅଦ୍ୟାବଧି ହୋଇସାରିଛି ବୋଲି ଇନ୍‌ଫୋସିସ୍ ପକ୍ଷରୁ ସୂଚନା ରହିଛି।

### ଜିନ୍ଦଲ ଷ୍ଟେନଲେସ୍ ପକ୍ଷରୁ ଭେଣ୍ଟିଲେଟର ଯୋଗାଣ

**ନୂଆଦିଲ୍ଲୀ,୨୧।୬:** ଜିନ୍ଦଲ ଷ୍ଟେନ୍‌ଲେସ୍ ପକ୍ଷରୁ ଓଡ଼ିଶା ସରକାରଙ୍କୁ ୭୫ଟି ଭେଣ୍ଟିଲେଟର ଯୋଗାଇ ଦିଆଯାଇଛି। କୋଭିଡ୍-୧୯ର ମୁକାବିଲା ଓ ପ୍ରଭାବକୁ ହ୍ରାସ କରିବା ଲାଗି କମ୍ପାନୀ ଗ୍ରହଣ କରିଥିବା ବହୁ ପ୍ରକାର ପଦକ୍ଷେପକୁ ଏହା ଜରିଆରେ ଜାରି ରଖାଯାଇଛି। ଏକ ସମ୍ଭାବ୍ୟ ତୃତୀୟ ଲହରର ମୁକାବିଲା ଲାଗି ରାଜ୍ୟ ପ୍ରସ୍ତୁତ ହେଉଥିବା ବେଳେ କମ୍ପାନୀର ଅଧିକାରୀମାନେ ଅନ୍ୟାନ୍ୟ ଆସେସୋରିଜ୍ ସହିତ ୭୫ଟି ଭେଣ୍ଟିଲେଟରକୁ ମେଡିକାଲ ବ୍ୟବହାର ପାଇଁ ରାଜ୍ୟ ମାଲିକାନାରେ ଥିବା ଗୋଦାମକୁ ପଠାଇଛନ୍ତି। ଏ ସମ୍ପର୍କରେ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ପରିଚାଳନା ନିର୍ଦ୍ଦେଶକ ଅଭ୍ୟୁଦୟ ଜିନ୍ଦଲ କହିଛନ୍ତି, ଭାରତର ସରକାରଙ୍କ ସମ୍ପ୍ରସାରିତ ହାତ ଭାବେ ଆମେ ପ୍ରଥମ ଦିନରୁ କରୋନା ମୁକାବିଲା କରୁଛୁ। ଆମେ ଗ୍ରହଣ କରୁଥିବା ପ୍ରତିଟି ପଦକ୍ଷେପରେ ଆମେ ସବୁ ସମ୍ଭବ ଉପାୟରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପ୍ରୟାସ କରୁଛୁ।

# ଘରୋଇକରଣ ହେବ ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

## ସେଣ୍ଟ୍ରାଲ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ନାମ ଚୂଡ଼ାନ୍ତ

ନୂଆଦିଲ୍ଲୀ,୨୧।୬




ସେଣ୍ଟ୍ରାଲ ବ୍ୟାଙ୍କ ଏବଂ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କର ଘରୋଇକରଣ ଲାଗି ସରକାର ଚୂଡ଼ାନ୍ତ କରିଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଏହି ବ୍ୟାଙ୍କରେ ରହିଥିବା ମୋଟ ଅଂଶଧନ ମଧ୍ୟରୁ ସରକାର ତାଙ୍କର ପ୍ରାୟ ୫୧% ଅଂଶଧନ ବିକ୍ରି କରିବେ। ଘରୋଇକରଣ ନେଇ ଖବର ଆସିବା ପରେ ୨ ବ୍ୟାଙ୍କର ଶେୟାରରେ ୨୦% ବୃଦ୍ଧି ପରିଲକ୍ଷିତ ହୋଇଛି। ସେଣ୍ଟ୍ରାଲ ବ୍ୟାଙ୍କର ଶେୟାର ୨୦% ବୃଦ୍ଧି ଘଟି ୨୪.୩୦ ଟଙ୍କାରେ ପହଞ୍ଚିଛି। ସେହିଭଳି ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ ଶେୟାର ୧୯.୮୦% ବଢ଼ି ୨୩.୬୦ ଟଙ୍କା ରହିଛି। ଏହାବାଦ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଶେୟାର ୮% ବୃଦ୍ଧି ପାଇ ୨୭ ଟଙ୍କା ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶେୟାର ୭% ବଢ଼ି ୮୦ ଟଙ୍କା ଛୁଇଁଛି।

୨ ବ୍ୟାଙ୍କରୁ ଅଂଶଧନ ଖସାଇବା ଲାଗି ସରକାର ବ୍ୟାଙ୍କିଙ୍ଗ୍ ରେଗୁଲେଶନ ଆଇନରେ ପରିବର୍ତ୍ତନ କରିବେ। ସେହିଭଳି ଅନ୍ୟ ବ୍ୟାଙ୍କିଙ୍ଗ୍ ନିୟମ କ୍ଷେତ୍ରରେ ସୁଧାର ଆଣିବା ଦିଗରେ ମଧ୍ୟ ପଦକ୍ଷେପ ଗ୍ରହଣ କରାଯିବ। ମୋଟ ୪ ରାଷ୍ଟ୍ରାୟତ୍ତ ବ୍ୟାଙ୍କରୁ ଅଂଶଧନ ଖସାଇବା ନେଇ ସରକାର ଯୋଜନା ରଖିଛନ୍ତି। ନାମ ଚୂଡ଼ାନ୍ତ ହୋଇଥିବା ୨ ବ୍ୟାଙ୍କ ବାଦ୍ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ନିଜର ଅଂଶଧନକୁ ମଧ୍ୟ ସରକାର କମାଇବେ। ପ୍ରାଥମିକ ପର୍ଯ୍ୟାୟରେ ୨ ବ୍ୟାଙ୍କର ନାମ ସ୍ପଷ୍ଟ ହୋଇଛି। ଏ ନେଇ ସରକାର ବଜେଟରେ ମଧ୍ୟ ଘୋଷଣା କରିଥିଲେ। ୧୫ ଦିନ ତଳେ ଏ ସଂକ୍ରାନ୍ତ ଖବର ଆସିବା ପରେ ବ୍ୟାଙ୍କଗୁଡ଼ିକର ଶେୟାର କାରବାରରେ ଉନ୍ନତି ଆସିଥିଲା। ଗତ ୨ରୁ ୩ ମାସରେ ଏହି ବ୍ୟାଙ୍କଗୁଡିକର ଶେୟାରରେ ୨ ଗୁଣରୁ ଅଧିକ ବୃଦ୍ଧି ପରିଲକ୍ଷିତ ହୋଇଛି।

ସୂଚନା ମୁତାବକ, ସରକାରଙ୍କ ଥିଙ୍କ୍ ଟ୍ୟାଙ୍କ ନୀତି ଆୟୋଗ ଘରୋଇକରଣ ହେବାକୁ ଥିବା ୨ ବ୍ୟାଙ୍କର ନାମ ପ୍ରସ୍ତାବ ଦେଇଥିଲା। ବ୍ୟାଙ୍କ ଅଫ୍ ଇଣ୍ଡିଆର ନାମ ମଧ୍ୟ ଘରୋଇକରଣ ହେବାକୁ ଥିବା ସମ୍ଭାବ୍ୟ ବ୍ୟାଙ୍କ ତାଲିକାରେ ରହିଛି। ନୀତି ଆୟୋଗ ୨ ବ୍ୟାଙ୍କ ସହ ଗୋଟିଏ ସାଧାରଣ ବୀମା କମ୍ପାନୀର ନାମ ବାଛିବା ସହ ଏହାକୁ ବିନିବେଶ କମିଟି ନିକଟକୁ ପଠାଇ ଦେଇଥିଲା।

### ଗ୍ରାହକଙ୍କ ଉପରେ କ'ଣ ପ୍ରଭାବ

ବ୍ୟାଙ୍କ ଘରୋଇକରଣ ଦ୍ୱାରା ଏହି ବ୍ୟାଙ୍କଗୁଡିକରେ ଥିବା ଜମାକାରୀଙ୍କ ଉପରେ କୌଣସି ଖରାପ ପ୍ରଭାବ ପଡ଼ିବ ନାହିଁ। ଘରୋଇକରଣ ପରେ ଜମା, ଋଣ ଭଳି ବ୍ୟାଙ୍କିଙ୍ଗ୍ ପ୍ରଡକ୍ଟ ଏବଂ ସେବା ପୂର୍ବ ତୁଳନାରେ ଉନ୍ନତ ଭାବେ ମିଳିପାରିବ। କେତେକ କ୍ଷେତ୍ରରେ ଗ୍ରାହକଙ୍କୁ ଅଧିକ ଚାର୍ଜ ଦେବାକୁ ପଡ଼ିପାରେ। ଉଦାହରଣ ସ୍ୱରୂପ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସଞ୍ଚୟ ଖାତାରେ ୧ ହଜାର ଟଙ୍କାର ସର୍ବନିମ୍ନ ବାଲାନ୍ସ ରଖିବା ଜରୁରୀ। କେତେକ ଘରୋଇ ବ୍ୟାଙ୍କରେ ଏହି ରାଶି ଅନ୍ତତଃ ପକ୍ଷେ ବୃଦ୍ଧି ପାଇ ୧୦ ହଜାର ଟଙ୍କା ରହିଛି। ବର୍ତ୍ତମାନ ୧୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରହିଛି। ଯଦି ୪ଟିର ଘରୋଇକରଣ ହୁଏ ତେବେ ଆଉ ୮ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ରହିବ।

### ରାଷ୍ଟ୍ରାୟତ୍ତ ବ୍ୟାଙ୍କ

ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର, କାନାରା ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଇଣ୍ଡିଆନ ବ୍ୟାଙ୍କ, ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ପଞ୍ଜାବ ଆଣ୍ଡ ସିନ୍ଧ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁକୋ ବ୍ୟାଙ୍କ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ।

### କେଉଁ ବ୍ୟାଙ୍କରେ ସରକାରଙ୍କ କେତେ ଅଂଶଧନ

ଘରୋଇକରଣ ହେବାକୁ ଥିବା ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ କେତେ ଅଂଶଧନ ବିକ୍ରି ହେବ ସେ ନେଇ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇନାହିଁ। କେୟାର ଆନାଲିସିସ୍ ମୁତାବକ, ସରକାର ଯଦି ୨ ବ୍ୟାଙ୍କରେ ରହିଥିବା ମୋଟ ଅଂଶଧନ ମଧ୍ୟରୁ ହ୍ରାସକରି ୫୧%କୁ ଆଣନ୍ତି ତେବେ ରାଜକୋଷକୁ ୧୨,୮୦୦ କୋଟି ଟଙ୍କା ଆସିବ। ସେହିଭଳି ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ସରକାରଙ୍କ ଅଂଶଧନ ୫୧%କୁ ଖସିଲେ ପ୍ରାୟ ୬୪୦୦ ଟଙ୍କା ମିଳିବ। ବର୍ତ୍ତମାନ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କରେ ସରକାରଙ୍କ ଅଂଶଧନ ୯୫.୮% ରହିଛି। ସେହିଭଳି ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରେ ୯୨.୫%, ସେଣ୍ଟ୍ରାଲ ବ୍ୟାଙ୍କରେ ୯୨.୪% ଏବଂ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ୮୯.୧% ଅଂଶଧନ ରହିଥିବା ଜଣାପଡ଼ିଛି।

# ହ୍ୟୁଣ୍ଡାଇ ଆଲ୍‌କଜାରର ବଜାର ପ୍ରବେଶ




ଭୁବନେଶ୍ୱର,୨୧।୬

ଦେଶର ଅଗ୍ରଣୀ ଚାରିଚକିଆ ଯାନ ନିର୍ମାତା ହ୍ୟୁଣ୍ଡାଇ ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ ତଥା ନୂତନ ଜ୍ଞାନକୌଶଳରେ ନିର୍ମିତ 'ଆଲ୍‌କଜାର'ର ବଜାର ପ୍ରବେଶ ହୋଇଛି। ରାଜ୍ୟର ଅଗ୍ରଣୀ ଡିଲର ଆଦିତ୍ୟ ହ୍ୟୁଣ୍ଡାଇର ଭୁବନେଶ୍ୱର ଶୋ'ରୁମ୍ ପରିସରରେ ସୋମବାର ଏହାର ଶୁଭାରମ୍ଭ ହୋଇଛି। ସଂସ୍ଥାର ୩ ପ୍ରମୁଖ ଶୋ'ରୁମ୍ ୟୁନିଟ୍-୪, ଲୁଇସ୍‌ରୋଡ୍ ଏବଂ ଉତ୍ତରାଠାରେ ଏହି ନୂତନ ମଡେଲର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆଦିତ୍ୟ ହ୍ୟୁଣ୍ଡାଇର ଜିଏମ୍ ଅଜିତ କୁମାର ଆଚାର୍ଯ୍ୟ ଯୋଗଦେଇଥିଲେ। ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ଉକ୍ତ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। କମ୍ପାନୀର ଏସ୍‌ୟୁଭି ବର୍ଗର ଉନ୍ମୋଚିତ ଏହି ଗାଡି ଉଭୟ ପେଟ୍ରୋଲ ଓ ଡିଜେଲ ଇଞ୍ଜିନରେ ଉପଲବ୍ଧ ରହିଛି। ଏହି ମଡେଲଟି ଦେଖିବାକୁ ଯେମିତି ହୋଇଛି ଡିଜାଇନ ମଧ୍ୟ ସେଭଳି କରାଯାଇଛି। ଏଥିରେ ଉଭୟ ୬ ଓ ୭ ସିଟ୍ ବିଶିଷ୍ଟ ଆରାମଦାୟକ ସୁବିଧା ଦିଆଯାଇଛି। ତା' ସହିତ ଏଥିରେ ତିନି ବର୍ଗରେ ଯଥା ସିଗ୍ନେଚର, ପ୍ଲାଟିନମ ଏବଂ ପ୍ରେଷ୍ଟିଜ୍ ଭାରିଏଣ୍ଟ ଉପଲବ୍ଧ ରହିଛି।

# ଏଫ୍‌ଡିଆଇ ଲାଭରେ ଭାରତ ୫ମ

ନୂଆଦିଲ୍ଲୀ,୨୧।୬




୨୦୨୦ରେ ଭାରତ ୬୪ ବିଲିୟନ ଡଲାରର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ହାସଲ କରିଛି। ଏଫ୍‌ଡିଆଇରେ ଭାରତର ସ୍ଥାନ ୫ମ ରହିଥିବା ଜାତିସଂଘ ରିପୋର୍ଟରେ ପ୍ରକାଶ ପାଇଛି। କୋଭିଡ୍ ଯୋଗୁ ଭାରତର ଆର୍ଥିକ କାର୍ଯ୍ୟକଳାପ ପ୍ରଭାବିତ ହୋଇଛି। ମାତ୍ର ଅର୍ଥ ବ୍ୟବସ୍ଥାର ମୌଳିକ ଢାଞ୍ଚା ଦୃଢ଼ ଥିବାରୁ ମଧ୍ୟମ ମିଆଦୀ ଭିତ୍ତିରେ ଏହା ନିବେଶକଙ୍କ ଲାଗି ନୂଆ ଆଶା ସୃଷ୍ଟି କରିଥିବା ରିପୋର୍ଟରେ କୁହାଯାଇଛି। ୟୁଏନ୍ କନ୍‌ଫରେନ୍ସ ଅନ୍ ଟ୍ରେଡ୍ ଆଣ୍ଡ ଡେଭଲପମେଣ୍ଟ ପକ୍ଷରୁ ଆସିଥିବା ୱାର୍ଲଡ ଇନ୍‌ଭେଷ୍ଟମେଣ୍ଟ ରିପୋର୍ଟ ୨୦୨୧ରେ କୁହାଯାଇଛି ଯେ, ବିଶ୍ୱସ୍ତରରେ ବିଦେଶୀ ପୁଞ୍ଜିନିବେଶ ୩୫% ନିମ୍ନରେ ରହି ୧ ଲକ୍ଷ କୋଟି ଡଲାର ରହିଛି, ଯାହା ଗୋଟିଏ ବର୍ଷ ତଳେ ୧.୫ ଲକ୍ଷ କୋଟି ଡଲାର ରହିଥିଲା। ଉଲ୍ଲେଖଯୋଗ୍ୟ, ଭାରତ ୨୦୧୯ରେ ୫୧ ବିଲିୟନ ଡଲାରର ଏଫ୍‌ଡିଆଇ ହାସଲ କରିଥିଲା। ୨୦୨୦ରେ ଏଥିରେ ୨୭% ବୃଦ୍ଧି ପରିଲକ୍ଷିତ ହୋଇଛି। ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତି ଶିଳ୍ପରେ ଏଭଳି ନିବେଶ ହୋଇଛି। ମହାମାରୀ ଯୋଗୁ ସାରା ବିଶ୍ୱରେ ଡିଜିଟାଲ ଭିତ୍ତିଭୂମି ଏବଂ ଚାହିଦାରେ ବିଶେଷ ଉନ୍ନତି ପରିଲକ୍ଷିତ ହୋଇଛି। ଫଳରେ ଏହି ଶିଳ୍ପଗୁଡିକରେ ବିଦେଶୀ ପୁଞ୍ଜିନିବେଶ ୨୨% ଊର୍ଦ୍ଧ୍ୱରେ ରହି ୮୧ ବିଲିୟନ ଡଲାର ଛୁଇଁଛି।

# ୫ଜି ପାଇଁ ଏୟାରଟେଲ-ଟାଟା ସହଭାଗିତା

**ନୂଆଦିଲ୍ଲୀ,୨୧।୬:** ଦେଶ ମଧ୍ୟରେ ୫ଜି ନେଟ୍‌ୱର୍କ କାର୍ଯ୍ୟକାରୀ କରାଇବା ଲାଗି ଭାରତୀ ଏୟାରଟେଲ ଏବଂ ଟାଟା ଗ୍ରୁପ୍ ସହଭାଗିତାରେ ସାମିଲ ହୋଇଛନ୍ତି। ୨୦୨୨ ଜାନୁୟାରୀ ପରଠାରୁ ଏହା ବାଣିଜ୍ୟିକ ବିକାଶ ଲାଗି ଉପଲବ୍ଧ ହେବ। ଟିସିଏସ୍ ଏହାର ସାରା ବିଶ୍ୱରେ ରହିଥିବା ସିଷ୍ଟମ ସମନ୍ୱୟ ବିଶେଷତା ଆଣିଛି। ଉଭୟ ୩ଜିପିପି ଓ ଆର୍‌ଏନ୍ ସମାଧାନ ପ୍ରଦାନ କରିବା ଲାଗି ଏହା ସହାୟକ ହେବ। ଭାରତରେ ୫ଜି ସେବା ଆରମ୍ଭର ଅଂଶ ସ୍ୱରୂପ ଏହି ସ୍ୱଦେଶୀ ସମାଧାନର ପରୀକ୍ଷଣ ଏବଂ ମୁତୟନ ଏୟାରଟେଲ କରିବ। ୨୦୨୨ ଜାନୁୟାରୀଠାରୁ ଏଭଳି ପରୀକ୍ଷଣ ଲାଗି ଭାରତ ସରକାର ଅନୁମତି ପ୍ରଦାନ କରିଛନ୍ତି। ମେଡ୍ ଇନ୍ ଇଣ୍ଡିଆ ୫ଜି ଉତ୍ପାଦଗୁଡିକ ବିଶ୍ୱସ୍ତରୀୟ ହୋଇଥିବା ବେଳେ ଅନ୍ୟ ଉତ୍ପାଦଗୁଡିକ ସହ ଏହାକୁ ଇଣ୍ଟରଅପରେବଲ କରାଯାଇପାରିବ। ଏୟାରଟେଲ ନେଟ୍‌ୱର୍କରେ ଏହା ଥରେ ବାଣିଜ୍ୟ ଭିତ୍ତିରେ ପ୍ରମାଣିତ ହେଲେ ଭାରତ ପାଇଁ ଏହା ରପ୍ତାନି ସୁଯୋଗ ମଧ୍ୟ ସୃଷ୍ଟି କରିବ।

# ଦର ବଢ଼ାଇବ ମାରୁତି ସୁଜୁକି

**ଭୁବନେଶ୍ୱର,୨୧।୬:** ମାରୁତି ସୁଜୁକି ଇଣ୍ଡିଆ (ଏମ୍‌ଏସ୍‌ଆଇ) ଆସନ୍ତା ଜୁଲାଇରୁ ତା'ର ସମସ୍ତ ଯାନ ଉପରେ ଦର ବଢ଼ାଇବ। ଇନ୍‌ପୁଟ୍ କଷ୍ଟ ବୃଦ୍ଧି ଯୋଗୁ କମ୍ପାନୀ ଏଭଳି ନିଷ୍ପତ୍ତି ନେଇଛି। ଚଳିତ ଆର୍ଥିକ ବର୍ଷର ୨ୟ ତ୍ରୈମାସରେ ଏହା ଲାଗୁ କରାଯିବ ବୋଲି ଜଣାପଡ଼ିଛି। ମହାମାରୀ ସମୟରେ ଅଟୋ ଶିଳ୍ପ ମାନ୍ଦା ରହିବା ସାଙ୍ଗକୁ ଯାନ ନିର୍ମାଣ ପାଇଁ ଆବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଯୋଗୁ ଏଭଳି ନିଷ୍ପତ୍ତି କମ୍ପାନୀ ପକ୍ଷରୁ ନିଆଯାଇଛି।

## ଫୁର୍‌ସତ୍




### କବୀର ସିଂ ବେଶରେ ସାହିଦ

**ମୁମ୍ବାଇ:** ଦକ୍ଷିଣ ଭାରତୀୟ ଫିଲ୍ମ 'ଅର୍ଜୁନ ରେଡ୍ଡୀ'ର ହିନ୍ଦୀ ରିମେକ୍ 'କବୀର ସିଂ' ରେ ସାହିଦ କପୁରଙ୍କ ଲୁକ୍ ବେଶ୍ ଚର୍ଚ୍ଚିତ ହୋଇଥିଲା। ଏହି ଫିଲ୍ମରୁ ଅଭିନେତ୍ରୀ କିଆରା ଆଡଭାନୀ ମଧ୍ୟ ସଫଳତା ପାଇଥିଲେ। ଫିଲ୍ମଟି ୨୧ ଜୁନ ୨୦୧୯ରେ ମୁକ୍ତିଲାଭ କରିଥିବାବେଳେ ଏବେ ଏହାକୁ ୨ ବର୍ଷ ପୂରିଛି। ଏହି ଅବସରରେ ସାହିଦ ଏକ ଭିଡିଓ ଶେୟାର କରିଛନ୍ତି। ଭିଡିଓରେ ସାହିଦ ପୁଣିଥରେ କବୀର ସିଂ ଭଳି କେଶ, ଦାଢ଼ି ରଖିଥିବା ଦେଖିବାକୁ ମିଳିଛି। ଭିଡିଓ ଶେୟାର କରି ସେ କ୍ୟାପଶନରେ ଲେଖିଛନ୍ତି, 'ୱୋ ୱୋ ୱାଲା ମୋଡ'। ସାହିଦଙ୍କ ଭିଡିଓରେ ପ୍ରଶଂସକମାନେ ଜବରଦସ୍ତ ମନ୍ତବ୍ୟ ଦେଉଛନ୍ତି। କୁନାଲ ଖେମୁ ମଧ୍ୟ ଏହା ଉପରେ ଏକ ମଜାଳିଆ ମନ୍ତବ୍ୟ ଦେଇଛନ୍ତି। କୁନାଲ ଲେଖିଛନ୍ତି, 'ଅଧା ଲୁକ୍‌ରେ ମାରି ଦେଉଛ, ବାକି ଅଧା ଲୁକ୍‌ରେ ବାଇକ ଚଢ଼ାଇଦିଅ।

# ଆରମ୍ଭ ହେବ 'ମୁନ୍ ରେସ୍'

**ଚନ୍ଦ୍ରରେ ହେବ ସ୍ପେସ୍ ଷ୍ଟେଶନ। ପୃଥିବୀର ଏକମାତ୍ର ଏହି ଉପଗ୍ରହ ଉପରେ ଦୀର୍ଘକାଳୀନ ପରୀକ୍ଷାନିରୀକ୍ଷା କରିବା ଲାଗି ନିକଟରେ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଛନ୍ତି ରୁଷିଆ ଏବଂ ଚାଇନା। ଅନ୍ତର୍ଜାତୀୟ ସ୍ପେସ୍ ଷ୍ଟେଶନ (ଆଇଏସ୍‌ଏସ୍) ଭଳି ଚନ୍ଦ୍ରରେ ଏହି ପ୍ରକଳ୍ପ ସଫଳ ହେଲେ ଆଗାମୀ କିଛି ବର୍ଷ ମଧ୍ୟରେ 'ମୁନ୍ ରେସ୍' ଆରମ୍ଭ ହେବା ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।**



**ନୂଆଦିଲ୍ଲୀ:** ଦୁଇ କମ୍ୟୁନିଷ୍ଟ ରାଷ୍ଟ୍ର ଚାଇନା ଏବଂ ରୁଷିଆ ନିକଟରେ ଚନ୍ଦ୍ରରେ ଏକ ଅନ୍ତର୍ଜାତୀୟ ବେସ୍ ନିର୍ମାଣ କରିବା ଲାଗି ରୋଡ୍‌ମ୍ୟାପ୍ ଜାରି କରିଛନ୍ତି। ଗତ କିଛିବର୍ଷ ଭିତରେ ବୁଝାମଣା ଅଭାବରୁ ଆମେରିକୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ନାସା ସହିତ ରୁଷିଆର ଦୂରତ୍ୱ ବଢ଼ିବାରେ ଲାଗିଛି। ସେହିପରି ଚାଇନା ମହାକାଶ ଗବେଷଣାରେ ଗୋଟିଏ ପରେ ଗୋଟିଏ ଉପଲବ୍ଧି ହାସଲ କରିବାରେ ଲାଗିଛି। ଅନ୍ୟପଟେ ୨୦୨୪ ସୁଦ୍ଧା ନାସା ଚନ୍ଦ୍ରକୁ ମଣିଷ ପଠାଇବା ଏବଂ ସେଠାରେ ଲମ୍ବା ସମୟ ଧରି ରହଣି ଲାଗି ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ କରିସାରିଲାଣି। ଏସବୁ ଆକଳନ ଭିତରେ ଚନ୍ଦ୍ର ଅଭିଯାନରେ ଆମେରିକାଠାରୁ ଗୋଟିଏ ପାଦ ଆଗରେ ରହିବାକୁ ଚାଇନା ଏବଂ ରୁଷିଆ ଯେଉଁ ଯୋଜନା କରିଛନ୍ତି, ତାହା ନିକଟ ଭବିଷ୍ୟତରେ 'ମୁନ୍ ରେସ୍' (ଚନ୍ଦ୍ର ଅଭିଯାନ)କୁ ଇନ୍ଧନ ଯୋଗାଇବ ବୋଲି ଆଲୋଚନା ଆରମ୍ଭ ହେଲାଣି।

୧ନଂ. ସ୍ଥାନ ହାସଲ କରିବାକୁ ଆମେରିକା ଓ ରୁଷିଆ ମଧ୍ୟରେ ଚାଲିଥିବା ଶୀତଳଯୁଦ୍ଧ ଊନବିଂଶ ଶତାବ୍ଦୀର ସବୁଠାରୁ ଚର୍ଚ୍ଚିତ ଘଟଣାବଳୀ ଭିତରୁ ଥିଲା ଗୋଟିଏ। ସୋଭିଏଟ୍ ସଂଘର ବିଭାଜନ ପରେ ଯଦିଓ ଏଥିରେ ବିରାମ ଲାଗିଛି, ହେଲେ ରୁଷୀୟ ମାନସିକତା ସର୍ବଦା ଆମେରିକା ବିରୋଧୀ ରହିଆସିଛି। ସେହିପରି ଗତ କିଛିବର୍ଷ ମଧ୍ୟରେ ଅର୍ଥନୈତିକ ସମୃଦ୍ଧ ରାଷ୍ଟ୍ର ଭାବେ ନିଜ ନାମକୁ ତାଲିକାଭୁକ୍ତ କରିବାକୁ ଏକାଧିକଥର ମୁହାଁମୁହିଁ ହୋଇସାରିଲେଣି ପୃଥିବୀର କ୍ଷମତାସମ୍ପନ୍ନ ଦୁଇ ମହାଶକ୍ତି ଆମେରିକା ଏବଂ ଚାଇନା। ନିକଟରେ ଆମେରିକା ଏବଂ ଏହାର ସହଯୋଗୀ ରାଷ୍ଟ୍ର ମଧ୍ୟରେ ମହାକାଶ ଗବେଷଣାକୁ ନେଇ ହୋଇଥିବା ଆର୍ଟିମିସ୍ ଚୁକ୍ତି ଲାଗି ରୁଷିଆ ସହମତି ପ୍ରକାଶ କରିନାହିଁ। ଅନ୍ୟପଟେ ଆମେରିକାର ଏକଚ୍ଛତ୍ରବାଦୀ ମନୋଭାବକୁ ଚାଇନା ସବୁବେଳେ ବିରୋଧ କରି ଆସିଛି। ତେଣୁ ସ୍ୱଦେଶୀ ଜ୍ଞାନକୌଶଳ ଉପଯୋଗ କରି ମହାକାଶରେ ମହାଶକ୍ତି ଭାବେ ଉଭା ହେବାକୁ ବେଜିଂ ଦୃଢ଼ ମନୋବଳ ପୋଷଣ କରୁଛି।

ଅନ୍ୟପକ୍ଷେ ଆମେରିକାର କୂଟନୀତି ପାଇଁ ସୋଭିଏଟ୍ ମହାସଂଘ ବିଭାଜନ ହୋଇଯିବାର ଦୁଃଖ ଏବେ ବି ରୁଷିଆ ମନରୁ ଲିଭିନି। ବିଭିନ୍ନ ସମୟରେ ୱାଶିଂଟନର ଦୋମୁହାଁ ନୀତି ଦେଶର ପ୍ରଗତିରେ ବାଧକ ସାଜୁଛି। ତଥାପି ମସ୍କୋ ଖୋଲାଖୋଲି ଭାବେ ବିରୋଧ କରିବାକୁ ସାହସ ଜୁଟାଇପାରୁନାହିଁ। ତେଣୁ ଆମେରିକାଠାରୁ ଦୂରେଇ ଯାଇ ଚାଇନା ସହିତ ନିଜର ନୂତନ ମହାକାଶ ନୀତିକୁ ସଫଳ କରାଇବାକୁ ମାନସିକସ୍ତରରେ ପ୍ରସ୍ତୁତ ହେଉଛି ରୁଷିଆ। ଏଥିଲାଗି ଉଭୟ ଦେଶ ୧୫ ବର୍ଷିଆ ଯୋଜନା ପ୍ରସ୍ତୁତ କରିଛନ୍ତି। ଏହି ରୋଡ୍‌ମ୍ୟାପ୍‌ରେ ଚନ୍ଦ୍ରରେ ଗବେଷଣା ଲାଗି 'ଅନ୍ତର୍ଜାତୀୟ ଲୁନାର ରିସର୍ଚ୍ଚ ଷ୍ଟେଶନ' ନିର୍ମାଣ କରିବାକୁ ଯୋଜନା ରହିଛି। ଏହି ସ୍ୱପ୍ନର ପ୍ରକଳ୍ପ ସଫଳ ହେଲେ ଚନ୍ଦ୍ରପୃଷ୍ଠରେ ଗବେଷଣାର ଚିତ୍ର ବଦଳିଯିବ। ଅନ୍ତର୍ଜାତୀୟସ୍ତରରେ ବୈଜ୍ଞାନିକମାନେ ଗବେଷଣା କରିବାର ସୁଯୋଗ ପାଇବେ। ଦୂରସଂଚାର ବ୍ୟବସ୍ଥା ଆହୁରି ଉନ୍ନତମାନର ହେବ। ଏଥିସହ ଚନ୍ଦ୍ରପୃଷ୍ଠରେ ଥିବା ଦୁର୍ମୂଲ୍ୟ ଖଣିଜ ପୃଥିବୀକୁ ଅଣାଯିବା ଲାଗି ବାଟଫିଟିବ। ଏଥିଲାଗି ଚାଇନାର ଚାଙ୍ଗ୍-ଇ ୬, ୭ ଏବଂ ରୁଷିଆର ଲୁନା ୨୫, ୨୬, ୨୭ ମହାକାଶ ଯାନ ଚନ୍ଦ୍ରକୁ ଯିବେ। ଏହାପରେ ଚନ୍ଦ୍ରରେ ବେସ୍ ନିର୍ମାଣ ଆରମ୍ଭ ହେବ। ୨୦୩୬ ସୁଦ୍ଧା ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯିବା ସହ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯିବାକୁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି।

ଅନ୍ୟପଟେ ନାସା ନିଜର ଆର୍ଟିମିଶ ଅଭିଯାନ ଆନୁକୂଲ୍ୟରେ ୨୦୨୪ରେ ଚନ୍ଦ୍ରପୃଷ୍ଠକୁ ଜଣେ ମହିଳା ଏବଂ ଜଣେ ପୁରୁଷ ମହାକାଶଚାରୀ ପଠାଇବ। ଉଭୟେ ସେଠାରେ ଦୀର୍ଘସମୟ ଅବସ୍ଥାନ କରିବେ। ସେଠାରେ ଏକ ବେସ୍ କ୍ୟାମ୍ପ କରାଯିବାକୁ ଯୋଜନା କରାଯାଉଛି। ତେବେ ନାସା ଏ ସମ୍ପର୍କିତ କୌଣସି ତଥ୍ୟ ସାର୍ବଜନୀନ କରିନାହିଁ। ହେଲେ ମହାକାଶ ଗବେଷଣା କ୍ଷେତ୍ରରେ ଚାଇନାର ଗତିବିଧି ଆଗାମୀ ଦଶନ୍ଧିରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ, ଏକଥାକୁ ଅଣଦେଖା କରାଯାଇ ନ ପାରେ। କାରଣ ନିକଟରେ ଚାଇନା ନିଜସ୍ୱ ଇଣ୍ଟରନ୍ୟାଶନାଲ ସ୍ପେସ ଷ୍ଟେଶନ ନିର୍ମାଣ ଲାଗି ମହାକାଶ ଯାତ୍ରୀଙ୍କୁ ପଠାଇସାରିଛି। ସେହିପରି ଚନ୍ଦ୍ରରେ ମଧ୍ୟ ନିଜର ରୋବୋଟିକ୍ ଅଭିଯାନକୁ ବାସ୍ତବ ରୂପ ଦେବା ସହିତ ମୃତ୍ତିକା ନମୁନା ଆଣିବାରେ ସଫଳ ହୋଇ ନୂଆ ମାଇଲଖୁଣ୍ଟ ସ୍ଥାପନ କରିସାରିଛି।

# ସାନିଟାଇଜର ବୋତଲରେ ନିମନ୍ତ୍ରଣ ପତ୍ର

**ନୂଆଦିଲ୍ଲୀ:** ସାନିଟାଇଜର ବୋତଲ ଉପରେ ଛପାଯାଇଛି ନିମନ୍ତ୍ରଣ ପତ୍ର। ଏଭଳି କଥା ଶୁଣି ଆଶ୍ଚର୍ଯ୍ୟ ଲାଗିପାରେ। କିନ୍ତୁ ଏଭଳି ଏକ ଭିନ୍ନ ଢଙ୍ଗରେ ନିମନ୍ତ୍ରଣ ପତ୍ର ଛପାଇ ଏବେ ଢେର୍ ଚର୍ଚ୍ଚିତ ହୋଇଛନ୍ତି ଫରିଦାବାଦର ସୁନା ବ୍ୟବସାୟୀ ପବନ ବର୍ମା। ଝିଅ ବାହାଘର ପାଇଁ ସେ ଏଭଳି ନିମନ୍ତ୍ରଣ ପତ୍ର ଛପାଇବା ସହ ମାସ୍କ ବାଣ୍ଟୁଛନ୍ତି। ଦିଲ୍ଲୀର ଫରିଦାବାଦରେ ଥିବା ବଲ୍ଲଭଗଡ଼ ଅଞ୍ଚଳର ଏକ ଜୁଏଲେରି ଦୋକାନର ମାଲିକ ହେଉଛନ୍ତି ପବନ ବର୍ମା। ସେ ଝିଅ ପ୍ରିୟଙ୍କା ବର୍ମାର ବିବାହ ନିମନ୍ତେ ଏବେ ସାନିଟାଇଜର ବୋତଲ ଉପରେ ନିମନ୍ତ୍ରଣ ପତ୍ର ଛପାଇଛନ୍ତି। କରୋନାରେ ପୀଡ଼ିତ ହେବା ପରେ ଲୋକେ ଅସହାୟ ମନେକରୁଛନ୍ତି। ତେଣୁ ଏବେ ସତର୍କ ରହିବା ସହିତ ପରିବେଶକୁ ସୁନ୍ଦର କରିବା ବି ଜରୁରୀ ହୋଇପଡ଼ିଛି। ଏହି କଥାକୁ ଅନୁଭବ କରିବା ପରେ ପବନ ବର୍ମା ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ସାନିଟାଇଜର ବୋତଲ ଉପରେ ହିଁ ନିମନ୍ତ୍ରଣ ପତ୍ର ଛପାଇବାକୁ ନିଷ୍ପତ୍ତି ନେଇଥିଲେ। ସାନିଟାଇଜର ବୋତଲ ଉପରେ ବିବାହ ସମ୍ପର୍କରେ ତଥ୍ୟ ଦେବା ସହିତ ମାସ୍କ ଲଗାଇବା ଓ ଦୂରତା ରକ୍ଷା କରିବା ନେଇ ସଚେତନତା ବି ଲେଖାଯାଇଛି। ଖାଲି ସେତିକି ନୁହେଁ, ବିବାହ ଦିନ ବର କନ୍ୟା ଏବଂ ଅନ୍ୟ ସମସ୍ତ ଉପସ୍ଥିତ ସମ୍ପର୍କୀୟମାନଙ୍କୁ ବୃକ୍ଷରୋପଣ ନେଇ ସଚେତନ କରିବା ପାଇଁ ବି ଯୋଜନା କରିଛନ୍ତି ପବନ।



ସୌନ୍ଦର୍ଯ୍ୟ

# ପାର୍ଲର ଯିବା ପୂର୍ବରୁ...



ବିଭିନ୍ନ ପ୍ରକାରର ବ୍ୟୁଟି ଟ୍ରିଟ୍‌ମେଣ୍ଟ କରିବା ନିମନ୍ତେ ମହିଳାମାନେ ବ୍ୟୁଟି ପାର୍ଲର ଯାଇଥାନ୍ତି। କିନ୍ତୁ ବେଳେବେଳେ ବ୍ୟୁଟିସିଆନମାନଙ୍କ ଖାମଖିଆଲ ଗୁଣ ପାଇଁ ସୌନ୍ଦର୍ଯ୍ୟ ନଷ୍ଟ ହୋଇ ଯାଇଥାଏ। ତେଣୁ ବ୍ୟୁଟି ପାର୍ଲର ଯିବା ପୂର୍ବରୁ ସତର୍କ ରୁହନ୍ତୁ...

- ସବୁବେଳେ ନିଜ ବଜେଟ ଅନୁସାରେ ହିଁ ବ୍ୟୁଟି ପାର୍ଲର ବାଛନ୍ତୁ। କିନ୍ତୁ ପାର୍ଲରର ହାଇଜିନ୍ ନେଇ ଆଦୌ ବୁଝାମଣା କରନ୍ତୁ ନାହିଁ, ନଚେତ୍ ସଂକ୍ରମଣ ହୋଇପାରେ।
- ପାର୍ଲରରେ ପ୍ରଥମେ ବ୍ୟୁଟିସିଆନଜଣକ ନିଜେ ପରିଷ୍କାର ହୋଇଛନ୍ତି କି ନାହିଁ ଦେଖନ୍ତୁ। ସେ ନିଜେ ଅପରିଷ୍କାର ହୋଇଥିଲେ ତାଙ୍କ ପାଖରେ କୌଣସି ପ୍ରକାରର ଟ୍ରିଟମେଣ୍ଟ କରାନ୍ତୁ ନାହିଁ।
- ଫେସିଆଲ କରାଇବା ପୂର୍ବରୁ ବ୍ୟୁଟିସିଆନଙ୍କୁ ସାବୁନରେ ହାତ ଧୋଇବା ପାଇଁ କୁହନ୍ତୁ।
- ମେନିକିଓର କିମ୍ବା ପେଡିକିଓର କରାଉଥିଲେ ପାଦ ବୁଡାଇବା ନିମନ୍ତେ ପ୍ରସ୍ତୁତ ପାଣିକୁ ଆପଣଙ୍କ ସାମ୍ନାରେ କରିବା ପାଇଁ କୁହନ୍ତୁ। ଆଗରୁ ପ୍ରସ୍ତୁତ ହୋଇଥିବା ପାଣିକୁ ଆଦୌ ବ୍ୟବହାର କରନ୍ତୁ ନାହିଁ।
- ସେହିପରି ୱାକ୍ସିଂ କରାଉଥିଲେ ସବୁବେଳେ ନୂଆ ଛୁରି ଏବଂ ନୂଆ କ୍ରିମ୍ ତିଆରି କରିବା ପାଇଁ କୁହନ୍ତୁ। କାହିଁକି ନା ଅନେକ ସମୟରେ ଲାଭ ପାଇଁ ପାର୍ଲରରେ ସେହି ଗୋଟିଏ ପାତ୍ରରେ ପୂର୍ବରୁ ଛୁରି ବୁଡାଇ ରଖିଥାନ୍ତି, ଯାହାକି ଇନଫେକସନ୍ ସୃଷ୍ଟି କରିଥାଏ।
- ପାର୍ଲରରେ ଥିବା ଟାୱେଲକୁ ବାରମ୍ବାର ଧୋଇ ସମସ୍ତଙ୍କ ପାଇଁ ବ୍ୟବହାର କରାଯାଏ। ତେଣୁ ଆପଣ ଡିସପୋଜେବଲ୍ ଟିସୁ ବ୍ୟବହାର କରିବା ଉପରେ ଅଧିକ ଜୋର ଦିଅନ୍ତୁ।
- ଯଦି କୌଣସି ଛୋଟ ପାର୍ଲରକୁ ନିଜ ବଜେଟ୍ ହିସାବରେ ଯାଉଛନ୍ତି, ତେବେ ସେଠାକୁ ନିଜର ଟାୱେଲ ଓ ଗାଉନ୍ ସାଙ୍ଗରେ ନେଇ ଯାଆନ୍ତୁ।
- ଟାଟୁ ତିଆରି କରିବା ସମୟରେ ଖୁବ୍ ସାବଧାନ ରୁହନ୍ତୁ। ସବୁବେଳେ ଡିସପୋଜେବଲ ସିରିଞ୍ଜ ବ୍ୟବହାର କରନ୍ତୁ, ନଚେତ୍ ତାହା ବହୁତ କ୍ଷତିକାରକ ହୋଇପାରେ।
- ନିଜ ତ୍ୱଚାର ପ୍ରକାର ଅନୁସାରେ ଭଲ ବ୍ରାଣ୍ଡର କସମେଟିକ୍ ପ୍ରଡକ୍ଟ ବ୍ୟବହାର କରନ୍ତୁ। ବିଭିନ୍ନ ପ୍ରକାର ବ୍ରାଣ୍ଡର ପ୍ରଡକ୍ଟକୁ ତ୍ୱଚାରେ ପରୀକ୍ଷା କରନ୍ତୁ ନାହିଁ।



# ପରିବାର ପାଇଁ ପରିବେଶ



ପିଲାଙ୍କ ଭବିଷ୍ୟତ ଆଉ ପରିବାର ସଦସ୍ୟଙ୍କ ସୁରକ୍ଷା ନିମନ୍ତେ ମହିଳାମାନେ ପୁରୁଷଙ୍କ ତୁଳନାରେ ଅଧିକ ସଚେତନ ଥାଆନ୍ତି। ତେଣୁ ପରିସ୍ଥିତିକୁ ଦୃଷ୍ଟିରେ ରଖି ସେମାନେ ସବୁ ପଦକ୍ଷେପ ନେବାପାଇଁ ଆଗେଇ ଆସନ୍ତି। କରୋନାର ଦ୍ୱିତୀୟ ଲହରରେ ଅଧିକାଂଶଙ୍କ କ୍ଷେତ୍ରରେ ଚିନ୍ତାର କାରଣ ପାଲଟିଛି ଅକ୍ସିଜେନର ସ୍ତର କମ୍ ହେବା। କୃତ୍ରିମ ଉପାୟରେ ଏବେ ସମସ୍ତଙ୍କୁ ଅକ୍ସିଜେନ ତ ଯୋଗାଇ ଦିଆଯାଉଛି, କିନ୍ତୁ ପ୍ରାକୃତିକ ଉପାୟରେ ବି ଅକ୍ସିଜେନର ଅଭାବକୁ ପୂରଣ କରିହେବ। ଏଥିପାଇଁ ଏକମାତ୍ର ବିକଳ୍ପ ହେଉଛି ଗଛ। ତେବେ ଗଛ ଲଗାଇବା ପାଇଁ କେବଳ ଯେ ବାଡି ବଗିଚାର ଆବଶ୍ୟକତା ରହିଛି ତା' ନୁହେଁ। ଘର ଭିତରେ, ବାଲକୋନୀରେ ଏମିତି କି ଅନ୍ୟ ଯେକୌଣସି ସ୍ଥାନରେ ଝୁଲାରେ ମଧ୍ୟ ଗଛ ଲଗାଇ ହେବ। ଏମିତି ସୁନ୍ଦରଭାବେ ଗୃହିଣୀମାନେ ଏବେ ଘରକୁ ସଜାଇ ନିଜ ପରିବାରକୁ ଏକ ସୁରକ୍ଷିତ ବଳୟ ମଧ୍ୟରେ ରଖିବାର ଉଦ୍ୟମ କରୁଛନ୍ତି।



**ଘର ପରିବେଶକୁ ପ୍ରଦୂଷଣମୁକ୍ତ କରିବା ସହ ଘରକୁ ସୁନ୍ଦର ଓ ଆକର୍ଷଣୀୟ କରିବା ପାଇଁ ଏବେ ଗୃହିଣୀମାନେ ଅଧିକରୁ ଅଧିକ ଇନ୍‌ଡୋର ପ୍ଲାଣ୍ଟ ଲଗାଉଛନ୍ତି। ସମୟ କାଟିବା ଲାଗି ଏବେ ସେମାନଙ୍କ ପାଇଁ ଏହା ଏକ ବେଶ୍ ଭଲ ମାଧ୍ୟମ। କରୋନା ପାଇଁ ସଚେତନ ଥିବା ଆଜିର ଗୃହିଣୀମାନେ ଏଥିପାଇଁ ଗଛ ଲଗାଇବା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି...**

**ସବୁ କଥାକୁ ଗୁରୁତ୍ୱ:** ସାଧାରଣତଃ ମହିଳାମାନେ ପୁରୁଷଙ୍କ ତୁଳନାରେ ପ୍ରତି ମୁହୂର୍ତ୍ତରେ ନିଜ ପରିବାର ଓ ପିଲାମାନଙ୍କ ପାଇଁ ଅଧିକ ଚିନ୍ତା କରିଥାନ୍ତି। ସେଥିପାଇଁ ସେମାନେ ଛୋଟ ଛୋଟ କଥାକୁ ବି ଗୁରୁତ୍ୱ ଦେଇଥାନ୍ତି। ଘରକୁ ସଫାସୁତୁରା ରଖିବାରେ ହେଉ କି ଘର ପରିବେଶକୁ ସଜାଡିବା ସବୁ କ୍ଷେତ୍ରରେ ସେମାନେ ସଜାଗ ରହିଥାନ୍ତି। ଆଉ ଏବେ ଘର ପରିବେଶରେ ମୁକ୍ତ ଏବଂ ଅକ୍ସିଜେନ୍ ଥିବା ବାୟୁ ନିମନ୍ତେ ଘରେ ବାହାରେ ସବୁଠି ଲଗାଉଛନ୍ତି ଗଛ।





**ଏବେ ଆବଶ୍ୟକତା:** ଦିନେ ଘରର ଡିଜାଇନ୍ ପାଇଁ କିମ୍ବା ସଉକ ଦୃଷ୍ଟିରୁ ଗୃହିଣୀମାନେ ଲଗାଉଥିଲେ ଇନ୍‌ଡୋର ପ୍ଲାଣ୍ଟ, ଆଉ ବାଲକୋନୀକୁ ଗଛ ଲଗାଇ ସଜାଉଥିଲେ। କିନ୍ତୁ ସେମାନଙ୍କର ଏହି ସଉକ ଏବେ ଆବଶ୍ୟକତାରେ ପରିଣତ ହୋଇଯାଇଛି। ବର୍ତ୍ତମାନ ସମୟରେ ଅକ୍ସିଜେନର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ଘର ଭିତରେ ଆଉ ବାହାରେ ଯଥାସମ୍ଭବ ଅଧିକ ଗଛ ଲଗାଇବା ଉପରେ ଗୁରୁତ୍ୱ ଦେବା ଉଚିତ। ଆଉ ସଚେତନ ଗୃହିଣୀମାନେ ଏସବୁ ଦୃଷ୍ଟିରୁ କୌଣସି ତ୍ରୁଟି କରିବାକୁ ଚାହୁଁନାହାନ୍ତି। ଗାଁ ହେଉ କି ସହର ମହିଳାମାନେ ଏବେ ଇନ୍‌ଡୋର ପ୍ଲାଣ୍ଟ ସହିତ ବିଭିନ୍ନ ପ୍ରକାରର ଅକ୍ସିଜେନ୍ ପ୍ଲାଣ୍ଟ ଲଗାଇବାକୁ ପସନ୍ଦ କରୁଛନ୍ତି।

**ସକାରାତ୍ମକ ପ୍ରଭାବ:** ଘର ଭିତରେ ବିଭିନ୍ନ ପ୍ରକାରର ଗଛ ଲଗାଇଲେ ତାହା ଏକ ସୁନ୍ଦର ପ୍ରାକୃତିକ ପରିବେଶ ସୃଷ୍ଟି କରିଥାଏ, ଏହା ସହିତ ମନ ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ। ବିଭିନ୍ନ ପ୍ରକାରର ଗଛ ରହିଥିବା ସ୍ଥାନରେ କିଛି ମୁହୂର୍ତ୍ତ ବିତାଇଲେ ମନ ପ୍ରଫୁଲ୍ଲ ହୋଇଯାଏ। ତା' ଛଡା ଗଛର ଯତ୍ନ ନେବା ଫଳରେ ଏକୁଟିଆପଣ କିମ୍ବା ଡିପ୍ରେସନ ସମସ୍ୟା ବି ରହି ନ ଥାଏ। ଅନେକ ସମୟରେ ଘରର ସବୁ ସଦସ୍ୟଙ୍କୁ କିଛି ସମୟ ଯଥାର୍ଥଭାବେ ବିନିଯୋଗ କରିବାର ସୁଯୋଗ ବି ମିଳିଯାଏ।





## ଏମାନେ ଯାହା କୁହନ୍ତି

**ଘରେ ଭଲ ବାୟୁ ଚଳାଚଳ ହେଉଛି:** ମତେ ଗଛ ଲଗାଇବାକୁ ବହୁତ ଭଲ ଲାଗେ। ସେଥିପାଇଁ ମୁଁ ଛାତ ଉପରେ ଆଉ ବାଲକୋନୀରେ ବିଭିନ୍ନ ପ୍ରକାରର ଗଛ ଲଗାଇଛି। ଏବେ ଘରେ ବାଲକୋନୀରେ ମୁଁ ବହୁତଗୁଡିଏ ଅକ୍ସିଜେନ ପ୍ଲାଣ୍ଟ ଲଗାଇଛି। ଏମିତି କି ରୋଷେଇ ଘରେ ବି ବିଭିନ୍ନ ପ୍ରକାରର ମନିପ୍ଲାଣ୍ଟ ସୁନ୍ଦରଭାବେ ସଜାଇଛି, ଯାହା ଦେଖିବାକୁ ବି ବହୁତ ଭଲ ଲାଗୁଛି। ଗୋଟିଏ ପଟେ ଏସବୁ ସୁନ୍ଦର ଦେଖାଯାଉଛି ଆଉ ଅନ୍ୟପଟେ ଏସବୁ ଗଛ ଦ୍ୱାରା ମୋ ଘର ପରିବେଶରେ ଅକ୍ସିଜେନଥିବା ବାୟୁ ଚଳାଚଳ ଅଧିକ ହୋଇପାରୁଛି ଭାବି ଆତ୍ମସନ୍ତୋଷ ମିଳୁଛି।

*-**କବିତା ପତି,** ଗୃହିଣୀ, ନୟାପଲ୍ଲୀ ବ୍ରିଟ କଲୋନୀ, ଭୁବନେଶ୍ୱର*

**ଅନ୍ୟ କିଛି ଉପାୟ ନାହିଁ:** ବର୍ତ୍ତମାନ ସମୟ ଯାହା ହେଲାଣି ଗଛ ଲଗାଇବା ବ୍ୟତୀତ ବଞ୍ଚିବାର ଅନ୍ୟ କିଛି ଉପାୟ ନାହିଁ। ଏମିତି କି ପ୍ରଚୁର ଟଙ୍କା ଥିଲେ ବି ଜୀବନ ବଞ୍ଚାଇବା ସମ୍ଭବ ହେଉ ନାହିଁ। ତେଣୁ ପରିବେଶରେ ପ୍ରଚୁର ଗଛ ଲଗାଇବାକୁ ହେବ। ଏଥିପାଇଁ ମୁଁ ତ ଘର ଚାରିପାଖରେ ବହୁତଗୁଡିଏ ତୁଳସୀ ଗଛ ଲଗାଇଛି। ଏହାଛଡା ବାଡିରେ ଅଶ୍ୱତ୍ଥ, ନିମ୍ବ ଆଦି ବିଭିନ୍ନ ଗଛ ଲଗାଇଛି। ଖାଲି ସେତିକି ନୁହେଁ ମୋର ସବୁ ହ୍ୱାଟ୍ସଆପ୍ ଗ୍ରୁପରେ ବି ସାଙ୍ଗମାନଙ୍କୁ ଗଛ ଲଗାଇବାକୁ କହୁଛି।

*-**ସଂଯୁକ୍ତା ଦାସ,** ଗୃହିଣୀ, ଆଶ୍ରା, ଜାଗୁଲା, ଧାମରା, ଭଦ୍ରକ*

**ଆଗରୁ ଗଛ ଲଗାଇବାର ଅଭ୍ୟାସ ଥିଲା:** ଆମ ଘର ଆଗରେ ଓ ପଛରେ ବହୁତ ଜାଗା ଅଛି, ଯେଉଁଥିରେ ମୁଁ ସବୁ ପ୍ରକାରର ଗଛ ଲଗାଇଛି। ଆରମ୍ଭରୁ ମୋର ଗଛ ଲଗାଇବା ଅଭ୍ୟାସ ଥିଲା ବୋଲି ଏବେ ଆମ ବାଡିରେ ଏକ ସୁନ୍ଦର ପରିବେଶ ସୃଷ୍ଟି ହୋଇଛି। ପିଲାମାନେ ବାଡିରେ ବୁଲି ଆସିଲେ ବହୁତ ଖୁସି ହୋଇ ଯାଉଛନ୍ତି। ତା' ଛଡା ଆମ୍ବ, ଲେମ୍ବୁ, ନଡିଆ, ପଣସ, ସଜନା, ବେଲ ଆଦି ସବୁ କିଛି ଏବେ ଘରେ ପ୍ରଚୁର ପରିମାଣରେ ମିଳୁଛି, ଯାହା ଆମେ ଖାଇ ଅନ୍ୟମାନଙ୍କୁ ବାଣ୍ଟି ପାରୁଛୁ। ଘର ଆଗରେ ତୁଳସୀ ବଣ କରିବା ସହିତ ପରିବାପତ୍ର ଫସଲ ବି କରୁଛି। ମୋ କାମ ଦେଖି ପିଲାମାନେ ବି ମତେ ଏବେ ଗଛ ଲଗାଇବା କାମରେ ସାହାଯ୍ୟ କରୁଛନ୍ତି।

*-**ସିପ୍ରାରାଣୀ ପଲାଇ,** କ୍ଷେତ୍ରମୋହନ କଲେଜ ପାଖ, ମେଘଡମ୍ବରୁ, ବାଲେଶ୍ୱର*

**ପ୍ରକୃତିର ବିକଳ୍ପ ନାହିଁ:** ସହର ହେଉ କି ଗାଁ ଅବା ଅନ୍ୟ ଯେକୌଣସି ସ୍ଥାନରେ ରହିଲେ ବି ସୁନ୍ଦର ପ୍ରାକୃତିକ ପରିବେଶର ବିକଳ୍ପ ନାହିଁ। ସେଥିପାଇଁ ମୁଁ ଏବେ ଗାଁ ଠୁ ଏତେ ଦୂରରେ ଥିଲେ ବି ବାଲକୋନୀରେ ଆଉ ଘର ଭିତରେ ଇନ୍‌ଡୋର ପ୍ଲାଣ୍ଟ ଲଗାଇଛି। ଆଗରୁ ଏସବୁ କାମ କରୁ ନ ଥିଲେ ବି ଏବେ ଏହି କାମ କରି ବେଶ୍ ଆନନ୍ଦ ଲାଗୁଛି। ଏମିତି କି ଗଛ ଲଗାଇ ଏହାର ଯତ୍ନ ନେବା ପରଠାରୁ ମତେ ବହୁତ ଖୁସି ଲାଗୁଛି। ସେଥିପାଇଁ ମତେ ବୋର ଲାଗିଲେ ମୁଁ ଟିକେ ଗଛ ପାଖକୁ ଆସି ସେସବୁର ଯତ୍ନ ନେଇଥାଏ।

*-**ସୁଭଦ୍ରା ଦାସ,** ଶିକ୍ଷୟିତ୍ରୀ, ପୋଲସରା, ଗଞ୍ଜାମ*


କବିତା


ସଂଯୁକ୍ତା


ସିପ୍ରାରାଣୀ


ସୁଭଦ୍ରା

ଫ୍ୟାଶନ

# ସ୍କର୍ଟ କିଣିବା ବେଳେ...

**ସ୍କର୍ଟ ପିନ୍ଧିବା ଯେମିତି ଆରାମଦାୟକ ସେମିତି ମଧ୍ୟ ଫ୍ୟାଶନେବୁଲ। କିନ୍ତୁ ପରଫେକ୍ଟ ଲୁକ୍ ପାଇବା ପାଇଁ ସ୍କର୍ଟ କିଣିବା ସମୟରେ କେଉଁ ସବୁ ଦିଗ ପ୍ରତି ଧ୍ୟାନ ଦେବାକୁ ହେବ ଜାଣି ରଖନ୍ତୁ...**



- ସ୍କର୍ଟ କିଣିବା ସମୟରେ ଏହାର ଫାବ୍ରିକ ଉପରେ ଧ୍ୟାନ ଦିଅନ୍ତୁ, କାହିଁକିନା ଏହାର ଫାବ୍ରିକ ଯୋଗୁ ହିଁ ଏହା ଅଧିକ ଆକର୍ଷଣୀୟ ମନେ ହୋଇଥାଏ। ଯଦି ମୁଲାୟମ ଫାବ୍ରିକ ଚୟନ କରୁଥାନ୍ତି ତେବେ ଏହି ଫାବ୍ରିକ ହିପ୍ ଲାଇନରେ ପ୍ରାୟତଃ ଲାଗିଯାଇଥାଏ। ତେଣୁ ଠିକ୍ ଫାବ୍ରିକ ଦେଖି କିଣନ୍ତୁ।
- ନିଜର ଶରୀରର ଆକୃତି ଅନୁସାରେ ସ୍କର୍ଟ ଚୟନ କରନ୍ତୁ। ଯଦି ଆପଣଙ୍କ ଗୋଡ ଅଧିକ ମୋଟା ହୋଇଥାଏ ତେବେ ମିନି ସ୍କର୍ଟ ବଦଳରେ ଆପଣ ଲମ୍ବା ସ୍କର୍ଟ ପିନ୍ଧନ୍ତୁ।
- ଯଦି ଆପଣଙ୍କ ହାଇଟ୍ କମ୍ ଅଛି ତେବେ ଗୋଇଠି ଠାରୁ ଅଳ୍ପ ଉପରକୁ ଥିବା ସ୍କର୍ଟ ହିଁ ଆପଣଙ୍କୁ ଭଲ ମାନିବ।
- ଠିକ୍ ହାଇଟ୍ ଥିବା ମହିଳାମାନଙ୍କୁ ଲମ୍ବା ସ୍କର୍ଟ ଭଲ ଲାଗିବ।
- ସ୍କର୍ଟ ସହିତ ଯଦି ଆପଣ ଅଧିକ ଫ୍ରିଲ ଥିବା ଟପ୍ ପିନ୍ଧନ୍ତି ତେବେ ତାହା ଅଧିକ ହାଇଲାଇଟ୍ ହୋଇଯିବ। ତେଣୁ ଏଭଳି ଟପ୍ ପିନ୍ଧୁ ଯେଉଁଥିରେ ସ୍କର୍ଟ ଅଧିକ ଦିଶୁଥିବ।

ଖାଦ୍ୟରୁଚି

# ସାଗୁ ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ**

ସାଗୁ- ୧କପ୍, ଆଳୁ- ୧ଟି (ବଡ), ବାଦାମ- ୧ କପ୍, କଞ୍ଚା ଲଙ୍କା- ୨ଟି, ଘିଅ- ୨ ଚାମଚ, ଆବଶ୍ୟକ ଅନୁସାରେ ତେଲ ଏବଂ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**

ସର୍ବପ୍ରଥମେ ସାଗୁକୁ କିଛି ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ। ସାଗୁ ଭିଜିବା ପରେ ତାକୁ ପାଣିରୁ ଛାଣି ଦିଅନ୍ତୁ। ତେବେ ସାଗୁକୁ ଏତେ ଅଧିକ ସମୟ ଭିଜାନ୍ତୁ ନାହିଁ ଯାହାଫଳରେ ସାଗୁ ଅତ୍ୟଧିକ ନରମ ହୋଇ ମିଳେଇ ଯିବ। ଏହାପରେ ଆଳୁରୁ ଚୋପା ଛଡାଇ ତାକୁ ଛୋଟ ଛୋଟ ଖଣ୍ଡ କରି କାଟି ଦିଅନ୍ତୁ। ଏବେ ବାଦାମ ମଞ୍ଜିକୁ କଡ଼େଇରେ ଭାଜି ବାହାର କରି ଦିଅନ୍ତୁ। ପୁଣି ଥରେ କଡ଼େଇକୁ ଚୁଲିରେ ବସାଇ ସେଥିରେ ଘିଅ ପକାଇ କଞ୍ଚାଲଙ୍କା ଓ ଆଳୁ ପକାଇ ଭାଜନ୍ତୁ। ଲୁଣ ପକାଇ ଆଳୁକୁ କିଛି ସମୟ ଘୋଡ଼ାଇ ଦିଅନ୍ତୁ। ଆଳୁ ସିଝିଗଲା ପରେ ସେଥିରେ ବାଦାମ ଭଜା ଓ ସାଗୁ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସାଗୁ ଖେଚୁଡ଼ି। ଏଥିରେ ଧନିଆପତ୍ର ପକାଇ ପରଷି ଦିଅନ୍ତୁ।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜୁନ୍ ୨୨/୨୦୨୧ Bhubaneswar, Tuesday, June 22/ 2021

# ଚତୁର୍ଥ ଦିନ ଖେଳ ବି ଧୋଇଗଲା

**ସାଉଥାମ୍ପଟନ,୨୧।୬**

ସ୍ଥାନୀୟ ରୋଜ ଓଭାଲ ଗ୍ରାଉଣ୍ଡରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଚାଲିଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଫାଇନାଲ ମ୍ୟାଚ୍‌ରେ ବର୍ଷା ଖଳନାୟକ ସାଜିଛି। ପ୍ରଥମ ଦିବସ ଭଳି ଚତୁର୍ଥ ଦିବସର ଖେଳ ମଧ୍ୟ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ସକାଳୁ ବର୍ଷା ଆରମ୍ଭ ହୋଇଥିଲା ଓ ସନ୍ଧ୍ୟା ପର୍ଯ୍ୟନ୍ତ ବନ୍ଦ ହୋଇ ନ

**ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ**

ଥିଲା। ପଡିଆରୁ ପାଣି ବାହାର କରିବା ପାଇଁ ସମୟ ମଧ୍ୟ ମିଳି ନ ଥିଲା। ମଙ୍ଗଳବାର ପଞ୍ଚମ ଦିବସରେ ମଧ୍ୟ ବର୍ଷା ଆଶଙ୍କା ରହିଛି। ଏଭଳି ସ୍ଥିତିରେ ରିଜର୍ଭ ଡେ'ରେ ଖେଳ ଆୟୋଜନ ହେବା ନିଶ୍ଚିତ ମନେହେଉଛି। ଏହି ହାଇପ୍ରୋଫାଇଲ ମ୍ୟାଚ୍ ଡ୍ର ହେବାର ଯଥେଷ୍ଟ ସମ୍ଭାବନା ରହିଛି। ପ୍ରଶଂସକମାନେ ମ୍ୟାଚ୍ ଦେଖିବାକୁ ଧୈର୍ଯ୍ୟର ସହ ଅପେକ୍ଷା



ସାଉଥାମ୍ପଟନର ରୋଜ୍ ବାଉଲ୍ ଗ୍ରାଉଣ୍ଡ୍‌ରେ ଚତୁର୍ଥ ଦିନରେ ବର୍ଷାର ରାଜୁତି।

କରିଥିଲେ ମଧ୍ୟ ଶେଷରେ ନିରାଶ ହୋଇଥିଲେ। ନିଜର ପ୍ରଶଂସକଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଧନ୍ୟବାଦ ଦିଆଯାଇଛି।

ପ୍ରଥମେ ଟସ୍ ହାରି ଭାରତ ପ୍ରଥମ ଇନିଂସରେ ୯୨.୧ ଓଭରରେ ୨୧୭ ରନ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ଆରମ୍ଭ କରି ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୯ ଓଭରରେ ୨ ଉଇକେଟ ହରାଇ ୧୦୧ ରନ ସଂଗ୍ରହ କରିଥିଲା। ୮ ଉଇକେଟ ହାତରେ ରଖି ନ୍ୟୁଜିଲାଣ୍ଡ ଏବେ ୧୧୬ ରନ ପଛରେ ପଡିଛି।

ଟେଷ୍ଟ ରେକର୍ଡ ଦେଖିବାକୁ ଗଲେ ଯେତେବେଳେ ଭାରତ ପ୍ରଥମ ଇନିଂସରେ ୨୫୦ରୁ କମ୍ ରନ ସଂଗ୍ରହ କରିଛି ସେତେବେଳେ ଅଧିକ ସଂଖ୍ୟାରେ ମ୍ୟାଚ୍ ହାରିଛି। କିନ୍ତୁ ବର୍ଷା କାରଣରୁ ଏହି ଟେଷ୍ଟ ଡ୍ର ହେବାର ସମ୍ଭାବନା ବଢ଼ିଯାଇଛି। ଏପର୍ଯ୍ୟନ୍ତ ଭାରତ ୯୩ଟି ଟେଷ୍ଟରେ ପ୍ରଥମ ଇନିଂସରେ ୨୫୦ରୁ କମ୍ ରନ ସଂଗ୍ରହ କରିଛି। ଏଥିରେ ଭାରତ ୨୦ଟି ମୁକାବିଲାରେ ବିଜୟୀ ହୋଇଥିବା ବେଳେ ୫୪ଟିରେ ପରାଜୟ ବରଣ କରିଛି ଓ ୧୯ଟି ମ୍ୟାଚ୍ ଡ୍ର ରହିଛି।

ପଞ୍ଚମ ଦିବସରେ ସ୍ପିନରଙ୍କୁ ସହାୟତା ମିଳିବ ବୋଲି ଆଶା କରାଯାଉଛି। ତେଣୁ ଦୁଇ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ଭାରତ ପାଇଁ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି ଆଶା କରାଯାଉଛି। ପ୍ରଥମ ୩ ଦିନରେ ଦ୍ରୁତ ବୋଲର ପ୍ରଭାବୀ ସାବ୍ୟସ୍ତ ହେବେ ବୋଲି ଅନୁମାନ କରାଯାଉଥିଲା। ତେବେ ଶେଷ ଦୁଇ ଦିନରେ ସ୍ପିନର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ଏଭଳି ସ୍ଥିତିରେ ନ୍ୟୁଜିଲାଣ୍ଡ ସମସ୍ୟାରେ ପଡିବ। କାରଣ ନ୍ୟୁଜିଲାଣ୍ଡ ବିନା ସ୍ପିନରରେ ମ୍ୟାଚ୍‌ରେ ଅବତୀର୍ଣ୍ଣ ହୋଇଛି। ଅଧିନାୟକ ବିରାଟ କୋହଲି ବିଜୟ ପାଇଁ ରଣନୀତି ପ୍ରସ୍ତୁତ କରିବେ ବୋଲି ଆଶା କରାଯାଉଛି। ୪ ଦିନରେ ଫଳାଫଳ ନ ମିଳିଲେ ରିଜର୍ଭ ଡେ'ର ସହାୟତା ନିଆଯିବ। ବର୍ଷା କାରଣରୁ ନଷ୍ଟ ହୋଇଥିବାର ସମୟର ଭରଣା ପାଇଁ ୨୩ ତାରିଖ ରିଜର୍ଭ ଡେ'ରେ ଖେଳ ଆୟୋଜନ ହେବ। ତେବେ ଏ ସଂକ୍ରାନ୍ତରେ ପଞ୍ଚମ ଦିବସ ଖେଳ ଶେଷ ହେବାର ଗୋଟିଏ ଘଣ୍ଟା ପୂର୍ବରୁ ମ୍ୟାଚ୍ ରେଫରି ନିଷ୍ପତ୍ତି ନେଇ ଘୋଷଣା କରିବେ। ଚାମ୍ପିୟନ ଦଳକୁ ୧୬ ଲକ୍ଷ ଆମେରିକୀୟ ଡଲାର (୧୧.୭୧ କୋଟି ଟଙ୍କା) ଓ ରନର୍ସଅପ ଦଳକୁ ୮ ଲକ୍ଷ ଡଲାର (୫.୮୫ କୋଟି ଟଙ୍କା)ପୁରସ୍କାର ରାଶି ପ୍ରଦାନ କରାଯିବ। ଚାମ୍ପିୟନ ଦଳକୁ ଟେଷ୍ଟ ଚାମ୍ପିୟନଶିପ ମେସ୍ ଅର୍ଥାତ୍ ଗଦା ମଧ୍ୟ ପ୍ରଦାନ କରାଯିବ।

# ନିଜ ରେକର୍ଡ ଭାଙ୍ଗିଲେ ଦ୍ୟୁତୀ

**ଭୁବନେଶ୍ୱର (ସ୍ପୋର୍ଟ୍ସ ବ୍ୟୁରୋ) ୨୧।୬:** ଭାରତ ଦ୍ରୁତତମ ମହିଳା ତଥା ତାରକା ସ୍ପ୍ରିଣ୍ଟର ଦ୍ୟୁତୀ ଚାନ୍ଦ ଆଉ ଏକ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ପଟିଆଲାରେ ଚାଲିଥିବା ଭାରତୀୟ ଗ୍ରାଁ ପ୍ରିରେ ଦ୍ୟୁତୀ ନିଜ ଜାତୀୟ ରେକର୍ଡ ଭାଙ୍ଗି ନୂଆ କୀର୍ତ୍ତିମାନ ସ୍ଥାପନ କରିଥିଲେ ମଧ୍ୟ ଅଳ୍ପକେ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ହାସଲରୁ ବଞ୍ଚିତ ହୋଇଛନ୍ତି। ସୋମବାର ଅନୁଷ୍ଠିତ ୧୦୦ ମିଟର ରେସ୍‌ରେ ଦ୍ୟୁତୀ ୧୧.୧୭ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିଲେ। ଏହି ଇଭେଣ୍ଟରେ କର୍ଣ୍ଣାଟକର ଏ.ଟି. ଦାନେଶ୍ୱରୀ (୧୧.୪୮) ଓ ପଶ୍ଚିମବଙ୍ଗର ହିମାଶ୍ରୀ ରୟ (୧୧.୭୧) ଯଥାକ୍ରମେ ଦ୍ୱିତୀୟ ଓ



ତୃତୀୟ ସ୍ଥାନ ଅଧିକାର କରିଥିଲେ। ଦ୍ୟୁତୀଙ୍କ ପୂର୍ବ ଜାତୀୟ ରେକର୍ଡ ୧୧.୨୨ ଥିଲା। ଅଲିମ୍ପିକ କ୍ୱାଲିଫାଇଂ ମାର୍କ ୧୧.୧୫ ସେକେଣ୍ଡ ରହିଛି। ସେ ମାତ୍ର .୨ ସେକେଣ୍ଡ ପାଇଁ ସେ ଅଲିମ୍ପିକ୍ସକୁ କ୍ୱାଲିଫାଏ କରିପାରିନାହାନ୍ତି।

ଅଲିମ୍ପିକ୍ସ ଯୋଗ୍ୟତା ପାଇଁ ଦ୍ୟୁତୀଙ୍କ ପାଖରେ ଏବେ ଆଉ ଏକ ସୁଯୋଗ ରହିଛି। ପଟିଆଲାରେ ଆଗାମୀ ୨୫ରୁ ୨୯ ତାରିଖ ମଧ୍ୟରେ ଆୟୋଜନ ହେବାକୁ ଥିବା ୬୦ତମ ଇଣ୍ଟର-ଷ୍ଟେଟ ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ଦ୍ୟୁତୀ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲର ସୁଯୋଗ ପାଇବେ। ସେହିପରି ଦ୍ୟୁତୀ ଚାନ୍ଦ, ହିମା ଦାସ, ଏସ୍. ଧନଲକ୍ଷ୍ମୀ ଓ ଅର୍ଚ୍ଚନା ସୁସେନ୍ଦ୍ରନଙ୍କୁ ନେଇ ଗଠିତ ମହିଳା ୪x୪୦୦ ମିଟର ରିଲେ ଦଳ ୪୩.୩୭ ସେକେଣ୍ଡ ସମୟ ନେଇ ରେସ୍ ଜିତି ରେକର୍ଡ କରିଥିଲେ ମଧ୍ୟ ଅଲିମ୍ପିକ୍ ଯୋଗ୍ୟତା ହାସଲ କରିପାରିନାହାନ୍ତି। ପୂର୍ବରୁ ୨୦୧୬ରେ ଅଲମାଟିରେ ମେରିଲିନ୍ କେ. ଜୋସେଫ, ଏଚ୍.ଏମ. ଜ୍ୟୋତି, ଶ୍ରାବଣୀ ନନ୍ଦ ଓ ଦ୍ୟୁତୀ ୪୩.୪୨ ସେକେଣ୍ଡ ସମୟ ନେଇ ରେକର୍ଡ କରିଥିଲେ।




# ରାଣୀ ଅଧିନାୟିକା, ଦୀପ୍‌ଗ୍ରେସ୍ ଓ ସବିତା ଉପ ଅଧିନାୟିକା


ରାଣୀ ରାମପାଲ


ଦୀପ୍‌ଗ୍ରେସ୍ ଏକ୍କା


ସବିତା ପୁନିଆ

**ନୂଆଦିଲ୍ଲୀ, ୨୧।୬ (ପି.ଟି.)**

ଜୁଲାଇ ୨୩ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ହେବାକୁଥିବା ଟୋକିଓ ଅଲିମ୍ପିକ୍ସ ପାଇଁ ସୋମବାର ଷ୍ଟ୍ରାଇକର ହରିୟାଣାର ରାଣୀ ରାମପାଲ ଅଧିନାୟିକା ଏବଂ ଓଡ଼ିଶାର ଦୀପ୍‌ଗ୍ରେସ୍ ଏକ୍କା ଓ ହରିୟାଣାର ସବିତା ପୁନିଆଙ୍କୁ ଉପଅଧିନାୟିକା ଭାବେ ମନୋନୀତ କରାଯାଇଛି। ଟୋକିଓ ଗେମ୍ସ ପାଇଁ ଗତ ସପ୍ତାହରେ ଏକ ୧୬ ଜଣିଆ ଦଳ ଘୋଷଣା କରାଯାଇଥିଲା। ରାଣୀ ଦଳର ନେତୃତ୍ୱ ନେବେ ବୋଲି ଯଦିଓ ନିଶ୍ଚିତ ଥିଲା,କିନ୍ତୁ ବିଧିବଦ୍ଧ ଭାବେ ଘୋଷଣା କରାଯାଇ ନ ଥିଲା। ରାଣୀଙ୍କ ବଳିଷ୍ଠ ନେତୃତ୍ୱରେ ଭାରତୀୟ ମହିଳା ହକି ଦଳ ଗତ କିଛିବର୍ଷ ହେଲା ଉଲ୍ଲେଖନୀୟ ସଫଳତା ହାସଲ କରି ଆସୁଛି। ତନ୍ମଧ୍ୟରେ ୨୦୧୭ରେ ଏସିଆ କପ୍ ହାସଲ ଅନ୍ୟତମ। ତାଙ୍କ ଅଧିନାୟକତ୍ୱରେ ଭାରତ ୨୦୧୮ ଏସିଆନ ଗେମ୍ସ ଓ ୨୦୧୮ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ଜିତିପାରିଛି। ୨୦୧୯ରେ

**ଟୋକିଓ ଅଲିମ୍ପିକ୍ସ**

ଏଫ୍‌ଆଇଏଚ୍ ସିରିଜ୍ ଫାଇନାଲ ମଧ୍ୟ ଜିତିପାରିଛି। ଭାରତ ଆହୁରି ମଧ୍ୟ ରାଣୀଙ୍କ ନେତୃତ୍ୱରେ ଲଣ୍ଡନରେ ଅନୁଷ୍ଠିତ ୨୦୧୮ ଏଫ୍‌ଆଇଏଚ୍ ମହିଳା ବିଶ୍ୱକପ୍‌ରେ ପ୍ରଥମ ଥର କ୍ୱାର୍ଟରଫାଇନାଲରେ ପ୍ରବେଶ କରିପାରିଥିଲା। ଅଲିମ୍ପିକ ଗେମ୍ ପାଇଁ ରାଣୀଙ୍କୁ ଅଧିନାୟକ ଭାବେ ମନୋନୀତ କରାଯାଇଥିବାରୁ ମୁଖ୍ୟ କୋଚ୍ ଜୋର୍ଡ ମାରିଜନେ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଦୀପ୍‌ଗ୍ରେସ୍ ଏକ୍କା ଓ ସବିତାଙ୍କୁ ମଧ୍ୟ ସେ ଶୁଭେଚ୍ଛା ଜଣାଇଛନ୍ତି। ଏହି ୩ଜଣ ଦୀର୍ଘଦିନ ଧରି ଲିଡରଶିପ୍ ଗ୍ରୁପ୍‌ର ଅଂଶବିଶେଷ ରହି ଆସିଛନ୍ତି। ନିଜ ଦାୟିତ୍ୱ ତୁଲାଇବା ସହ କୋର୍ ଗ୍ରୁପ୍‌ରେ ବହୁ ୟଙ୍ଗଷ୍ଟାରଙ୍କୁ ଦିଗ୍‌ଦର୍ଶନ ଦେଇ ଆସିଛନ୍ତି। ଦୁଇଜଣଙ୍କୁ ଉପଅଧିନାୟକ କରାଯିବା ଯଥାର୍ଥ ବୋଲି ସେ କହିଛନ୍ତି। ଏହା ଦ୍ୱାରା ଭବିଷ୍ୟତ ପାଇଁ କୋର୍ ରିଜର୍ଭ ଗ୍ରୁପ୍ ଅଧିକ ଶକ୍ତିଶାଳୀ ହୋଇପାରିବ। ଟୋକିଓ ଗେମ୍ସରେ ଆମେ ବଡ଼ ସଫଳତା ହାସଲ କରିବା ଲାଗି ଲକ୍ଷ୍ୟ ରଖିଛୁ। ତେଣୁ ଏହି ୩ଜଣଙ୍କ ଭୂମିକା ଓ ଅଭିଜ୍ଞତା ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି।

# ସର୍ବାଧିକ ୧୦ହଜାର ସ୍ଥାନୀୟ ଦର୍ଶକଙ୍କୁ ଅନୁମତି

**ଟୋକିଓ, ୨୧।୬ (ଏପି)**

ଟୋକିଓ ଅଲିମ୍ପିକ୍ସକୁ ଦେଖିବାଲାଗି କିଛି ସ୍ଥାନୀୟ ଦର୍ଶକଙ୍କୁ ଅନୁମତି ଦିଆଯିବ। ଆୟୋଜକ କମିଟିର ଅଫିସିଆଲ ଓ ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି) ସୋମବାର ପ୍ରକାଶ କରିଛନ୍ତି। ସମସ୍ତ ଅଲିମ୍ପିକ ଭେନ୍ୟୁରେ ଦର୍ଶକ କ୍ଷମତାର ୫୦ ପ୍ରତିଶତ ଏବଂ ଅତିବେଶିରେ ୧୦ହଜାର ଖେଳପ୍ରେମୀଙ୍କୁ ଅନୁମତି ମିଳିବ। ଅନ୍‌ଲାଇନରେ ୫ ପକ୍ଷ ଯଥା ସ୍ଥାନୀୟ ଆୟୋଜକ, ଅନ୍ତର୍ଜାତୀୟ ଅଲିମ୍ପିକ କମିଟି, ଅନ୍ତର୍ଜାତୀୟ ପାରାଅଲିମ୍ପିକ କମିଟି, ଜାପାନ ସରକାର ଏବଂ ଟୋକିଓ ମେଟ୍ରୋପଲିଟାନ ସରକାରଙ୍କ ମଧ୍ୟରେ ଆଲୋଚନା ହେବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ନିଷ୍ପତ୍ତି ଯୋଗୁ ଗତ ସପ୍ତାହରେ ଦେଶର ଟପ୍ ଡାକ୍ତରୀ ପରାମର୍ଶଦାତା ଡ. ଶିଗେରୁ ଓମି ଦେଇଥିବା ପରାମର୍ଶକୁ ଏଡ଼ାଇ ଦିଆଯାଇଛି। କରୋନା ମହାମାରୀ ସମୟରେ ବିନା ଦର୍ଶକରେ ଅଲିମ୍ପିକ୍ସ ଆୟୋଜନ କରିବା ସବୁଠାରୁ ନିରାପଦ ବୋଲି ସେ କହିଥିଲେ। ଏହା ପୂର୍ବରୁ ବର୍ତ୍ତମାନ ପରିସ୍ଥିତିରେ ସେ ଅଲିମ୍ପିକ୍ସ ଆୟୋଜନ ସପକ୍ଷରେ ନ ଥିଲେ। ଟୋକିଓ ଗେମ୍ସ ଜୁଲାଇ ୨୩ରେ ଆରମ୍ଭ ହେବ। ଆୟୋଜକ କମିଟି ସଭାପତି ସିକୋ ହାଶିମୋତୋ କହିଛନ୍ତି, ମହାମାରୀ ପରିସ୍ଥିତିରେ ଯଦି ଉନ୍ନତି ପରିଲକ୍ଷିତ ହୁଏ ତେବେ ଆମେ କୋହଳତା ଅବଲମ୍ବନ କରିବୁ। ୫ ପକ୍ଷଙ୍କୁ ନେଇ ବୈଠକ ଡକାଇ ଅନ୍ୟ କେତେକ ନିଷ୍ପତ୍ତି ନେବୁ। ଗେମ୍ସ ବଳେ ଯଦି ଜରୁରିକାଳୀନ ପରିସ୍ଥିତି ଜାରି କରିବା ସ୍ଥିତି ସୃଷ୍ଟି ହୁଏ ତେବେ ଆବଶ୍ୟକ ସ୍ଥଳେ ବିନା ଦର୍ଶକରେ ଇଭେଣ୍ଟ ଆୟୋଜନ କଥା ବିଚାର କରାଯାଇପାରେ। ବହୁ ଦିନ ପୂର୍ବରୁ ବିଦେଶୀ ଦର୍ଶକଙ୍କୁ ବାରଣ କରାଯାଇସାରିଛି। ସ୍ଥାନୀୟ ଦର୍ଶକଙ୍କ ଲାଗି କଡ଼ା ନିୟମ କରାଯାଇଛି। ମାସ୍କ ପିନ୍ଧିବା ଲାଗି ବାଧ୍ୟତାମୂଳକ କରାଯାଇଛି। ଖେଳାଳିମାନଙ୍କୁ ଉତ୍ସାହିତ କରିପାରିବେ ନାହିଁ। ଇଭେଣ୍ଟ ଦେଖିସାରିବା ପରେ ସେମାନେ ସିଧାସଳଖ ଘରକୁ ଫେରିବେ।

# ଟ୍ରାନ୍ସଜେଣ୍ଡର ହୁବାର୍ଡଙ୍କୁ ଅଲିମ୍ପିକ୍ସ ଯୋଗ୍ୟତା



**ୱେଲିଂଟନ, ୨୧।୬ (ଏପି)**

ଲରେଲ ହୁବାର୍ଡ ଦୁଇ ଟିଟି ଲିଫ୍ଟରେ ୬୨୮ ପାଉଣ୍ଡ (୧୮୫ କିଲୋଗ୍ରାମ୍) ଉତ୍ତୋଳନ କରି ଟୋକିଓ ଅଲିମ୍ପିକ୍ସ ମହିଳା ସୁପର-ହେଭିୱେଟ୍ ଡିଭିଜନ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଫଳରେ ସେ ପ୍ରଥମ ଟ୍ରାନ୍ସଜେଣ୍ଡର ଆଥଲେଟ୍ ଭାବେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସୌଭାଗ୍ୟ ଲାଭ କରିବେ। ହୁବାର୍ଡଙ୍କୁ ବର୍ତ୍ତମାନ ୪୩ ବର୍ଷ ବୟସ। ଗେମ୍ସରେ ସେ ସବୁଠାରୁ ବୟସ୍କା ଭାରୋତ୍ତୋଳିକା ବିବେଚିତ ହେବେ। ଅଗଷ୍ଟ ୨ ବେଳକୁ ମହିଳା ୮୭ କେଜି (୧୯୨ ପାଉଣ୍ଡ)ରୁ ଊର୍ଦ୍ଧ୍ୱ କାଟାଗୋରି ପ୍ରତିଯୋଗିତା ପାଇଁ ର୍‌ୟାଙ୍କିଙ୍ଗ ତାଲିକାର ଚତୁର୍ଥ ସ୍ଥାନରେ ରହିବେ। ହୁବାର୍ଡ ୨୦୧୭ ବିଶ୍ୱଚାମ୍ପିୟନଶିପ୍‌ରେ ରୌପ୍ୟ, ସାମୋଆରେ ୨୦୧୯ ପ୍ୟାସିଫିକ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ୨୦୧୮ରେ ସେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗ ନେଇଥିଲେ। କିନ୍ତୁ ଆଘାତପ୍ରାପ୍ତ ହେବାରୁ ତାଙ୍କ କ୍ୟାରିୟରରେ ବାଧା ସୃଷ୍ଟି ହୋଇଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ପାର୍କ ଭିତରେ ମୃତଦେହ ଦାହ ଅଭିଯୋଗ

**ନୟାଗଡ଼ ଅଫିସ,୨୧।୬:** ନୟାଗଡ଼ ସହର ବଲାଙ୍ଗୀ ବନ୍ଧ ପରିସରରେ ମୃତଦେହ ପୋଡିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ସୋମବାର ରାତିରେ ଏକ ମୃତଦେହ ପୋଡା ଯାଉଥିବା ଅଭିଯୋଗ ହୋଇଥିଲା । ଟାଉନ ଥାନା ପୋଲିସ ଏହାର ତଦନ୍ତ କରି ଫେରିଛି । ମୃତଦେହ ବଲାଙ୍ଗୀ ପାର୍କରେ ନୁହେଁ, ବଲାଙ୍ଗୀ ପାହାଡ଼ରେ ପୋଡା ଯାଇଥିବା ଦେଖିବାକୁ ମିଳିଥିଲା । ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ମୃତଦେହ ଦାହ ସରିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

### ଗଣ ବଳାତ୍କାର ମାମଲା, ଫେରାର ଅଭିଯୁକ୍ତ ଗିରଫ

**ପାରଳାଖେମୁଣ୍ଡି,୨୧।୬(ଡି.ଏନ.ଏ.):** କାଶୀନଗର ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଗତବର୍ଷ ଜୁଲାଇ ମାସରେ ଗଣବଳାତ୍କାର କରାଯାଇଥିଲା। ଏହି ଘଟଣାର ସମସ୍ତ ଅଭିଯୁକ୍ତ ଫେରାର ହୋଇ ଆନ୍ଧ୍ରପ୍ରଦେଶରେ ଆତ୍ମଗୋପନ କରିଥିଲେ। ସେମାନଙ୍କ ମଧ୍ୟରୁ ପୂର୍ବରୁ ୭ ଜଣ ଗିରଫ ହୋଇ ଜେଲ ଯାଇଛନ୍ତି। ଫେରାର୍ ଥିବା ଅନ୍ୟ ଅଭିଯୁକ୍ତ ଟି.ବଳରାମଙ୍କୁ କାଶୀନଗର ପୋଲିସ କୌଣସି ସୂତ୍ରରୁ ଖବରପାଇ ଆନ୍ଧ୍ରପ୍ରଦେଶ ବିଜୟୱାଡ଼ାରୁ ଗିରଫ କରିଛି। ମାମଲା ନଂ. ୫୯/୨୦ରେ ସୋମବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ କହିଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

**ଶେରଗଡ଼,୨୧।୬(ଡି.ଏନ.ଏ.):** ଶେରଗଡ଼ ବ୍ଲକ ହାଡିତିରା ଗ୍ରାମରେ ରବିବାର ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଶମ୍ଭୁ ମହାରଣା (୩୦)। ରବିବାର ଘରେ କେହି ନ ଥିବା ସୁଯୋଗ ନେଇ ଶମ୍ଭୁ ଘରର ଛାତ ଉପରେ ଲାଗିଥିବା ହୁକରେ ବେକରେ ଗାମୁଛା ଲଗାଇ ହତ୍ମହତ୍ୟା କରିଥିଲେ। କିଛି ସମୟ ପରେ ସ୍ତ୍ରୀ ଘରକୁ ଆସି ଶମ୍ଭୁଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖି ଶେରଗଡ଼ ଥାନାରେ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଛି। ଏନେଇ ଶେରଗଡ଼ ଥାନାରେ ନଂ.୧/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବେଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୋଲିସ କହିଛି।

### ଗାଡ଼ି ଧକ୍କାରେ ୨ ଗୋରୁ ମୃତ

**ଖଜୁରିପଡ଼ା/ ବଲସକୁମ୍ପା, ୨୧।୬ (ଡି.ଏନ.ଏ.):** ଫୁଲବାଣୀଠାରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ୫୭ନଂ. ଜାତୀୟ ରାଜପଥର ଦୃତିପଡା ମେକାନି ସାହିରେ ରବିବାର ରାତିରେ କୌଣସି ଏକ ଗାଡ଼ି ଧକ୍କାରେ ଦୁଇ ଗୋରୁଙ୍କ ମୃତ୍ୟୁ ଘଟିଛି। ସକାଳେ ଲୋକେ ଗୋରୁର ମୃତଦେହ ଦେଖି ଜମା ହୋଇଥିଲେ। କିନ୍ତୁ ଗୋରୁ ମାଲିକ କିଏ ତାହା ଜଣାପଡିନାହିଁ।

### ନବବଧୂଙ୍କ ମୃତ୍ୟୁ ଘଟଣା, ସ୍ୱାମୀ ଗିରଫ

**ଛତ୍ରପୁର,(ଡି.ଏନ.ଏ.):** ଛତ୍ରପୁର ଥାନା ଅଧୀନ ରାଜପୁର ଗ୍ରାମରେ ନବବଧୂ ପ୍ରିୟଙ୍କା ଗୌଡ଼ଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣାରେ ସ୍ୱାମୀ ତପନ ଗୌଡଙ୍କୁ ପୋଲିସ ଗିରଫ କରିଛି । ଗତ ୧୪ ତାରିଖରେ ପ୍ରିୟଙ୍କାଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଥିଲା। ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଝିଅକୁ ମାରି ଦେଇଥିବା ପ୍ରିୟଙ୍କାଙ୍କ ବାପା ଦିଗପହଣ୍ଡି ଥାନା ଅଧିନ ନରସିଂହପୁର ଗ୍ରାମର ବାବୁ ଗୌଡ ଛତ୍ରପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୨୮୮/୨୧ରେ ମାମଲା ରୁଜୁ କରି ସ୍ୱାମୀ ତପନଙ୍କୁ ଅଟକ ରଖି ତଦନ୍ତ ଚଳାଇଥିଲା। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରିୟସ ରଞ୍ଜନ ଛୋଟରାୟ କହିଛନ୍ତି ।

### କୂଅରେ ପଡ଼ି ଶିଶୁ ମୃତ

**ଆର.ଉଦୟଗିରି,୨୧।୬(ଡି.ଏନ.ଏ.):** ଆର.ଉଦୟଗିରି ଥାନା ମହେନ୍ଦ୍ରଗଡ଼ ଗ୍ରାମରେ ଖେଳୁଥିବା ବେଳେ ଘର ପଛପଟେ ଥିବା ଏକ କୂଅରେ ପଡ଼ି ରବିବାର ଦୁଇବର୍ଷ ଶିଶୁପୁତ୍ରର ମୃତ୍ୟୁ ଘଟିଛି। ସେ ହେଲେ ଗଞ୍ଜାମ ଜିଲା ଦିଗପହଣ୍ଡି ନିକଟସ୍ଥ ମାଟିଆପୁର ଗ୍ରାମର ଦିଲୀପ ପାତ୍ରଙ୍କ ପୁତ୍ର କ୍ରିଷ୍ଣା। ଦିଲୀପ ତାଙ୍କ ପରିବାର ସହ ମହେନ୍ଦ୍ରଗଡ଼ରେ ରହୁଥିବା ନିଜ ଭାଇ ଘରକୁ ବୁଲିବାକୁ ଆସିଥିଲେ। ଶିଶୁଟି ରବିବାର ସନ୍ଧ୍ୟାରେ ସ୍ଥାନୀୟ ପିଲାଙ୍କ ସହ ଖେଳୁଥିବା ବେଳେ ହଠାତ କୂଅ ଭିତରକୁ ଖସି ପଡିଥିଲା। ଜଣେ ବ୍ୟକ୍ତି କୂଅକୁ ଯାଇ ଶିଶୁଟିକୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ କୂଅର ନନ୍ଦ ଖସିଯିବାରୁ ତାହା ସମ୍ଭବ ହୋଇ ନ ଥିଲା।

# ଏମ୍‌କେସିଜି କୋଭିଡ୍ ହସ୍ପିଟାଲ-୧ ବନ୍ଦ ନିର୍ଦ୍ଦେଶ

**ଛତ୍ରପୁର,୨୧।୬(ଡି.ଏନ.ଏ.)**

ଗଞ୍ଜାମ ଜିଲାର ଯେଉଁ କୋଭିଡ୍ ଚିକିତ୍ସା କେନ୍ଦ୍ରରେ କୌଣସି ରୋଗୀ ନାହାନ୍ତି ସେଗୁଡିକ ପର୍ଯ୍ୟାୟକ୍ରମେ ବନ୍ଦ କରିବାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ନିର୍ଦ୍ଦେଶ ଦେଇଛନ୍ତି। ବ୍ରହ୍ମପୁର ଏମ୍‌କେସିଜି ମେଡିକାଲର ଡିସିଏଚ-୧ ବନ୍ଦ କରି ଡିସିଏଚ-୨କୁ ଚାଲୁ ରଖିବା ଲାଗି ପଦକ୍ଷେପ ନେବାକୁ ଏମ୍‌କେସିଜି ପ୍ରଶାସନିକ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଜିଲାର ଚିକିତ୍ସା କେନ୍ଦ୍ରଗୁଡିକର ସ୍ଥିତି ଏବଂ ସେଠାରେ ଉପଲବ୍ଧ ଥିବା ସୁବିଧା ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କୁ ଯାଞ୍ଚ କରିବେ। ଜିଲାସ୍ତରୀୟ ନିର୍ଦ୍ଦେଶକୁ ଅପେକ୍ଷା ନ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସିଡିପିଓ କିମ୍ବା ସଂପୃକ୍ତ ଅଧିକାରୀମାନେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା ହୋଇଥିବା ଆଶୀର୍ବାଦ ଯୋଜନାର ହିତାଧିକାରୀ ଚୟନ ପ୍ରକ୍ରିୟା ନିଜଆଡୁ ଆରମ୍ଭ କରିବାକୁ ଜିଲାପାଳ ସୋମବାର ଭିଡିଓ କନଫରେନ୍ସରେ ହୋଇଥିବା କୋଭିଡ ପରିଚଳାନା ବୈଠକରେ କହିଛନ୍ତି। ରାଜ୍ୟ ସରକାରଙ୍କ



ବୈଠକରେ ଉପସ୍ଥିତ ଜିଲ୍ଲାପାଳ ଓ ଅନ୍ୟମାନେ।

- **ରୋଗୀ ନ ଥିବା ସିଏଚ୍‌ସି ବି ବନ୍ଦ ହେବ**
- **ଲକ୍ଷଣ ଜନିତ ଔଷଧ ବିକ୍ରି ତଥ୍ୟ ବାହାର କର**

ନିର୍ଦ୍ଦେଶ ପ୍ରକାରେ ଜିଲାରେ ଏବେ ସକାଳ ୭ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାଯାଉଛି। ଦୋକାନୀ ପଞ୍ଚସୂତ୍ର ନିୟମ ପାଳନ କରୁଛନ୍ତି କି ନାହିଁ ସେ ଦିଗରେ ଚଢାଉକୁ ବ୍ୟାପକ କରିବାକୁ ଜିଲାପାଳ କହିଛନ୍ତି। ଔଷଧ ଦୋକାନ ବ୍ୟବସାୟୀ ସଂଘ ସହ ଯୋଗସୂତ୍ର ରକ୍ଷାକରି ବର୍ତ୍ତମାନ ସ୍ଥିତିରେ କେଉଁ ଔଷଧର ବ୍ୟାପକ ବିକ୍ରି ହେଉଛି ଏବଂ କେଉଁ ଲକ୍ଷଣ ଜନିତ ଔଷଧ ଅଧିକ ମାତ୍ରାରେ ବିକ୍ରି ହେଉଛି ସ୍ୱାସ୍ଥ୍ୟ ଅଧିକାରୀମାନେ ଜୁମ ବୈଠକ କରି ତଥ୍ୟ ରଖିବାକୁ କୁହାଯାଇଛି। ଜିଲାର ଯେ କୌଣସି ବୈଠକରେ ପ୍ରଥମ ୫ ମିନିଟ କୋଭିଡ୍ ସଚେତନତା ସମ୍ପର୍କିତ ଆଲୋଚନା କରିବାକୁ ଜିଲାପାଳ କହିଛନ୍ତି। ରାତିରେ ମଦଦୋକାନ ଖୋଲାଯାଉଥିବା ନଜରକୁ ଆସୁଛି। ସେ ଦିଗରେ ତହସିଲଦାରମାନେ ଚଢାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବାହାଘର ଭୋଜି, ବଣଭୋଜି ଇତ୍ୟାଦି ଚଢାଉ କାର୍ଯ୍ୟକୁ ବ୍ୟାପକ କରିବାକୁ କୁହାଯାଇଛି। ଜବତ ହେଉଥିବା ରନ୍ଧା ଖାଦ୍ୟକୁ ନଷ୍ଟ ନ କରି ତାର ସୁଷମ ବଣ୍ଟନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ।

# ରିମାଣ୍ଡ ଅବଧି ସରିଲା, ଜେଲ ଗଲେ ସାଗର

**ଧୁନ୍ଦୁଗାଡ଼ିଆ ଶିଶୁକନ୍ୟା ବଳାତ୍କାର, ହତ୍ୟା ଘଟଣା**

**ନୟାଗଡ଼ ଅଫିସ,୨୧।୬**

ନୟାଗଡ଼ ଜିଲା ବାଣିଗୋଛା ଥାନା ଧୁନ୍ଦୁଗାଡିଆ ଗାଁରେ ଘଟିଥିବା ୫ ବର୍ଷୀୟା ଶିଶୁକନ୍ୟା ବଳାତ୍କାର ଓ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ସାଗର ଦଳେଇଙ୍କ ୩ ଦିନିଆ ରିମାଣ୍ଡ ସୋମବାର ଶେଷ ହୋଇଛି । ବାଣିଗୋଛା ଥାନା ପୋଲିସ ତାଙ୍କୁ କୋର୍ଟରେ ହାଜର କରାଇବା ପରେ ପୁଣି ଥରେ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ରିମାଣ୍ଡ ସମୟରେ ଶିଶୁକନ୍ୟା ହତ୍ୟାର ଗୁମର ଖୋଲିଛନ୍ତି ସାଗର। ଏପରିକି ସେ ହତ୍ୟା ଓ ବଳାତ୍କାର ଘଟଣାର ଡେମୋ ଦେଖାଇଛନ୍ତି ।

ପ୍ରକାଶ ଯେ, ଧୁନ୍ଦୁଗାଡିଆ ଗାଁ ଦାଣ୍ଡରେ ଗତ ୧୨ ତାରିଖରେ ଖେଳୁଥିବା ବେଳେ ଜଣେ ୫ ବର୍ଷୀୟା ଶିଶୁକନ୍ୟା ହଠାତ୍ ନିଖୋଜ ହୋଇଯାଇଥିଲେ । ପରିବାର ପକ୍ଷରୁ ବିଭିନ୍ନ ସ୍ଥାନ ଖୋଜାଖୋଜି ପରେ ଝିଅକୁ ପାଇ ନ ଥିଲେ। ପୋଲିସ ବି ତାଙ୍କ ସନ୍ଧାନ ପାଇ ନ ଥିଲା। ତେବେ ଗତ ୧୭ ତାରିଖରେ ପୋଲିସ ସାଗରଙ୍କୁ ଗିରଫ କରିଥିଲା। ସେ ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଏହାପରେ ପୋଲିସ ଶିଶୁକନ୍ୟାଙ୍କ ଗଳିତ ମୃତଦେହ ମୁଣ୍ଡ ଗଣ୍ଡି ଅଲଗା ଅବସ୍ଥାରେ ଜବତ କରିଥିଲା । ସାଗରଙ୍କ ବିରୋଧରେ ଅପହରଣ, ବଳାତ୍କାର ଓ ହତ୍ୟା ଦଫା ଲାଗିଥିଲା ।



ଅଭିଯୁକ୍ତ ସାଗର ଦଳେଇ।

# ମାମଲା ରୁଜୁକରି ଚୁପ୍ ବସିଛି ପୋଲିସ

**ବଳାତ୍କାର ଅଭିଯୋଗକୁ ଚାପିଦେବାକୁ ଉଦ୍ୟମ**

**ନୟାଗଡ଼ ଅଫିସ,୨୧।୬**

ନୟାଗଡ଼ ଜିଲା ନୂଆଗାଁ ଥାନା ମହିପୁର ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକା ଅପହରଣ ଓ ବଳତ୍କାର ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହେଉଛି । ବାଧ୍ୟବାଧକତାରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରୁ ନ ଥିବା ନାବାଳିକାଙ୍କ ପରିବାର ଲୋକେ କହିଛନ୍ତି ।

ଅଭିଯୋଗ ଅନୁଯାୟୀ, ଗତ ୯ ତାରିଖ ରାତିରେ ନାବାଳିକା ବାହାରକୁ ଯିବା ପାଇଁ ବାରିପଟ କବାଟ ଖୋଲିଥିଲେ । ଏହି ସମୟରେ ଦଶପଲ୍ଲା ଥାନା ତୁମାଣ୍ଡି ବେହେରା ସାହିର ଗଣେଶ ଦାସ(୨୦) ତାଙ୍କୁ ଅପହରଣ କରି ନେଇଥିଲେ । ଗଣେଶ କୃଷ୍ଣଚନ୍ଦ୍ରପୁର ଗାଁର ବିଦ୍ୟାଧର ସାହୁଙ୍କ ଘରେ ଓ ନିଜ ଗାଁରେ ନାବଳିକାଙ୍କୁ ରଖି ବଳାତ୍କାର କରିଥିଲେ । ଏଥିରେ ବିଦ୍ୟାଧରଙ୍କ ଦୁଇ ପୁତ୍ର ଓ ସ୍ତ୍ରୀ ବି ସହଯୋଗ କରିଥିଲେ। ଏନେଇ ଥାନାରେ ଅଭିଯୋଗ କଲେ ଜୀବନରୁ ମାରି ଦେବାକୁ ଧମକ ମିଳିଥିଲା । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ହୋଇଥିଲେ ମଧ୍ୟ ପୋଲିସର ସହଯୋଗ ମିଳି ନ ଥିଲା। ନୟାଗଡ଼ ଚାଇଲ୍ଡ ଲାଇନ ପକ୍ଷରୁ ଗତ ୧୨ ତାରିଖରେ ଗଣେଶଙ୍କ ଘରେ ଚଢ଼ାଉ କରାଯାଇ ନାବଳିକାଙ୍କୁ ଉଦ୍ଧାର କରାଯାଇଥିଲା । ଏହାପରେ ନାବାଳିକା ବାରମ୍ବାର ଥାନାକୁ ଯିବା ପରେ ପୋଲିସ ଗତ ୧୯ ତାରିଖରେ ଏତଲା ରଖି ଏକ ମାମଲା ରୁଜୁ କରିଥିଲା । ଏହି ଘଟଣାରେ ଗଣେଶ ଦାସ, ବିଦ୍ୟାଧର ସାହୁ, ବିଦ୍ୟାଧରଙ୍କ ସ୍ତ୍ରୀ, ୨ ପୁଅ ଆକାଶ ଓ ବିକାଶ ସମ୍ପୃକ୍ତ ଥିବାରୁ ପୋଲିସ ସମସ୍ତଙ୍କୁ ଉକ୍ତ ମାମଲା(ନଂ.୮୨/୨୧)ରେ ଛନ୍ଦି ଥିଲା। ହେଲେ କାହାରିକୁ ଆଜି ପର୍ଯ୍ୟନ୍ତ ଗିରଫ କରାଯାଇପାରିନାହିଁ। ଏନେଇ ନୂଆଗାଁ ଥାନା ଅଧିକାରୀ ରମେଶ ଦେବତା କୁହନ୍ତି, ବଳତ୍କାର ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି । ହେଲେ ଅଭିଯୁକ୍ତମାନେ ଫେରାର ଅଛନ୍ତି । ପୋଲିସ ଜାଣିଶୁଣି ସେମାନଙ୍କୁ ଗିରଫ କରୁ ନ ଥିବା ଅଭିଯୋଗର ସତ୍ୟତା ନାହିଁ । ପୋଲିସ କାହା ଚାପରେ କାମ କରୁନି ବୋଲି ସେ କହିଛନ୍ତି ।

### ଦଶପଲ୍ଲାରେ ଯୋଗ ଦିବସ

**ଦଶପଲ୍ଲା,୨୧।୬(ଡି.ଏନ.ଏ.)**

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଦଶପଲ୍ଲା ମଣ୍ଡଳ ପକ୍ଷରୁ ସୋମବାର ଆନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି । ସରକାରଙ୍କ କୋଭିଡ୍ କଟକଣାକୁ ଆଖିରେ ରଖି ଅନ୍ ଲାଇନ୍ ମାଧ୍ୟମରେ ଯୋଗ ଶିବିର ଆୟୋଜନ କରାଯାଇଥିଲା । ବିଭିନ୍ନ ସ୍ଥାନରୁ ୫୦ଜଣ ସ୍ୱୟଂ ସେବକ ଯୋଗାଭ୍ୟାସ କରିଥିଲେ । ସରୋଜ ମିଶ୍ର, ଭଗବାନ ଦେହୁରୀ, ହୃଷିକେଶ ବାରିକ, ଧ୍ରୁବଚରଣ ସାହୁ, ହୃଷିକେଶ ପ୍ରଧାନ ପ୍ରମୁଖ ଯୋଗର ଆବଶ୍ୟକତା, ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ଦଶପଲ୍ଲା ବ୍ଲକ ବାଣିଗୋଛା ମଣ୍ଡଳ ପକ୍ଷରୁ ଆନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଥିଲା । ଏହି ଉପଲକ୍ଷେ ଖମଣ ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଯୋଗ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ପ୍ରମୋଦ କୁମାର ଜେନା (କୁନୁ), ଦେବଶର କହଁର, ଜଗନ୍ନାଥ ନାୟକ, ଚନ୍ଦ୍ର ଶେଖର କହଁର, ନିରାକାର ବାଘ ପ୍ରମୁଖ ଯୋଗ ଅଭ୍ୟାସ କରିବା ସହ ଅନ୍ୟମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

# ରୁକ୍ମିଣୀଙ୍କୁ ହରଣ କରି ବିବାହ କଲେ ଶ୍ରୀକୃଷ୍ଣ



ରୁକ୍ମିଣୀଙ୍କ ବିବାହକୁ ଶିଶୁପାଳ ଅଟକାଇବାକୁ ଚେଷ୍ଟା କରୁଛନ୍ତି ।

**ଖଣ୍ଡପଡା,୨୧।୬ (ସ୍ୱ.ପ୍ର.)**

ଦ୍ୱାରିକାଧିପତି ଶ୍ରୀକୃଷ୍ଣ ରୁକ୍ମିଣୀକୁ ହରଣ କରି ଆଣି ବିବାହ କରିବା ପରମ୍ପରା ସୋମବାର କଣ୍ଟିଲୋ ନୀଳମାଧବ ମନ୍ଦିରରେ ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି । ଜ୍ୟେଷ୍ଠ ଶୁକ୍ଳ ପକ୍ଷ ଏକାଦଶୀ ତିଥିରେ ଶ୍ରୀକୃଷ୍ଣ ରୁକ୍ମିଣୀଙ୍କୁ ହରଣ କରିଥିବାରୁ ଆଜିର ଦିନକୁ ରୁକ୍ମିଣୀ ହରଣ ଏକାଦଶୀ ବୋଲି କୁହାଯାଏ । ନୀଳମାଧବ ଜୀଉଙ୍କ ବେଢ଼ା ପରିସରରେ ଥିବା ପାଦୁକ କୁଣ୍ଡ ନିକଟରେ ଶ୍ରୀକୃଷ୍ଣଙ୍କ ସହ ଭେଟ ହୋଇଥିଲା ଶିଶୁପାଳଙ୍କର। ଶିଶୁପାଳ ଭାବେ ଦାଶରଥି କର ଖଣ୍ଡା ଧରି ଶ୍ରୀକୃଷ୍ଣଙ୍କ ଏହି କାର୍ଯ୍ୟକୁ ବାଧା ଦେବାରେ ବରପକ୍ଷ ଶିଶୁପାଳଙ୍କୁ ବାନ୍ଧି ପକାଇଥିଲେ। ତାଙ୍କ ସମ୍ମୁଖରେ ରୁକ୍ମିଣୀଙ୍କୁ ଧରି ଶ୍ରୀକୃଷ୍ଣ ଫେରିଥିଲେ । ତା' ପରେ ଶିଶୁପାଳ ନିରାଶ ହୋଇ ସ୍ୱ ଗୃହକୁ ଫେରି ଯାଇଥିଲେ। ପରେ ଶ୍ରୀଜୀଉଙ୍କୁ ଅପରାହ୍ଣ ସାଢ଼େ ୫ଟାରେ ମୁକ୍ତିମଣ୍ଡପକୁ ବିଜେ କରାଯାଇଥିଲା। ଦେବନୀତି କ୍ରମେ ବିବାହ କାର୍ଯ୍ୟ ସଂପନ୍ନ ହୋଇଥିଲା । ଏହି ମାଙ୍ଗଳିକ କାର୍ଯ୍ୟରେ ପୁରୋଧା ଭାବେ ବାସୁଦେବ ମିଶ୍ର, ପୂଜାରୀ ଭାବେ ପ୍ରସନ୍ନ ମିଶ୍ର, କନ୍ୟାପିତା ଭାବେ ଜୟକୃଷ୍ଣ ମିଶ୍ର ଏବଂ ବର ପିତା ଭାବେ ଲକ୍ଷ୍ମଣ ମିଶ୍ର ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ । ବୃଦ୍ଧ ବ୍ରାହ୍ମଣ ବେଶରେ ସଞ୍ଜୀବ ମିଶ୍ର ଉପସ୍ଥିତ ଥିଲେ ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଶାକର୍ମୀଙ୍କ ସ୍ମାରକପତ୍ର

**ନୟାଗଡ଼ ଅଫିସ,୨୧।୬**

କରୋନା ଯୋଦ୍ଧାର ମାନ୍ୟତା ସହ କୋଭିଡ୍ ପରିସ୍ଥିତିରେ କାମ କରୁଥିବା ଆଶାକର୍ମୀଙ୍କ ମୃତ୍ୟୁ ହେଲେ ୫୦ ଲକ୍ଷ ଟଙ୍କାର ସହାୟତା ଦେବାକୁ ଦାବି ହୋଇଛି । ଏ ନେଇ ଆଶାକର୍ମୀମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସିଡିଏମ୍‌ଓଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଅନ୍ୟପକ୍ଷେ କରୋନା ପ୍ରୋତ୍ସାହନ ରାଶି ମାସକୁ ୫ ହଜାର ଟଙ୍କା, ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୧୦ ହଜାର ଟଙ୍କାର କରୋନା ପ୍ୟାକେଜ ପ୍ରଦାନ, ମୋବାଇଲ ସହ ପ୍ରତିମାସ ୧୦ ତାରିଖ ସୁଦ୍ଧା ପାରିଶ୍ରମିକ ପ୍ରଦାନର ବ୍ୟବସ୍ଥା କରିବାକୁ ଏହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି । ଓଡିଶା ରାଜ୍ୟ ଆଶା କର୍ମୀ ସଂଘର ନୟାଗଡ଼ ଶାଖା ଜିଲା ସଭାପତି ସୁଲୋଚନା ସେଠୀଙ୍କ ନେତୃତ୍ୱରେ ଏହି ସ୍ମାରକପତ୍ର ଅନୁରୂପ ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା, ନୟାଗଡ଼ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି ।




ସିଡିଏମ୍‌ଓଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଆଶାକର୍ମୀମାନେ ।

### ଠେଙ୍ଗାରେ ପିଟି ଜଣଙ୍କୁ ହତ୍ୟା ଅଭିଯୋଗ

**ଭଞ୍ଜନଗର,୨୧।୬(ଡି.ଏନ.ଏ)**

ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅନ୍ତର୍ଗତ ପଇତା ଗାଁର ଜଣେ ବ୍ୟକ୍ତିଙ୍କୁ ରବିବାର ରାତିରେ ଠେଙ୍ଗାରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ କାଳିଆ ଗୌଡ (୫୪)। ପୋଲିସ ମୃତଦେହକୁ ଜବତ କରି ସୋମବାର ସ୍ଥାନୀୟ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇଛି। ମୃତ କାଳିଆଙ୍କ ପୁତୁରା ତ୍ରିନଜ ଗୌଡଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୨୫୭/୨୧ରେ ହତ୍ୟା ମାମଲା ରୁଜୁ କରିବା ସହ ୩ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି । ଏସ୍‌ଡିପିଓ ଶୁଭ୍ରାଂଶୁ ମିଶ୍ର, ଥାନା ଅଧିକାରୀ ସୁଦୀପ୍ତ ସାହୁଙ୍କ ସମେତ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ ଚଳାଇଛନ୍ତି ।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଯୋଗ କରିବାକୁ ଆହ୍ୱାନ

**ଗଣିଆ,୨୧।୬ (ଡି.ଏନ.ଏ.)**

ଗଣିଆ ବ୍ଲକ ରାସଙ୍ଗ ପଞ୍ଚାୟତର ଓସ୍ତିଆ ଓ ଆଡ଼କଟା ପଞ୍ଚାୟତର ଜଗନ୍ନାଥପ୍ରସାଦ ଗାଁରେ ସୋମବାର ଯୋଗ ଦିବସ ଅବସରରେ ଯୋଗ ଶିବିର ଅନୁଷ୍ଠିତ ହୋଇଥିଲା । ଯୋଗ ଶିକ୍ଷକମାନଙ୍କ ଦ୍ୱାରା ଯୁବଗୋଷ୍ଠୀମାନଙ୍କୁ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ଆଦି ସମ୍ପର୍କରେ ତାଲିମ ଦିଆଯାଇଥିଲା । ଯୋଗଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ଶରୀରକୁ ସୁସ୍ଥ ଓ ନୀରୋଗ ରଖିବା ପାଇଁ ପୁରାଣ ଯୁଗରେ ମୁନିଋଷିମାନେ ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ଯୋଗ, ପ୍ରାଣାୟାମ କରିଆସୁଥିଲେ। ମହାମାରୀ କରୋନା ସମୟରେ ଘରେ ରହି ଯୋଗାଭ୍ୟାସ କଲେ ଶରୀର ସୁସ୍ଥ ଓ ନୀରୋଗ ରହିବ ବୋଲି ଯୋଗ ଶିକ୍ଷକମାନେ କହିଥିଲେ । ଯୋଗଶିକ୍ଷକ ଶୁଭାଶିଷ ମିଶ୍ର, ବିଶ୍ୱଜିତ୍ ମିଶ୍ର ଓ ସିଲୁ ମୁଦୁଲିଙ୍କ ପ୍ରତ୍ୟକ୍ଷ ଯୋଗାଭ୍ୟାସ ରାସଙ୍ଗ ପଞ୍ଚାୟତର ୨୦ଟି ସ୍ଥାନରେ କରାଯାଇଥିଲା । ଏହି ଯୋଗାଭ୍ୟାସ ପାଇଁ ୨୦ଟି ସ୍ଥାନରେ ପ୍ରାୟ ଶତାଧିକ ବ୍ୟକ୍ତି ଯୋଗଦେଇ ଯୋଗଶିକ୍ଷା କରିବା ସହ ଯୋଗ ଦିବସକୁ ପାଳନ କରିଥିଲେ । ସେହିପରି ଆଡ଼କଟା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମରେ ଯୋଗଶିକ୍ଷକ ରାଜକିଶୋର ସାହୁ ଗ୍ରାମର ଯୁବକମାନଙ୍କୁ ନେଇ ଯୋଗାଭ୍ୟାସ କରିଥିଲେ ।

# ଟିକା ପ୍ରମାଣପତ୍ର ନ ଲଗାଇଲେ ଖୋଲିବନି ଦୋକାନ

**ଛତ୍ରପୁର,୨୧।୬(ଡି.ଏନ.ଏ.)**

କରୋନା ତୃତୀୟ ଲହରଠାରୁ ବର୍ତ୍ତିବା ପାଇଁ ଟିକାକରଣ ଜରୁରୀ। ତେଣୁ ଟିକାକରଣ କାର୍ଯ୍ୟକ୍ରମ ଠିକ୍ ପରିଚଳାନା କରିବା ଓ ଏହା ସଫଳ ହେବା ଆବଶ୍ୟକ । ଦୈନିକ ଟିକାକରଣ ଲକ୍ଷ୍ୟ ପୂରଣ ଦିଗରେ ସମସ୍ତ ଅଧିକାରୀ, କର୍ମଚାରୀ ଗୁରୁତ୍ୱ ଦେବାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର ଅନୁଷ୍ଠିତ ବୈଠକରେ ଜଣାଇଛନ୍ତି । ପ୍ରାପ୍ତ ଟିକାର ସ୍ଥିତି ଅନୁଯାୟୀ ଦୈନିକ ଲକ୍ଷ୍ୟଧାର୍ଯ୍ୟ ଟିକାକରଣ ଯେପରି ପୂର୍ଣ୍ଣ ହେବ ସେଥିସକାଶେ ଚେଷ୍ଟା କଲେ ଜିଲାବାସୀ ଟିକା ନେଇପାରିବେ ବୋଲି ଜିଲାପାଳ ଅବଗତ କରାଇଥିଲେ । ପ୍ରାଥମିକତା ଭିତ୍ତିରେ ଦୋକାନୀ , ଟ୍ୟାକ୍ସି ଓ ଅଟୋ ଡ୍ରାଇଭର୍, ହାଟ ବଜାରର ବ୍ୟବସାୟୀମାନଙ୍କୁ ଟିକା ଦିଆଯିବ । ଏଥିସହିତ ବଡ଼ ବଡ଼ ବଜାର ଏବଂ ପର୍ଯ୍ୟଟନ ସ୍ଥଳରେ ଥିବା ଦୋକାନୀଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଇ ଟିକାକରଣ କରାଯିବ। ଦୋକାନୀ ଓ ଦୋକାନ କର୍ମଚାରୀମାନେ ଟିକା ନେଇଥିବାର ପ୍ରମାଣପତ୍ର ନିଜ ଦୋକାନ ସମ୍ମୁଖରେ ଦର୍ଶାଇବେ। ଯଦି ଦୋକାନୀ ଟିକା ପ୍ରମାଣପତ୍ର ନିଜ ଦୋକାନ ସମ୍ମୁଖରେ ନ ଲଗାନ୍ତି ତେବେ ସେହି ଦୋକାନ ଖୋଲିବାକୁ ଅନୁମତି ଦିଆଯିବ ନାହିଁ ବୋଲି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲାରେ ସୋମବାରଠାରୁ ଟିକା କ୍ୟାମ୍ପେନ ଆରମ୍ଭ ହୋଇଛି । ଦୈନିକ ୩୦ ହଜାର ୨୦୦ ଜଣଙ୍କୁ ଟିକା ଦେବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲକ୍ଷ୍ୟ ରଖାଯାଇ ପ୍ଲାନ ପ୍ରସ୍ତୁତ ହୋଇଛି। ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି, ଭଞ୍ଜନଗର ଓ ଆସିକା ଏନଏସିରେ ୫୦୦ ଲେଖାଏ ଟିକା ଦେବା ଲକ୍ଷ୍ୟ ରହିଛି ।




ଟିକା ଦିଆଯାଉଛି।

- **ଗଞ୍ଜାମରେ ଦୈନିକ ୩୦,୨୦୦ ଜଣଙ୍କୁ ଟିକାକରଣ ଲକ୍ଷ୍ୟ**
- **୨୬.୩୮ ଲକ୍ଷ ଲୋକଙ୍କୁ ଦିଆଯିବ ଟିକା**

### ମହିଳାଙ୍କୁ ହତ୍ୟା ଅଭିଯୋଗ ଘଟଣା ସ୍ୱାମୀ ଗଲେ ଜେଲ

**ବୁଗୁଡ଼ା,୨୧।୬ (ଡି.ଏନ.ଏ.)**

ବୁଗୁଡ଼ା ଥାନା ମାଣିକପୁର ଗ୍ରାମରେ ରବିବାର ରିଜା ସାହୁଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବାଲିପଦର ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ମାଣିକପୁର ଗ୍ରାମର ଗୋପାଳ ଚନ୍ଦ୍ର ସାହୁ। ମାମଲା ନଂ. ୩୦୩/୨୧ ଅନୁଯାୟୀ ଜାମିନ ନ ମିଳିବାରୁ ଅଭିଯୁକ୍ତଙ୍କୁ ଜେଲ ପଠାଯାଇଛି। ଛତ୍ରପୁର ସାଇଣ୍ଟିଫିକ୍ ଟିମ୍ ଅଭିଯୁକ୍ତଙ୍କ ଘରୁ ବିଷ ପଦାର୍ଥର ଏକ ପାଉଚ ଏବଂ ବିଷ ପିଇଥିବା ଏକ ତାଟିଆକୁ ଜବତ କରି ତଦନ୍ତ ଚଳାଇଛି। ଗତ ୩ ବର୍ଷ ତଳେ ମାଣିକପୁର ଗ୍ରାମର ଗୋପାଳ ସାହୁ କବିସୂର୍ଯ୍ୟନଗର ଥାନା ଜରଡ଼ ଗ୍ରାମର ରିଜାଙ୍କୁ ବିବାହ କରିଥିଲେ।